RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-79 ◆SATURDAY ◆12 SEPTEMBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୭୯ ◆ଶନିବାର ◆୧୨ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଫାଇନାଲ୍‌ରେ ସାବାଲେଙ୍କା

▶ପୃଷ୍ଠା ୧୨ ଦେଖନ୍ତୁ...

## ଆଜିଠୁ ବ୍ରିକ୍ସ ଶିଖର ସମ୍ମିଳନୀ

# ଦିଲ୍ଲୀ ଉପରେ ବିଶ୍ୱର ନଜର

### ଜାତୀୟ ରାଜଧାନୀରେ ବିଶ୍ୱର ପ୍ରମୁଖ ନେତା

### ପୁତିନ୍, ପେଜେସ୍କିଆନ୍‌ଙ୍କୁ ଭେଟିଲେ ମୋଦୀ

### ଯୁଦ୍ଧ ଓ ବିଶ୍ୱ ଅର୍ଥନୀତି ଉପରେ ଆଲୋଚନା

■ ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ରାଜଧାନୀ ନୂଆଦିଲ୍ଲୀ ସଜେଇ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ଓ ଇରାନ୍ ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍‌ଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ। ଦୁଇ ନେତାଙ୍କ ସହ ଆଲୋଚନାରେ ବାଣିଜ୍ୟ, ଅର୍ଥନୈତିକ ସହଯୋଗ ଓ ଦ୍ୱିପାକ୍ଷିକ ସମ୍ପର୍କ ପ୍ରମୁଖ ପ୍ରସଙ୍ଗ ହେବା ଆଶା କରାଯାଉଛି। ବ୍ରିକ୍ସର ୧୮ତମ ଶିଖର ବୈଠକ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ହେଉଛି। ଏହି ବୈଠକରେ ବ୍ରିକ୍ସର ସଦସ୍ୟ ଓ ସହଭାଗୀ ଦେଶଗୁଡ଼ିକର ନେତାଙ୍କ ସହ ଆମନ୍ତ୍ରିତ ଦେଶର ପ୍ରତିନିଧିମାନେ ମଧ୍ୟ ଯୋଗଦେବେ। ଭାରତ ଚଳିତ ବର୍ଷ ବ୍ରିକ୍ସର ଅଧ୍ୟକ୍ଷତା କରୁଛି। ରୁଷିଆର ରାଷ୍ଟ୍ରପତି ପୁତିନ୍ ଓ ଇରାନ୍‌ର ରାଷ୍ଟ୍ରପତି ପେଜେସ୍କିଆନ୍‌ଙ୍କ ବ୍ୟତୀତ ଚୀନ୍‌ର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି। ୨୦୨୦ ଗଲୱାନ୍ ଘାଟି ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢ଼ିଥିଲା। ତେବେ ସମ୍ପ୍ରତି ଦ୍ୱିପାକ୍ଷିକ ସମ୍ପର୍କରେ ଧୀରେଧୀରେ ସୁଧାର ଦେଖାଯାଉଥିବାରୁ ମୋଦୀ-ସି ଜିନ୍‌ପିଙ୍ଗ୍ ସାକ୍ଷାତ୍‌କୁ ଗୁରୁତ୍ୱ ଦିଆଯାଉଛି। ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା, ବେଲାରୁଷର ରାଷ୍ଟ୍ରପତି ଆଲେକ୍ସାଣ୍ଡର ଲୁକାଶେଙ୍କ, ଇଜିପ୍ଟର ରାଷ୍ଟ୍ରପତି ▶ପୃଷ୍ଠା-୧୦




### ଭାରତ-ରୁଷ ଦ୍ୱିପାକ୍ଷିକ ବାଣିଜ୍ୟିକ ଆଲୋଚନା

## ୨୦୩୦ ସୁଦ୍ଧା ୧୦୦ ବିଲିୟନ୍ ଡଲାର ବ୍ୟବସାୟ ଲକ୍ଷ୍ୟ

■ ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ବ୍ରିକ୍ସ ଶିଖର ସମ୍ମିଳନୀ ୧୮ ତମ ସଂସ୍କରଣ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦମିର ପୁତିନ୍‌ଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୁଇ ନେତା ଦ୍ୱିପାକ୍ଷିକ ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ବ୍ୟାପକ ସମୀକ୍ଷା କରିଛନ୍ତି। ଉଭୟ ଦେଶ ମଧ୍ୟରେ ବାର୍ଷିକ ବାଣିଜ୍ୟକୁ ୨୦୩୦ ମସିହା ସୁଦ୍ଧା ୧୦୦ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ଭାରତ-ରୁଷ୍ ବାଣିଜ୍ୟ ୬୫ ବିଲିୟନ୍ ଡଲାର ରହିଛି। ରୁଷୀୟ ବଜାରରେ ଭାରତୀୟ ରପ୍ତାନିକାରୀଙ୍କ ବଜାର ଅଂଶ ବୃଦ୍ଧି କରି ଦୁଇ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଅସନ୍ତୁଳନ ଦୂର କରିବା ପାଇଁ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ 'ଆର୍ଥିକ ସହଯୋଗ କାର୍ଯ୍ୟକ୍ରମ ୨୦୩୦'ର କାର୍ଯ୍ୟକାରିତା, ଭିତ୍ତିଭୂମି, ଶକ୍ତି, ବେସାମରିକ ପରମାଣୁ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ, ପ୍ରତିରକ୍ଷା ଏବଂ ସାର ଯୋଗାଣ କ୍ଷେତ୍ରରେ ସହଯୋଗ ▶ପୃଷ୍ଠା-୧୦

### ସ୍କୁଲରେ ଭୟାବହ ଅଗ୍ନିକାଣ୍ଡ

## ଜିଅନ୍ତା ଜଳିଗଲେ ୨୯ ଛାତ୍ରଛାତ୍ରୀ



■ ବୁକାଭୁ, ୧୧।୯ (ଏଜେନ୍ସି): କଙ୍ଗୋର ପୂର୍ବାଞ୍ଚଳ ସହର ବୁକାଭୁରେ ଦୁଇଟି ସ୍କୁଲରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୯ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୯ ଜଣ ଛାତ୍ରୀ ଓ ୧୦ ଜଣ ଛାତ୍ର ଅଛନ୍ତି। ଆହତ ୨୯ ଜଣଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସ୍ଥାନୀୟ ପ୍ରଶାସନ ଅନୁସାରେ, ନିକଟସ୍ଥ ଏକ ଘରୁ ପ୍ରଥମେ ନିଆଁ ଲାଗିଥିଲା। ପରେ ଏହା ଫୁରାହା ସେକେଣ୍ଡାରୀ ସ୍କୁଲ ଓ ଉଜାମା ପ୍ରାଥମିକ ସ୍କୁଲକୁ ବ୍ୟାପିଯାଇଥିଲା। ନିଆଁ ଲାଗିବା ସମୟରେ ଅନେକ ଛାତ୍ରଛାତ୍ରୀ ସ୍କୁଲ ଭିତରେ ଫସିଯାଇଥିଲେ। କେତେକ ଛାତ୍ରଛାତ୍ରୀ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି।

## କାର୍ ଭିତରେ ସମିତି ସଭ୍ୟଙ୍କୁ ଗୁଳି କରି ହତ୍ୟା



■ ଡୁଙ୍ଗୁରିପାଲି, ୧୧।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ଚିନାଜୁରୀ-କେବାଡ ରାସ୍ତାରେ ବରଗଡ଼ ଜିଲ୍ଲା ଆଗଲପୁର ସମିତି ସଭ୍ୟ ଅଚ୍ୟୁତାନନ୍ଦ ନାଏକ (୩୬)ଙ୍କୁ କାର୍ ଭିତରେ ଗୁଳି କରି ହତ୍ୟା କରାଯାଇଛି। ସେ ବରଗଡ଼ ଜିଲ୍ଲା ବରପାଲି ଥାନା ଅଧୀନ କେବାଡ଼ ଗ୍ରାମର ସଭାପତି ନାଏକ (୬୪)ଙ୍କ ପୁଅ। ଗୁରୁବାର ରାତିରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତ ତାଙ୍କୁ କାର୍ ଭିତରେ ତାଙ୍କୁ ଗୁଳି କରି ଫେରାର୍ ମାରିଛନ୍ତି। ତେବେ ଗୁଳିକାଣ୍ଡର କାରଣ ଜଣା ପଡିନି। ଗୁରୁବାର ରାତିରେ ଖାଇ ସାରି ସେ ନିଜ ସ୍ୱିଫ୍ଟ ଡିଜାୟର୍ କାର୍ (ଓଡି-୧୫-ଏ-୮୧୯୧)ଯୋଗେ କେବାଡ଼ ଗ୍ରାମସ୍ଥିତ ନିଜ ଘରୁ ଚିନାଜୁରି ଅଭିମୁଖେ ବାହାରିଥିଲେ; ହେଲେ ଘରକୁ ଫେରି ନ ଥିଲେ। ଟଙ୍କା ଦେବାକୁ ତାଙ୍କୁ ବରଗଡ଼ ଜଣେ ବ୍ୟକ୍ତି ଫୋନ୍ କରି ଡାକିଥିଲେ। ଜମିବାଡିକୁ କେନ୍ଦ୍ର କରି ହତ୍ୟା ▶ପୃଷ୍ଠା-୧୦

## ୟୁଏଇରୁ ୨.୪୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ

### ଓଡ଼ିଶାକୁ ଭାରତର ପରବର୍ତ୍ତୀ ଉତ୍ପାଦନ ଓ ନିବେଶ କେନ୍ଦ୍ର ଭାବରେ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୧।୯ (ସମିସ): ଓଡ଼ିଶାକୁ ବ୍ୟାପକ ପୁଞ୍ଜିନିବେଶ ଆଣିବା ଓ ନିବେଶ କେନ୍ଦ୍ର ଭାବେ ଗଢ଼ିବା ଲକ୍ଷ୍ୟରେ ୟୁଏଇରେ ଚାଲିଥିବା ତିନିଦିନିଆ ନିବେଶ ଅଭିଯାନ ଶୁକ୍ରବାର ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ଓଡ଼ିଶା ପାଇଁ ମୋଟ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିବା ବେଳେ ଏଥିରୁ ୬ ଲକ୍ଷ ୧୮ ହଜାର ୭୨୫ଟି ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ରହିଛି। ତିନିଦିନିଆ କାର୍ଯ୍ୟକ୍ରମରେ ଆବୁଧାବି ଓ ଦୁବାଇରେ ନିବେଶକଙ୍କ ସହ ୪୬ଟି ୱାନ



ଟୁ ୱାନ ବୈଠକ ଓ ୬ଟି ରାଉଣ୍ଡଟେବୁଲ୍ ଆଲୋଚନା ହୋଇଥିଲା। ଏହାସହ ୮ଟି ଏମ୍‌ଓୟୁ ଏବଂ ୧୬ଟି ନିବେଶ ଆଗ୍ରହ ପତ୍ର (ଆଇଆଇଏଫ୍) ସ୍ୱାକ୍ଷରିତ ହୋଇଛି। ରାଉଣ୍ଡଟେବୁଲ୍ ବୈଠକଗୁଡ଼ିକରେ ପ୍ରାୟ ୧୬୦ ଜଣ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ଅଭିଯାନର ଶେଷ ଦିନ ଦୁବାଇରେ 'ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍–ୟୁଏଇ ୨୦୨୬' ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୪୦୦ ଜଣ ବ୍ୟବସାୟୀ, ନିବେଶକ ଓ ୟୁଏଇ ବ୍ୟବସାୟିକ ସମୁଦାୟର ପ୍ରତିନିଧି ଯୋଗଦେଇଥିଲେ। ପର୍ଯ୍ୟଟନ, ଲଜିଷ୍ଟିକ୍ସ, ଆର୍ଥିକ ▶ପୃଷ୍ଠା-୧୦

### କ୍ରସ୍ ଭୋଟିଂ ଅଭିଯୋଗରେ ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗ

## ବାଚସ୍ପତିଙ୍କ ନିଷ୍ପତ୍ତିକୁ ବିଜେଡିର ଚାଲେଞ୍ଜ

■ କଟକ, ୧୧।୯ (ସମିସ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୋଧରେ ଭୋଟ୍ ଦେଇଥିବା ଅଭିଯୋଗରେ ବିଜେଡିର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ସଂକ୍ରାନ୍ତ ରାଜନୈତିକ ବିବାଦ ଏବେ ନ୍ୟାୟିକ ଲଢେଇରେ ପରିଣତ ହୋଇଛି। ବିଜେଡିର ଆବେଦନକୁ ବାଚସ୍ପତି ସୁରମା ପାଢ଼ୀ ଖାରଜ କରିବା ପରେ ଦଳ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିଜେଡିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବାଚସ୍ପତିଙ୍କୁ ପକ୍ଷଭୁକ୍ତ କରି



### ହାଇକୋର୍ଟରେ ଆବେଦନ

ହାଇକୋର୍ଟରେ ରିଟ୍ ପିଟିସନ୍ (ସିଭିଲ୍) ଦାଖଲ କରିଛନ୍ତି। ଦଳର ପକ୍ଷ ଶୁଣିବାର ସୁଯୋଗ ନଦେଇ ବାଚସ୍ପତି ଏକତରଫା ଭାବେ ଆବେଦନ ଖାରଜ କରିଥିବାରୁ ଏହା ବିରୋଧରେ ଦଳ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ସେ କହିଛନ୍ତି। ଦଳୀୟ ନିଷ୍ପତ୍ତି ଓ ହ୍ୱିପ୍‌କୁ ଅବମାନନା କରିଥିବା ୮ ବିଧାୟକଙ୍କ ବିରୋଧରେ ଆବେଦନ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍ ଅମାନ୍ୟ କରି ▶ପୃଷ୍ଠା-୧୦

### ପୁରୀ ମୁଖ୍ୟ ଚିକିତ୍ସାଳୟ

## ଏ ପଜିଟିଭ ରକ୍ତ ବଦଳରେ ବି ପଜିଟିଭ ଦେଇଦେଲେ

■ ପୁରୀ, ୧୧।୯ (ସମିସ): ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଜୀବନ ସହ ଖେଳ। ଜଟିଳ ଲିକୋମିଆ ରୋଗରେ ପୀଡ଼ିତ ଜଣେ ୫୨ ବର୍ଷୀୟା ମହିଳାଙ୍କୁ 'ଏ' ପଜିଟିଭ ବ୍ଲଡ୍ ବଦଳରେ 'ବି' ପଜିଟିଭ ରକ୍ତ ଦିଆଯାଇଥିବା ଅଭିଯୋଗ ହୋଇଛି। ଭୁଲ୍ ରକ୍ତ ନେବା ପରେ

### ଗୁରୁତର ମହିଳା ଭୁବନେଶ୍ୱର ସ୍ଥାନାନ୍ତର

ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଗୁରୁତର ହୋଇପଡିଥିଲା। ଗୁରୁବାର ତାଙ୍କର ରକ୍ତବାନ୍ତି ହେବା ପରେ ତାଙ୍କୁ ପୁରୀରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ପୁରୀ ସଦର ଥାନା ଅନ୍ତର୍ଗତ ଚନ୍ଦନପୁର ଅଞ୍ଚଳର ପ୍ରଦର୍ଶନୀ ପ୍ରଧାନ ଦୀର୍ଘଦିନ ଧରି ଜଟିଳ ଲିକୋମିଆ ରୋଗରେ ପୀଡ଼ିତ ଅଛନ୍ତି। ▶ପୃଷ୍ଠା-୧୦

### ପାଞ୍ଚ ରାଜ୍ୟ ନିର୍ବାଚନ ସମୟରେ ଚାନ୍ଦା

## ବିଜେପିକୁ ମିଳିଛି ୧,୪୭୩ କୋଟି

■ ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନ ପରେ ରାଜନୈତିକ ଦଳଗୁଡ଼ିକର ନିର୍ବାଚନୀ ପାଣ୍ଠିକୁ ନେଇ ଆସିଛି ବିସ୍ତୃତ ତଥ୍ୟ। ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଖର୍ଚ୍ଚ ଓ ଆୟ ସମ୍ପର୍କିତ ବିବରଣୀ ଅନୁସାରେ ବିଜେପିର କେନ୍ଦ୍ରୀୟ ମୁଖ୍ୟାଳୟକୁ ନିର୍ବାଚନ ସମୟରେ ପ୍ରାୟ ୧,୪୭୨.୮ କୋଟି ଟଙ୍କା ମିଳିଛି। ଏହା କଂଗ୍ରେସର କେନ୍ଦ୍ରୀୟ ଓ ପାଞ୍ଚ ରାଜ୍ୟ ୟୁନିଟ୍‌ର ମିଳିତ ପାଣ୍ଠି ୨୦୭.୧୭ କୋଟି ଟଙ୍କାରୁ ୭ ଗୁଣରୁ ଅଧିକ।

୨୦୨୬ରେ ଆସାମ, କେରଳ, ତାମିଲନାଡ୍ରୁ, ପଶ୍ଚିମବଙ୍ଗ ଓ ପୁଡୁଚେରୀରେ ନିର୍ବାଚନ ହୋଇଥିଲା। ମାର୍ଚ୍ଚ ୧୫ରୁ ମେ' ୬ ପର୍ଯ୍ୟନ୍ତ

### କଂଗ୍ରେସକୁ ମିଳିଥିବା ଚାନ୍ଦାଠାରୁ ୭ ଗୁଣରୁ ଅଧିକ

### ୫୦ ଦିନରେ ବିଜେପି ପାଣ୍ଠି ୯୦୪ କୋଟି ବୃଦ୍ଧି

ଚାଲିଥିବା ଏହି ନିର୍ବାଚନୀ ଅବଧିରେ କଂଗ୍ରେସ ୨୦୭.୧୭ କୋଟି ଟଙ୍କାର ଶୁଦ୍ଧ ପ୍ରାପ୍ତି (ଟିକସ ପରେ) ଦର୍ଶାଇଥିବା ବେଳେ ମୋଟ ନିର୍ବାଚନୀ ଖର୍ଚ୍ଚ ୨୪୮.୫୫ କୋଟି ଟଙ୍କା ଦର୍ଶାଇଛି। ଅନ୍ୟପଟେ ବିଜେପି କେବଳ କେନ୍ଦ୍ରୀୟ ମୁଖ୍ୟାଳୟରେ ୧,୪୭୨.୮ କୋଟି ଟଙ୍କା ଚାନ୍ଦା ପାଇଛି। ତେବେ ବିଜେପିର କେରଳ ଓ ପଶ୍ଚିମବଙ୍ଗ ନିର୍ବାଚନ ସମ୍ପର୍କିତ ଖର୍ଚ୍ଚ ବିବରଣୀ ଏପର୍ଯ୍ୟନ୍ତ ସାର୍ବଜନୀନ କରି ନ ▶ପୃଷ୍ଠା-୧୦

### ସର୍କିଟ ହାଉସରେ ଆଡଲ୍ଟ ଅଭିନେତ୍ରୀଙ୍କ ରହଣି

## ବ୍ୟବସ୍ଥା କରିଥିଲେ ପୂର୍ବତନ ଏସ୍‌ପିଙ୍କ ପୁଅ

■ ରାଉରକେଲା, ୧୧।୯ (ସମିସ): ରାଉରକେଲା ସର୍କିଟ୍ ହାଉସ୍‌ରେ ଆଡ଼ଲ୍ଟ ୱେବ୍ ସିରିଜ୍ ତଥା ସଫ୍ଟ ପର୍ଣ୍ଣ ଅଭିନେତ୍ରୀ ଟିନା ନନ୍ଦୀଙ୍କ ରହଣି ଭିଡ଼ିଓ ଭାଇରାଲ ହେବା ପରେ ତଦନ୍ତ ଜୋରଦାର କରିଛି ରାଉରକେଲା ପୁଲିସ। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଟିନା ବ୍ୟବହାର କରିଥିବା ଅଡ଼ି କାର୍‌କୁ ଜବତ କରିବା ସହ ଏହାର ମାଲିକ ଶୁଭେନ୍ଦୁ ପଣ୍ଡାଙ୍କୁ ଥାନାକୁ ଆଣିଛି। ସେହିପରି ଛେଣ୍ଡରୁ ଆଶିଷ ମହାନ୍ତି ନାମକ ଜଣେ ଯୁବକଙ୍କୁ ମଧ୍ୟ ଥାନାକୁ ଅଣାଯାଇଛି।

### ଅଡ଼ି କାର୍ ଜବତ, ଗାଡ଼ି ମାଲିକଙ୍କୁ ପଚରାଉଚରା

### କମ୍ପାନୀ ସିଇଓ କୁହାଯାଉଥିବା ବ୍ୟକ୍ତିଙ୍କ ପତ୍ତା ମିଳୁନି


ମିଳିଥିବା ସୂଚନା ଅନୁସାରେ ଟିନା ନନ୍ଦୀଙ୍କୁ ଏକ କାର୍ଯ୍ୟକ୍ରମ ପାଇଁ ରାଉରକେଲା ଅଣାଯାଇଥିଲା। ଝାରସୁଗୁଡ଼ା ବିମାନବନ୍ଦରରୁ ଶୁଭେନ୍ଦୁ ପଣ୍ଡା ତାଙ୍କୁ ରାଉରକେଲା ▶ପୃଷ୍ଠା-୧୦



### ସର୍କିଟ୍‌ହାଉସ୍ ନା ଧର୍ମଶାଳା!

ଟିନା ନନ୍ଦୀ କେଉଁ କାମ ପାଇଁ ଆସିଥିଲେ ଓ କାହା ସହ ମିଶିଲେ ତାହା ସବୁ ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ମାତ୍ର ଏହା ଯଦି ସରକାରୀ କାର୍ଯ୍ୟ ସହ ଜଡ଼ିତ, ତେବେ ତାହା ତଦନ୍ତ ସାପେକ୍ଷ। ମାତ୍ର ମୁଖ୍ୟ ପ୍ରଶ୍ନ ହେଉଛି ସର୍କିଟ ହାଉସରେ ରୁମ୍ କେଉଁ ପ୍ରକ୍ରିୟାରେ, କାହା ଇଙ୍ଗିତରେ, କାହା ଅନୁରୋଧରେ ବା କାହା ସୁପାରିସରେ ଟିନା ନନ୍ଦୀଙ୍କୁ ଦିଆଯାଇଥିଲା। ରାଉରକେଲା ନୂଆ ସର୍କିଟ ହାଉସ ▶ପୃଷ୍ଠା-୧୦

### ଓଲଟ ପାଲଟ



ଯଥା ରୀତି ଆମ ଭାରତ ବର୍ଷରେ
ଚାଲେ ରାଜନୀତି ଭୋଟ,
ସମ ତାଳ ଦେଇ ଓଡ଼ିଶା ରାଇଜେ
ଚାଲିଅଛି ସେଇ ନାଟ !
କଲେଜ ପାଇଁ କପଟ !
କଲେଜର ନିର୍ବାଚନ ହେଉନାହିଁ
ଛାତ୍ର ଛାତ୍ରୀ ଛଟ ପଟ !
ଏଥରକ ନିର୍ବାଚନ ନ ହୋଇଲେ
ରାଜ୍ୟକୁ ମହା ସଙ୍କଟ !!

-ଯାଯାବର

## ଆସିଲା ଚିଠି ଓରାଙ୍ଗଉଟାନ୍‌ଙ୍କୁ ସ୍ୱଦେଶ ଫେରାଅ

### ଭାରତ ସରକାରଙ୍କୁ ନିବେଦନ କଲା ଇଣ୍ଡୋନେସିଆ

■ ଭୁବନେଶ୍ୱର, ୧୧।୯ (ସମିସ): ବାଲେଶ୍ୱରରୁ ଉଦ୍ଧାର ହୋଇ ନନ୍ଦନକାନନହ କ୍ୱାରେଣ୍ଟାଇନ୍‌ରେ ଥିବା ୫ ଶିଶୁ ଓରାଙ୍ଗଉଟାନ୍‌ଙ୍କୁ ସେମାନଙ୍କ ମୂଳ ଦେଶକୁ ଫେରାଇବା ପାଇଁ ଦାବି ଜୋର୍ ଧରିଛି। ବନ୍ୟଜନ୍ତୁ ଚୋରାଚାଲାଣର ଶିକାର ହୋଇ ଏମାନଙ୍କୁ ବେଆଇନ ଭାବେ ଭାରତକୁ ଅଣାଯାଇଥିବା ଆଶଙ୍କା କରାଯାଉଛି। ତେବେ ତୁରନ୍ତ ଏହି ଓରାଙ୍ଗଉଟାନଙ୍କ ଡିଏନ୍ଏ ପରୀକ୍ଷଣ କରି, ସେମାନେ କେଉଁ ଦେଶର ଚିହ୍ନଟ କରିବା ସହ ସ୍ୱଦେଶ ଫେରାଇବାକୁ ଦାବି ହୋଇଛି। ଏନେଇ ଇଣ୍ଡୋନେସିଆ ବନ ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଚିଠି ଲେଖାଯାଇ ଓରାଙ୍ଗଉଟାନଙ୍କୁ ଫେରାଇ ଦେବାକୁ ଦାବି ହୋଇଥିବା ବେଳେ ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁଏସ୍‌ଓ) ମଧ୍ୟ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ବନ ମହାନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖି ସମାନ କଥା କହିଛି। ସଂସ୍ଥାର ସମ୍ପାଦକ ଡଃ ବିଶ୍ୱଜିତ ମହାନ୍ତି ୧୦ ସେପ୍ଟେମ୍ବରରେ ଲେଖିଥିବା ଚିଠିରେ କହିଛନ୍ତି, ପ୍ରାଥମିକ ତଦନ୍ତ ଓ

### ଇଣ୍ଡୋନେସିଆ ବନ ବିଭାଗ ପକ୍ଷରୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟାରେ ସହଯୋଗ ପ୍ରସ୍ତାବ

### ଡିଏନ୍ଏ ପରୀକ୍ଷା ପରେ ମୂଳ ଦେଶକୁ ଫେରାଇବାକୁ 'ଡବ୍ଲ୍ୟୁଏସ୍‌ଓ'ର ଦାବି

ଶାରୀରିକ ପରୀକ୍ଷାରୁ ୫ ଓରାଙ୍ଗଉଟାନ୍ ଅନ୍ତର୍ଜାତୀୟ ବନ୍ୟଜନ୍ତୁ ଚୋରାଚାଲାଣର ଶିକାର ହୋଇଥିବା ନେଇ ସଙ୍କେତ ମିଳୁଛି। ବିଦେଶୀ ବନ୍ୟପ୍ରାଣୀଙ୍କ ବେଆଇନ ବାଣିଜ୍ୟ ଓ ଏକ୍ସୋଟିକ୍ ପୋଷା ପ୍ରାଣୀ ବଜାର ପାଇଁ ଏମାନଙ୍କୁ ଭାରତକୁ ଅଣାଯାଇଥିବା ଆଶଙ୍କା ପ୍ରକାଶ କରାଯାଇଛି। 'ସାଇଟସ୍' ନିୟମରେ ଏହି ପ୍ରଜାତିଗୁଡ଼ିକୁ ନେଇ ବାଣିଜ୍ୟିକ କାରବାର



ଉପରେ କଠୋର ପ୍ରତିବନ୍ଧକ ରହିଛି। ବେଆଇନ ଭାବେ ସୀମା ପାର କରାଯାଇ ଜବତ ହୋଇଥିବା ଜୀବନ୍ତ ପ୍ରାଣୀଙ୍କୁ ସମ୍ପୃକ୍ତ ରପ୍ତାନିକାରୀ ଦେଶକୁ କିମ୍ବା ଉପଯୁକ୍ତ ରେସ୍କ୍ୟୁ ସେଣ୍ଟରକୁ ▶ପୃଷ୍ଠା-୧୦

## ଦୀଘା ହୋଟେଲ୍‌ରେ ଛାନ୍‌ଭିନ୍

### ୩ ଜଣଙ୍କୁ ଉଠାଇଆଣିଲା ଏସ୍‌ଟିଏଫ୍

■ ଭୁବନେଶ୍ୱର, ୧୧।୯ (ସମିସ): ଓଡ଼ିଶାରେ ୫ ଓରାଙ୍ଗଉଟାନ ଠାବ ହେବା ଘଟଣାକୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ଲାଗି ରହିଛି। ଏହି ବିରଳ ପ୍ରଜାତିର ଜନ୍ତୁଙ୍କୁ କେଉଁମାନେ ଆଣିଥିଲେ ତାକୁ ନେଇ ରହସ୍ୟ ଲାଗିରହିଛି। ଶୁକ୍ରବାର ପୁଲିସ ଡିଜି ବିନୟତୋଷ ମିଶ୍ର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)କୁ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଧିବଦ୍ଧ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ ହୋଇଛି ବୋଲି ଡିଜିପି କହିଛନ୍ତି।

ପଶ୍ଚିମବଙ୍ଗ ଦୀଘାର ଏକ ହୋଟେଲରୁ ୩ ଜଣଙ୍କୁ ଉଠାଇଆଣି ଏସଟିଏଫ୍ ପଚରାଉଚରା କରୁଥିବା ଜଣାପଡ଼ିଛି। ହୋଟେଲ୍‌ର ମାଲିକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ତେବେ ସିସିଟିଭି ଫୁଟେଜରେ ଦେଖାଯାଉଥିବା ଉକ୍ତ କଳାରଙ୍ଗର ଥର୍ ଗାଡ଼ି ହୋଟେଲ୍ ମାଲିକଙ୍କ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଓରାଙ୍ଗଉଟାନ ଠାବ ହେବା ଘଟଣାକୁ ନେଇ ଡିଜିପି କହିଛନ୍ତି ଏହି ଘଟଣାରେ ଏସ୍‌ଟିଏଫ୍ ତଦନ୍ତ କରୁ ବୋଲି ଆମକୁ ପିସିସିଏଫ୍ ଅନୁରୋଧ କରିଥିଲେ। ଏଣୁ ଶୁକ୍ରବାର ଠାରୁ ଏହି ମାମଲାକୁ ନେଇ ଆମେ ତଦନ୍ତ ଆରମ୍ଭ କରିଛୁ। ଏସ୍‌ଟିଏଫ୍‌ର ୱାଇଲ୍ଡ ଲାଇଫ୍ ୱିଙ୍ଗ୍ ଏହି ମାମଲାର ଖୋଳତାଡ଼ ଆରମ୍ଭ କରିଛି।

### ସନ୍ଦେହ ଘେରରେ ହୋଟେଲ୍ ମାଲିକ

# ମହାରାଷ୍ଟ୍ରରେ ଟ୍ରକ୍-ବୋଲେରୋ ଧକ୍କା; ୩ ଶିଶୁଙ୍କ ସମେତ ୯ ମୃତ

ଭଣ୍ଡାରା, ୧୧।୯(ଏଜେନ୍ସି): ମହାରାଷ୍ଟ୍ରର ଭଣ୍ଡାରା ଜିଲ୍ଲା ଦେଇ ଯାଇଥିବା ନାଗପୁର-ରାୟପୁର ଜାତୀୟ ରାଜପଥରେ ଶୁକ୍ରବାର ସକାଳେ ସଡ଼କ ଦୁର୍ଘଟଣାରେ ୩ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ ମହିଳା ଅଛନ୍ତି। ପିମ୍ପଲଗାଓଁ ନିକଟରେ ଏକ ଟ୍ରକ୍ ପେଟ୍ରୋଲ ପମ୍ପରୁ ରାଜପଥକୁ ଆସୁଥିବା ବେଳେ ପଛପଟୁ ଦ୍ରୁତଗତିରେ ଆସୁଥିବା ବୋଲେରୋ ତା'ର ପଛରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୮ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ହୋଇଛି। ଆହତମାନଙ୍କୁ ସାକୋଲି ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଜପଥ ନିକଟରେ ଲାଗିଥିବା ସିସିଟିଭିରେ ଦୁର୍ଘଟଣା ପୂର୍ବରୁ ବୋଲେରୋଟି ଦ୍ରୁତଗତିରେ ଯାଉଥିବା ଦୃଶ୍ୟ କଏଦ ହୋଇଛି। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଘଟଣାର ତଦନ୍ତ କରୁଛି।

# ୧୭ ଥର ଛୁରା ଭୁସି ଯୁବକଙ୍କୁ ହତ୍ୟା

ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ପୂର୍ବ ଦିଲ୍ଲୀର ମଣ୍ଡାୱାଲି ଅଞ୍ଚଳରେ ଦୁଇ ଜଣଙ୍କ ସହ ବଚସା ପରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ୧୭ ଥର ଛୁରାମାଡ଼ କରାଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଅନୁସାରେ, ଗୁରୁବାର ସନ୍ଧ୍ୟାରେ ଏକ ସ୍କୁଲ ନିକଟରେ ଏହି ଘଟଣା ଘଟିଥିଲା। ମୃତ ଯୁବକଙ୍କୁ ବଂଶ ଦେଢା ବୋଲି ଚିହ୍ନଟ କରାଯାଇଛି। ଆହତ ଅବସ୍ଥାରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଚସା ପରେ କେଶବ କୁମାର ନାମକ ଜଣେ ଯୁବକ ତାଙ୍କ ସହଯୋଗୀଙ୍କ ସହ ମିଶି ବଂଶଙ୍କୁ ପିଛା କରିଥିଲେ ଏବଂ ସ୍କୁଲ ନିକଟରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣା ପରେ ଉଭୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୁଲିସ କେଶବ କୁମାରଙ୍କୁ ଗିରଫ କରିଥିବା ବେଳେ ଦ୍ୱିତୀୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି। ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରି ପୁଲିସ ତଦନ୍ତ ଜାରି ରଖିଛି।

# ୭୫.୪ କୋଟି ଟଙ୍କାର ଠକେଇ: ବନ ଅଧିକାରୀ, ପତ୍ନୀ, କମ୍ପାନୀ ବିରୋଧରେ ସିବିଆଇ ଚାର୍ଜସିଟ୍

ଚଣ୍ଡୀଗଡ଼, ୧୧।୯(ଏଜେନ୍ସି): ଚଣ୍ଡୀଗଡ଼ର ସିଆରଇଏସ୍‌ଟି ଜନସାଧାରଣଙ୍କ ଅର୍ଥ ହେରଫେର ମାମଲାରେ ସିବିଆଇ ଭାରତୀୟ ବନ ସେବା ଅଧିକାରୀ ନବନୀତ ଶ୍ରୀବାସ୍ତବ, ତାଙ୍କ ପତ୍ନୀ ଓ ତାଙ୍କ କମ୍ପାନୀ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଏହି ମାମଲାରେ ପ୍ରାୟ ୭୫.୪ କୋଟି ଟଙ୍କାର ଅର୍ଥ ହେରଫେର ହୋଇଥିବା ଅଭିଯୋଗ ରହିଛି। ଶ୍ରୀବାସ୍ତବ ସିଆରଇଏସ୍‌ଟ ସିଇଓ ଥିବା ସମୟରେ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଷଡ଼ଯନ୍ତ୍ର କରି ଅର୍ଥ ହେରଫେର କରିଥିବା ସିବିଆଇ ଅଭିଯୋଗ କରିଛି। ତାଙ୍କ ପତ୍ନୀଙ୍କ କମ୍ପାନୀକୁ ହେରଫେର ହୋଇଥିବା ଅର୍ଥରୁ ୯୫ ଲକ୍ଷ ଟଙ୍କା ମିଳିଥିବା ଏବଂ ଏହାରେ ସ୍ଥାବର ସମ୍ପତ୍ତି କିଣାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ମାମଲାରେ ସିବିଆଇ ଏପର୍ଯ୍ୟନ୍ତ ମୋଟ ୧୬ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି।

# ଆଖିରେ ଲଙ୍କାଗୁଣ୍ଡ ପକାଇ ୪.୫୩ ଲକ୍ଷ ଲୁଟ୍: ଅଧ ଘଣ୍ଟାରେ ଧରାପଡ଼ିଲେ

ନାଗପୁର, ୧୧।୯(ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ବ୍ୟାଙ୍କ କର୍ମଚାରୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ୪.୫୩ ଲକ୍ଷ ଟଙ୍କା ଲୁଟ୍‌ର ଏକ ଘଟଣା ସାମ୍ନାକୁ ଆସିଛି। ଲୁଟ୍ ପରେ ଅଭିଯୁକ୍ତ ଫେରାର ହେବାକୁ ଉଦ୍ୟମ କରିଥିଲେ ମଧ୍ୟ ବ୍ୟାଙ୍କ କର୍ମଚାରୀ ଓ ପୁଲିସ ତାଙ୍କୁ ପିଛା କରି ପ୍ରାୟ ୩୦ ମିନିଟ୍ ମଧ୍ୟରେ ଧରିଥିଲେ। ଘଟଣାଟି ବ୍ୟାଙ୍କ ଭିତରେ ଓ ଆଖପାଖରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ପୁଲିସ ଅଭିଯୁକ୍ତଙ୍କଠାରୁ ଲୁଟ୍ ହୋଇଥିବା ସମ୍ପୂର୍ଣ୍ଣ ୪.୫୩ ଲକ୍ଷ ଟଙ୍କା ଉଦ୍ଧାର କରିଛି। ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଜଣେ ବ୍ୟକ୍ତି ପଛପଟୁ ଆସି କର୍ମଚାରୀଙ୍କ ମୁହଁ ଓ ଆଖିରେ ଲଙ୍କାଗୁଣ୍ଡ ପକାଇଥିଲେ। ଆଖିରେ ଲଙ୍କାଗୁଣ୍ଡ ପଡ଼ିବାରୁ କର୍ମଚାରୀମାନେ ଠିକ୍ ଭାବେ ଦେଖିପାରି ନ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ୪.୫୩ ଲକ୍ଷ ଟଙ୍କା ଥିବା ବ୍ୟାଗ୍ ଛଡ଼ାଇ ଫେରାର ହୋଇଥିଲେ। ଅଭିଯୁକ୍ତ ଦୌଡ଼ି ପଳାଉଥିବା ଦେଖି ବ୍ୟାଙ୍କ କର୍ମଚାରୀମାନେ ପାଟି କରି ତାଙ୍କ ପିଛା କରିଥିଲେ କର୍ମଚାରୀ ଓ ପୁଲିସର ମିଳିତ ଉଦ୍ୟମରେ ବ୍ୟାଙ୍କଠାରୁ ପ୍ରାୟ ୧ କିଲୋମିଟର ଦୂରରେ ଅଭିଯୁକ୍ତ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତଙ୍କ ନାମ ୨୮ ବର୍ଷୀୟ ସୂରଜ ଭୋଜରାଜ ବୋରକର ବୋଲି ଜଣାପଡ଼ିଛି।

# ୧୬ ବର୍ଷ ଜେଲ୍‌ରେ ରହିବା ପରେ ନିର୍ଦ୍ଦୋଷ ଘୋଷିତ ହେଲେ ରଣଜିତ

ପାଟନା, ୧୧।୯(ଏଜେନ୍ସି): ୨୦୦୦ ମସିହାର ଏକ ହତ୍ୟା ମାମଲାରେ ୧୬ ବର୍ଷ ଜେଲ୍‌ରେ ରହିଥିବା ରଣଜିତ କୁମାର ଝାଙ୍କୁ ମୁକ୍ତ କରିଛନ୍ତି ପାଟନା ହାଇକୋର୍ଟ। ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣ କରିବାରେ ଅଭିଯୋଗପକ୍ଷ ବିଫଳ ହୋଇଥିବା ଏବଂ ତାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନଥିବା କୋର୍ଟ କହିଛନ୍ତି। ପାୱନ କୁମାର ଝାଙ୍କ ହତ୍ୟା ମାମଲାରେ ରଣଜିତଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ନିମ୍ନ ଅଦାଲତର ରାୟକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସାକ୍ଷୀଙ୍କ ବୟାନରେ ଅନେକ ଅସଙ୍ଗତି ଥିବା ସହ ସ୍ୱାଧୀନ ସାକ୍ଷୀଙ୍କୁ କାହିଁକି ପରୀକ୍ଷା କରାଯାଇ ନ ଥିଲା, ସେନେଇ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଘଟଣାସ୍ଥଳର ଆଲୋକ ବ୍ୟବସ୍ଥା, ହତ୍ୟାରେ ବ୍ୟବହୃତ ପିସ୍ତଲର ଫରେନସିକ୍ ପରୀକ୍ଷା ନ କରିବା ଏବଂ ଏଫ୍ଆଇଆର୍ ପଞ୍ଜୀକରଣରେ ବିଳମ୍ବ ଭଳି ପ୍ରସଙ୍ଗକୁ ମଧ୍ୟ କୋର୍ଟ ଗୁରୁତ୍ୱ ଦେଇଛନ୍ତି। ପୁଲିସ ଅଧିକାରୀମାନେ 'ଶତ୍ରୁତାପୂର୍ଣ୍ଣ ସାକ୍ଷୀ'ଙ୍କ ସହ ମିଶି ମିଥ୍ୟା ମାମଲା ପ୍ରସ୍ତୁତ କରିଥିବା ଅଭିଯୋଗ ଉପରେ ବିହାର ଡିଜିପିଙ୍କୁ ଦୁଇ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ସମୟ ଜେଲ୍‌ରେ ରହିବା ଯୋଗୁଁ ରଣଜିତ ମାନସିକ ଅବସାଦର ଶିକାର ହୋଇଥିବା ମଧ୍ୟ କୋର୍ଟ ଉଲ୍ଲେଖ କରିଛନ୍ତି। ତାଙ୍କ ପୁନର୍ବାସ ତଥା ଥଇଥାନ୍ ଓ ଚିକିତ୍ସା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କୁ କୋର୍ଟ କହିଛନ୍ତି।

# ମୁଣ୍ଡକୁ ଇଟାରେ ଛେଚି ପତ୍ନୀ, ୩ ଝିଅଙ୍କୁ ନିର୍ମମ ହତ୍ୟା



ଜୟପୁର, ୧୧।୯(ଏଜେନ୍ସି): ରାଜସ୍ଥାନର ଜୟପୁରରେ ଏକ ହୃଦୟବିଦାରକ ଘଟଣାରେ ଜଣେ ବ୍ୟକ୍ତି ନିଜ ପତ୍ନୀ ଓ ୩ ଝିଅଙ୍କୁ ଇଟାରେ ମୁଣ୍ଡକୁ ଛେଚି ହତ୍ୟା କରିଥିବା ପୁଲିସ କହିଛି। ମୃତକଙ୍କ ମଧ୍ୟରେ ୪୦ ବର୍ଷୀୟ ଗୀତା ଝା ଏବଂ ତାଙ୍କ ୩ ଝିଅ ନନ୍ଦିନୀ, ଗିରିଶା ଓ ରାଧିକା ଅଛନ୍ତି। ତିନି ଝିଅଙ୍କ ବୟସ ୧୭ରୁ ୨୩ ବର୍ଷ ମଧ୍ୟରେ। ପୁଲିସ ଅନୁସାରେ, ମୃତକଙ୍କ ସ୍ୱାମୀ ତଥା ଝିଅମାନଙ୍କ ବାପା ରାହୁଲ ଝା ଘଟଣା ପରେ ଫେରାର ହୋଇଯାଇଛନ୍ତି। ପ୍ରାଥମିକ ତଦନ୍ତରୁ ପାରିବାରିକ ବିବାଦ ହତ୍ୟାକାଣ୍ଡର କାରଣ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ହତ୍ୟାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ଘଟଣା ସାମ୍ନାକୁ ଆସିଥିଲା। ଘରେ କୌଣସି ଗତିବିଧି ଦେଖାଯାଉ ନ ଥିବାରୁ ପଡ଼ୋଶୀ ଓ ସମ୍ପର୍କୀୟମାନଙ୍କ ସନ୍ଦେହ ହୋଇଥିଲା। ପରେ ଖବର ପାଇ ପୁଲିସ ଗୋବିନ୍ଦପୁରାସ୍ଥିତ ଘରେ ପହଞ୍ଚି ଚାରିଜଣଙ୍କ ମୃତଦେହ ଉଦ୍ଧାର କରିଥିଲା। ସେତେବେଳେ ଅଭିଯୁକ୍ତଙ୍କ ୮୫ ବର୍ଷୀୟ ବାପା ଘରେ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ଫରେନସିକ୍ ସାଇନ୍ସ ଲାବରେଟୋରି ଟିମ୍ ଓ ସନ୍ଧାନୀ କୁକୁର ଦଳ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଘଟଣାସ୍ଥଳରୁ ରକ୍ତ ନମୁନା ସମେତ ବିଭିନ୍ନ ଫରେନସିକ୍ ପ୍ରମାଣ ସଂଗ୍ରହ କରିଛି। ହତ୍ୟାରେ ବ୍ୟବହୃତ ହୋଇଥିବା ସନ୍ଦେହରେ ଏକ ଇଟାକୁ ମଧ୍ୟ ଜବତ କରାଯାଇଛି। ଡିସିପି ପଶ୍ଚିମ ପ୍ରଶାନ୍ତ କିରଣ କହିଛନ୍ତି ଯେ ଘଟଣା ପଛରେ ପାରିବାରିକ ବିବାଦ ଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତ କାହିଁକି ଏଭଳି ଆକ୍ରମଣ କଲେ, ତାହା ଜାଣିବାକୁ ତଦନ୍ତ ଚାଲିଛି। ରାହୁଲ ଝାଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଛି। ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚ କଡ଼ାକଡ଼ି କରାଯିବା ସହ ସମ୍ଭାବ୍ୟ ଲୁଚିଥିବା ସ୍ଥାନରେ ଚଢ଼ାଉ ଜାରି ରହିଛି।

ବ୍ରିକ୍ସ ସମ୍ମିଳନୀ

# ଭାରତ ମଣ୍ଡପମ୍‌ରେ ମୋଦୀ-ପୁଟିନ ଆଲୋଚନା

ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ପ୍ରାୟ ୪୫ ମିନିଟ୍ ଧରି ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ବୈଠକ ପରେ ଦୁଇ ନେତା ଏକାଠି ଇନୋପ୍ରମ୍ ପ୍ରଦର୍ଶନୀ ପରିଦର୍ଶନ କରି ବିଭିନ୍ନ ବୈଷୟିକ ପ୍ରଦର୍ଶନୀ ଦେଖିଥିଲେ। ଦୁଇ ନେତା ରାଷ୍ଟ୍ରପତି ପୁଟିନ୍‌ଙ୍କ ସୁରକ୍ଷିତ ଅର୍ମର୍ଡ ଆରୁସ୍ ସେନାଟ୍ ଗାଡ଼ିରେ ଭାରତ ମଣ୍ଡପମ୍‌ରେ ପହଞ୍ଚିଥିଲେ। ଏହି ବିଶେଷ ଗାଡ଼ିଟି ଅତ୍ୟନ୍ତ ମଜବୁତ ସୁରକ୍ଷା ବ୍ୟବସ୍ଥା ସହ ନିର୍ମିତ ହୋଇଛି। ଇନୋପ୍ରମ୍ ପ୍ରଦର୍ଶନୀରେ ଉନ୍ନତ ପ୍ରଯୁକ୍ତି ସହ ଭାରତ-ରୁଷ୍ ସହଯୋଗର ବିଭିନ୍ନ ସମ୍ଭାବନା ପ୍ରଦର୍ଶିତ ହୋଇଥିଲା। ଏଥିରେ ଟନେଲ୍ ନିର୍ମାଣ ଯନ୍ତ୍ର, ବିରଳ ମୃତ୍ତିକା ଖଣିଜ, ଚୁମ୍ବକ ଏବଂ ଯୁଦ୍ଧବିମାନ ଇଞ୍ଜିନ୍ ବିକାଶ ଭଳି କ୍ଷେତ୍ର ସାମିଲ ଥିଲା। ବୈଠକରେ 'ଆତ୍ମନିର୍ଭର ଭାରତ' ଅଭିଯାନ ଅଧୀନରେ ଉଚ୍ଚ ପ୍ରଯୁକ୍ତି, ପ୍ରତିରକ୍ଷା ଉତ୍ପାଦନ ଓ ଅନ୍ୟାନ୍ୟ ରଣନୈତିକ କ୍ଷେତ୍ରରେ ଭାରତର ସ୍ୱାବଲମ୍ବନକୁ ଆହୁରି ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ବିଦେଶ ସଚିବ ବିକ୍ରମ ମିସ୍ରିଙ୍କ ସମେତ ଉଭୟ ଦେଶର ବରିଷ୍ଠ ପ୍ରତିନିଧିମାନେ ଦୁଇ ନେତାଙ୍କ ସହ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ।

## ପୁଟିନଙ୍କୁ 'ତିରୁକ୍କୁରଳ' ଉପହାର ଦେଲେ ମୋଦୀ



ପୁଟିନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଚୀନ ତାମିଲ୍ ଗ୍ରନ୍ଥ 'ତିରୁକ୍କୁରଳ'ର ରୁଷୀୟ ଅନୁବାଦ ଉପହାର ଦେଇଛନ୍ତି। ଭାରତ-ରୁଷିଆ ସମ୍ପର୍କରେ ଏହି ଉପହାରର ବିଶେଷ ସାଂସ୍କୃତିକ ମହତ୍ତ୍ୱ ରହିଛି। ୨୦୨୬ରେ ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ଲାସିକାଲ୍ ତାମିଲ୍ ପକ୍ଷରୁ ପ୍ରକାଶିତ ଏହି ସଂସ୍କରଣରେ ମୂଳ ତାମିଲ୍ ପଦ୍ୟ, ତାହାର ଲିପି ଅନ୍ତରଣ ସହ ରୁଷୀୟ ଅନୁବାଦ ରହିଛି। ରୁଷୀୟ ଅନୁବାଦ ନାଇରା ଏମ୍‌କର୍ଟଚ୍ୟାନ୍‌ଙ୍କ ଦ୍ୱାରା କରାଯାଇଛି। ଭାରତୀୟ ଦର୍ଶନ ଓ ସାହିତ୍ୟ ପ୍ରତି ରୁଷିଆର ଆଗ୍ରହ ଅନେକ ଶତାବ୍ଦୀ ପୁରୁଣା। ତିରୁକ୍କୁରଳ ମଧ୍ୟ ୟୁରୋପୀୟ ଭାଷାଗୁଡ଼ିକରେ ଅନୁବାଦ ହେବା ପରେ ରୁଷୀୟ ବିଦ୍ୱାନ ଓ ସାହିତ୍ୟିକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ରୁଷିଆର ପ୍ରସିଦ୍ଧ ସାହିତ୍ୟିକ ଲିଓ ଟଲଷ୍ଟୟ ମଧ୍ୟ ତିରୁକ୍କୁରଳ ସହ ପରିଚିତ ଥିବା କୁହାଯାଏ। ଏହି ଗ୍ରନ୍ଥରେ ନୈତିକତା, କରୁଣା ଓ ଅହିଂସା ଉପରେ ଦିଆଯାଇଥିବା ଗୁରୁତ୍ୱ ଟଲଷ୍ଟୟଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥିବା ମତ ରହିଛି। ଟଲଷ୍ଟୟ ଓ ମହାତ୍ମା ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା ପତ୍ରାଳାପ ସହ ମଧ୍ୟ ତିରକ୍କୁରଳର ସମ୍ପର୍କ ଥିବା ଦାବି କରାଯାଏ। ତେବେ ଏହାର ପ୍ରଭାବ କେତେଦୂର ଥିଲା, ସେନେଇ ଇତିହାସବିଦ୍‌ମାନଙ୍କ ମଧ୍ୟରେ ନିଶ୍ଚିତ ମତ ନାହିଁ। ତାମିଲ୍ କବି-ଦାର୍ଶନିକ ତିରୁବଲ୍ଲୁଭରଙ୍କ ରଚିତ ତିରୁକ୍କୁରଳରେ ୧, ୩୩୦ଟି ଦ୍ୱିପଦୀ ରହିଛି, ଯାହା ୧୩୩ଟି ଅଧ୍ୟାୟରେ ବିଭକ୍ତ। ପ୍ରାୟ ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୫୦୦ ମଧ୍ୟରେ ଏହା ରଚିତ ହୋଇଥିବା ଅନୁମାନ କରାଯାଏ। ନୈତିକତା, ଶାସନ ଓ ମାନବୀୟ ସମ୍ପର୍କ ଉପରେ ଏହାର ଚିନ୍ତନ ତିରୁକ୍କୁରଳକୁ ତାମିଲନାଡୁର ସୀମା ପାର କରାଇ ବିଶ୍ୱର ବିଭିନ୍ନ ଭାଷାରେ ପହଞ୍ଚାଇଛି।

## ଗୁଡି ବ୍ୟାଗ୍‌ରେ ବିହାରର ସତ୍ତୁ, ଓଡ଼ିଶାର କଫି

ଭାରତରେ ଆୟୋଜନ ହେବାକୁ ଯାଉଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀକୁ ନେଇ ଦେଶର ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଉତ୍ପାଦ ଓ ସଂସ୍କୃତିକୁ ବିଶ୍ୱସ୍ତରରେ ପରିଚିତ କରାଇବାର ପ୍ରୟାସ କରାଯାଇଛି। ସମ୍ମିଳନୀରେ ଯୋଗଦେଉଥିବା ସାମ୍ବାଦିକ ଓ ପ୍ରତିନିଧିମାନଙ୍କ ପାଇଁ ପ୍ରସ୍ତୁତ ଗୁଡି ବ୍ୟାଗ୍‌ରେ ୯ଟି ସାମଗ୍ରୀ ରହିଛି। ଆସନ୍ତା ୧୨ ଓ ୧୩ରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ଏହି ସମ୍ମିଳନୀ ପାଇଁ ପ୍ରସ୍ତୁତ ବ୍ୟାଗ୍‌ରେ ଦେଶର ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ସାମଗ୍ରୀ ସ୍ଥାନ ପାଇଛି। ଏହା ମଧ୍ୟରେ ବିହାରର ସତ୍ତୁ (ଛତୁଆ) ଓ ମଖାନା, ଓଡ଼ିଶାର ଜନଜାତି ଅଞ୍ଚଳର ୧୦୦% ଆରାବିକା କଫି ବିଶେଷ ରହିଛି। ଭଜା ଚଣାରୁ ପ୍ରସ୍ତୁତ ସତ୍ତୁ ପ୍ରୋଟିନ୍‌ରେ ସମୃଦ୍ଧ ଏବଂ ବିହାରର ଏକ ପାରମ୍ପରିକ ଖାଦ୍ୟ ଭାବେ ପରିଚିତ। ସେହିପରି ମଖାନା ମଧ୍ୟ ଦେଶର ଏକ ଲୋକପ୍ରିୟ ପୌଷ୍ଟିକ ଖାଦ୍ୟ। ବିଦେଶୀ ସାମ୍ବାଦିକ ଓ ପ୍ରତିନିଧିମାନେ ଏହି ଦେଶୀ ଖାଦ୍ୟର ସ୍ୱାଦ ନେବାର ସୁଯୋଗ ପାଇବେ। ଗୁଡି ବ୍ୟାଗ୍‌ରେ ଓଡ଼ିଶାର ଜନଜାତି ପାହାଡ଼ିଆ ଅଞ୍ଚଳର କଫି ରଖାଯାଇଥିବା ବେଳେ ଭାରତର ସ୍ଥାନୀୟ ଉତ୍ପାଦକୁ ବିଶ୍ୱ ମଞ୍ଚରେ ପ୍ରୋତ୍ସାହନ ଦେବାର ଏକ ପ୍ରୟାସ। ଏଥିସହ ଗୁଜରାଟର ବ୍ଲକ-ପ୍ରିଣ୍ଟ୍ ଷ୍ଟୋଲ୍, କଫି ମଗ୍ ଓ ଟୋଟ୍ ବ୍ୟାଗ୍ ମଧ୍ୟ ରହିଛି। ବ୍ୟାଗ୍‌ର ଏକ ବିଶେଷତ୍ୱ ହେଉଛି ଏଥିରେ ଚାର୍ଜିଂ ପୋର୍ଟ ବ୍ୟବସ୍ଥା ରହିଛି। ଫଳରେ ସାମ୍ବାଦିକମାନେ ବ୍ୟାଗ୍ ସାଙ୍ଗରେ ରଖିଥିବା ସମୟରେ ମୋବାଇଲ୍ ଓ ଅନ୍ୟ ଉପକରଣ ଚାର୍ଜ କରିପାରିବେ। ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀର ଖବର ସଂଗ୍ରହ ପାଇଁ ପ୍ରାୟ ୧, ୨୦୦ରୁ ୧, ୩୦୦ ସାମ୍ବାଦିକ ଦିଲ୍ଲୀରେ ପହଞ୍ଚିବା ଆଶା କରାଯାଉଛି। ସେମାନଙ୍କ ପାଇଁ ଭାରତ ମଣ୍ଡପମ୍‌ରେ ସ୍ୱତନ୍ତ୍ର ଆନ୍ତର୍ଜାତିକ ମିଡିଆ ସେଣ୍ଟର ମଧ୍ୟ ସ୍ଥାପନ କରାଯାଉଛି।

# ବ୍ରିକ୍ସ ସମ୍ମିଳନୀକୁ ନେଇ କଂଗ୍ରେସରେ ମତଭେଦ


**ଚିଦାମ୍ବରମ୍-ଥରୁର୍ ମୁହାଁମୁହିଁ**

ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ବ୍ରିକ୍ସ ସମ୍ମିଳନୀରୁ ଭାରତକୁ ବାସ୍ତବରେ କେତେ ଲାଭ ମିଳିଛି, ତାହାକୁ ନେଇ କଂଗ୍ରେସରେ ମତଭେଦ ସାମ୍ନାକୁ ଆସିଛି। ଦଳର ବରିଷ୍ଠ ନେତା ପି. ଚିଦାମ୍ବରମ୍ ସମ୍ପ୍ରତି ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀଗୁଡ଼ିକରୁ ଭାରତର ଠୋସ୍ ଲାଭ କ'ଣ ହୋଇଛି ବୋଲି ପ୍ରଶ୍ନ ଉଠାଇଥିବା ବେଳେ କଂଗ୍ରେସ ସାଂସଦ ଶଶୀ ଥରୁର୍ ବ୍ରିକ୍ସର ଗୁରୁତ୍ୱକୁ ସମର୍ଥନ କରିଛନ୍ତି। ଥରୁର୍ କହିଛନ୍ତି, ଭାରତରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ ଦେଶର କୂଟନୈତିକ ଶକ୍ତି ଓ ଅନ୍ତର୍ଜାତୀୟ ପ୍ରଭାବର ପ୍ରମାଣ। ସଦସ୍ୟ ଓ ପର୍ଯ୍ୟବେକ୍ଷକ ଦେଶଗୁଡ଼ିକର ବହୁ ପ୍ରମୁଖ ନେତା ଭାରତ ଆସୁଥିବା ତଥ୍ୟକୁ ସେ ଏକ ବଡ଼ ସଫଳତା ବୋଲି ଅଭିହିତ କରିଛନ୍ତି। ଥରୁରଙ୍କ ମତରେ, ବ୍ରିକ୍ସ ହେଉଛି 'ଗ୍ଲୋବାଲ୍ ସାଉଥ୍' ବା ବିଶ୍ୱ ଦକ୍ଷିଣ ଦେଶଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ବିକାଶଶୀଳ ଦେଶଗୁଡ଼ିକର ବ୍ୟାପକ ଗୋଷ୍ଠୀରେ ୧୦୦ରୁ ଅଧିକ ଦେଶ ରହିଥିବା ସେ କହିଛନ୍ତି। ବର୍ତ୍ତମାନ ବ୍ରିକ୍ସରେ ଥିବା ୧୧ଟି ପ୍ରମୁଖ ଦେଶ ବିଶ୍ୱ ଜନସଂଖ୍ୟାର ଏକ ବଡ଼ ଅଂଶ ଏବଂ ବିଶ୍ୱ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୪୧ ପ୍ରତିଶତ ପ୍ରତିନିଧିତ୍ୱ କରୁଛନ୍ତି। ତେଣୁ ବ୍ରିକ୍ସକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ଥରୁର୍ କହିଛନ୍ତି। ତେବେ ବ୍ରିକ୍ସ ସମ୍ମୁଖୀନ ହେଉଥିବା ବିଭିନ୍ନ ବଡ଼ ଆହ୍ୱାନ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଥରୁରଙ୍କ ମନ୍ତବ୍ୟ ପୂର୍ବରୁ ଚିଦାମ୍ବରମ୍ ବ୍ରିକ୍ସରେ ଭାରତର ଯୋଗଦାନରୁ ମିଳିଥିବା ପ୍ରକୃତ ଲାଭକୁ ନେଇ ପ୍ରଶ୍ନ ଉଠାଇଥିଲେ। ଭାରତ ଜି-୨୦, କ୍ୱାଡ୍ ଏବଂ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଭଳି ଅନ୍ୟାନ୍ୟ ବହୁପକ୍ଷୀୟ ମଞ୍ଚର ମଧ୍ୟ ସଦସ୍ୟ ଥିବା ସେ ଉଲ୍ଲେଖ କରିଥିଲେ। ଏହି ସମସ୍ତ ସଂଗଠନରୁ ଭାରତକୁ ବାସ୍ତବରେ କେଉଁ କେଉଁ ଠୋସ୍ ଲାଭ ମିଳିଛି, ତାହାର ଗୁରୁତର ମୂଲ୍ୟାୟନ ହେବା ଆବଶ୍ୟକ ବୋଲି ଚିଦାମ୍ବରମ୍ କହିଥିଲେ। କଂଗ୍ରେସର ଦୁଇ ବରିଷ୍ଠ ନେତାଙ୍କ ଭିନ୍ନ ମତକୁ ନେଇ ବିଜେପି କଂଗ୍ରେସକୁ ଟାର୍ଗେଟ୍ କରିଛି। ଏହି ମତଭେଦକୁ ଆଧାର କରି ବିଜେପି କଂଗ୍ରେସର ବ୍ରିକ୍ସ ନୀତି ଓ ଭାରତର ବ୍ରିକ୍ସ ସହ ଯୋଗଦାନ ଉପରେ ଦଳର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛି।

# ନେପାଳର ପୁନଃନିର୍ମାଣରେ ଖର୍ଚ୍ଚ ହେବ ୪.୫୨ ଲକ୍ଷ କୋଟି: ବନ୍ୟାରେ ୧୬ ଲକ୍ଷ ପ୍ରଭାବିତ

କାଠମାଣ୍ଡୁ, ୧୧।୯(ଏଜେନ୍ସି): ଅଗଷ୍ଟ ୨୬ରେ ନେପାଳରେ ଆସିଥିବା ଭୟଙ୍କର ବନ୍ୟା ଓ ଭୂସ୍ଖଳନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ନଷ୍ଟ ହୋଇଥିବା ଘର, ରାସ୍ତା ଓ ସେତୁ ସମେତ ସମ୍ପୂର୍ଣ୍ଣ ଭିତ୍ତିଭୂମିର ପୁନର୍ନିର୍ମାଣ ପାଇଁ ପ୍ରାୟ ୪.୫୨ ଲକ୍ଷ କୋଟି ଟଙ୍କା ଆବଶ୍ୟକ ହେବ ବୋଲି ଆକଳନ କରାଯାଇଛି। ଏହି ରାଶି ନେପାଳର ମୋଟ ଜିଡିପି ୪.୩୨ ଲକ୍ଷ କୋଟି ଟଙ୍କାଠାରୁ ମଧ୍ୟ ଅଧିକ। ବନ୍ୟାରେ ପ୍ରାୟ ୧୬ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୧, ୩୮୫ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୫, ୧୩୦ ଜଣ ନିଖୋଜ ଅଛନ୍ତି। ପୁନର୍ନିର୍ମାଣ ଖର୍ଚ୍ଚର ପ୍ରାୟ ୭୫ ପ୍ରତିଶତ, ଅର୍ଥାତ୍ ୨.୯୬ ଲକ୍ଷ କୋଟି ଟଙ୍କା, ରାସ୍ତା, ସେତୁ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ଜରୁରୀ ଭିତ୍ତିଭୂମି ପୁନର୍ନିର୍ମାଣରେ ଖର୍ଚ୍ଚ ହେବ। ବନ୍ୟାରେ ୭, ୫୭୦ଟି ଘର, ୪୮ଟି ସରକାରୀ କୋଠା, ୧୮ଟି ସ୍କୁଲ୍ ଏବଂ ୭ଟି ସ୍ୱାସ୍ଥ୍ୟକେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ଏହି ବିପର୍ଯ୍ୟୟ ପରେ ଭାରତ ନେପାଳକୁ ସହଯୋଗ କରୁଛି। ଅଗଷ୍ଟ ୨୬ରୁ ଆଠଟି ସ୍ୱତନ୍ତ୍ର ବିମାନରେ ୧୩୦ ଟନ୍‌ରୁ ଅଧିକ ରିଲିଫ୍ ସାମଗ୍ରୀ ନେପାଳ ପଠାଯାଇଛି। ଏଥିସହ ୫୪ ଜଣ ବିଶେଷଜ୍ଞଙ୍କୁ ମଧ୍ୟ ନେପାଳ ପଠାଇଛି ଭାରତ। ନେପାଳ ପାଇଁ ଏବେ ତୁରନ୍ତ ରିଲିଫ୍ ଯୋଗାଇବା ସହ ପରବର୍ତ୍ତୀ କିଛି ବର୍ଷ ଧରି ରାସ୍ତା, ସେତୁ, ବିଦ୍ୟୁତ୍, ସ୍କୁଲ୍, ସ୍ୱାସ୍ଥ୍ୟକେନ୍ଦ୍ର ଓ ଘର ପୁନର୍ନିର୍ମାଣ କରିବା ଏକ ବଡ଼ ଆର୍ଥିକ ଆହ୍ୱାନ ହୋଇ ରହିବ।

# ଏଲ୍ ନିନୋ ପ୍ରଭାବରେ ପ୍ରଶାନ୍ତ ମହାସାଗରରେ ସାମୁଦ୍ରିକ ଉତ୍ପାଦନ ହ୍ରାସ



ବେଙ୍ଗାଲୁରୁ, ୧୧।୯(ଏଜେନ୍ସି): ଏଲ୍ ନିନୋ ପ୍ରଭାବରେ ଭୂମଧ୍ୟରେଖା ସ୍ଥିତ ପ୍ରଶାନ୍ତ ମହାସାଗରରେ ସାମୁଦ୍ରିକ ଜୈବ ଉତ୍ପାଦନ ହ୍ରାସ ପାଉଥିବା ଇସ୍ରୋର 'ଓସନ୍‌ସାଟ୍-୩' ଉପଗ୍ରହ ତଥ୍ୟରୁ ଜଣାପଡ଼ିଛି। ବିଶେଷକରି ସମୁଦ୍ରପୃଷ୍ଠରେ 'କ୍ଲୋରୋଫିଲ୍-ଏ'ର ମାତ୍ରା ହ୍ରାସ ପାଇଛି। ଏଲ୍ ନିନୋ ସମୟରେ ପ୍ରଶାନ୍ତ ମହାସାଗରର ସମୁଦ୍ରପୃଷ୍ଠ ଅସ୍ୱାଭାବିକ ଭାବେ ଉଷ୍ମ ହୋଇଥାଏ। ଏହା ଯୋଗୁଁ ପବନ ଓ ସମୁଦ୍ର ଜଳର ପ୍ରବାହରେ ପରିବର୍ତ୍ତନ ଘଟେ। ଫଳରେ ଗଭୀର ସମୁଦ୍ରର ପୋଷକତତ୍ତ୍ୱଯୁକ୍ତ ଥଣ୍ଡା ଜଳ ଉପରକୁ ଆସିବା କମିଯାଏ। ଇସ୍ରୋର ଜାତୀୟ ରିମୋଟ୍ ସେନ୍ସିଂ କେନ୍ଦ୍ର ପକ୍ଷରୁ ୨୦୨୩ରୁ ୨୦୨୬ ମଧ୍ୟରେ ଏପ୍ରିଲ୍‌ରୁ ଜୁନ୍ ପର୍ଯ୍ୟନ୍ତର ତଥ୍ୟ ବିଶ୍ଳେଷଣ କରାଯାଇଛି। ୨୦୨୬ ଜୁନ୍‌ର ତଥ୍ୟରେ କ୍ଲୋରୋଫିଲ-ଏର ଉଲ୍ଲେଖନୀୟ ହ୍ରାସ ଏବଂ ସମୁଦ୍ରପୃଷ୍ଠ ପବନର ଦିଗ ପରିବର୍ତ୍ତନ ଦେଖାଯାଇଛି। କ୍ଲୋରୋଫିଲ୍-ଏ ହ୍ରାସ ପାଇଲେ ଫାଇଟୋପ୍ଲାଙ୍କଟନ୍‌ର ବୃଦ୍ଧି କମିଥାଏ। ଏହା ସାମୁଦ୍ରିକ ଖାଦ୍ୟଶୃଙ୍ଖଳାକୁ ପ୍ରଭାବିତ କରି ମାଛ ଓ ଅନ୍ୟ ସାମୁଦ୍ରିକ ଜୀବଙ୍କ ପାଇଁ ଖାଦ୍ୟ ଉପଲବ୍ଧତା କମାଇପାରେ। ଏଲ୍ ନିନୋ ଆହୁରି ତୀବ୍ର ହେଲେ ଆଗାମୀ ମାସଗୁଡ଼ିକରେ ଏହି ପ୍ରଭାବ ବଢ଼ିପାରେ ବୋଲି ଇସ୍ରୋ ପକ୍ଷରୁ ସତର୍କ କରାଯାଇଛି।

# ହିଜବୁଲ୍ଲାର ୨ କିମି ଲମ୍ବା ସୁଡ଼ଙ୍ଗ ଧ୍ୱଂସ କଲା ଇସ୍ରାଏଲ୍

- ବିସ୍ଫୋରଣରେ ୪.୧ ତୀବ୍ରତାର କମ୍ପନ
- ନେତନ୍ୟାହୁ କହିଲେ, 'ମିଶନ୍ ସଫଳ, ନୂଆବର୍ଷର ଶୁଭେଚ୍ଛା'
- ସୁଡ଼ଙ୍ଗ ଭିତରୁ ରକେଟ୍, କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଜବତ

ବେରୁଟ୍, ୧୧।୯(ଏଜେନ୍ସି): ଦକ୍ଷିଣ ଲେବାନନରେ ଇସ୍ରାଏଲ ତା'ର ସାମରିକ ଆକ୍ରମଣକୁ ଆହୁରି ବ୍ୟାପକ କରିଛି। ହିଜବୁଲ୍ଲାର ୨ କିଲୋମିଟରରୁ ଅଧିକ ଲମ୍ବା ସୁଡ଼ଙ୍ଗ ନେଟୱର୍କକୁ ବିସ୍ଫୋରକ ବ୍ୟବହାର କରି ଧ୍ୱଂସ କରିଛି ଇସ୍ରାଏଲୀ ସେନା। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, ଏହାର ପ୍ରଭାବରେ ଅଞ୍ଚଳରେ ୪.୧ ତୀବ୍ରତାର ଭୂକମ୍ପ ଭଳି କମ୍ପନ ଅନୁଭୂତ ହୋଇଥିବା ଜଣାପଡ଼ିଛି। ଲେବାନନର ସରକାରୀ ସମ୍ବାଦ ସଂସ୍ଥା ଅନୁସାରେ, ବିସ୍ଫୋରଣ ପରେ ଆଖପାଖ ଅଞ୍ଚଳରେ ମାଟି ଥରିଉଠିଥିଲା। ଏହି ସାମରିକ ଅଭିଯାନ ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ କହିଛନ୍ତି, 'ମିଶନ୍ ସଫଳ ହୋଇଛି। ନୂଆବର୍ଷର ଶୁଭେଚ୍ଛା।' ଇସ୍ରାଏଲୀ ସେନାର କହିବା ଅନୁସାରେ, ଏହି ଭୂତଳ ସୁଡ଼ଙ୍ଗ ନେଟୱର୍କ ଭିତରେ ଇରାନରେ ନିର୍ମିତ ୧୨ରୁ ଅଧିକ ରକେଟ୍, କ୍ଷେପଣାସ୍ତ୍ର



ଓ ଡ୍ରୋନ୍ ରଖାଯାଇଥିଲା। ଏହା ବ୍ୟତୀତ ସେଠାରୁ ମେସିନ୍‌ଗନ୍, ଟ୍ୟାଙ୍କ ବିରୋଧୀ କ୍ଷେପଣାସ୍ତ୍ର ଏବଂ ଶହ ଶହ ଲ୍ୟାଣ୍ଡମାଇନ୍ ସହ ଅନ୍ୟାନ୍ୟ ବିସ୍ଫୋରକ ମଧ୍ୟ ମିଳିଥିବା ଇସ୍ରାଏଲୀ ସେନା ଦାବି କରିଛି। ସେନା ଅନୁସାରେ, ଏହି ଭୂତଳ ପରିସରରେ ହିଜବୁଲ୍ଲାର 'ବଦର୍ ୟୁନିଟ୍'ର କମାଣ୍ଡ ସେଣ୍ଟର ମଧ୍ୟ ରହିଥିଲା। ନେତନ୍ୟାହୁ ଏବଂ ଇସ୍ରାଏଲୀ ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ୍ କାଟ୍ଜ୍ ଏହି ଭୂତଳ ପରିସରକୁ ହିଜବୁଲ୍ଲାର ପ୍ରମୁଖ ଆତଙ୍କବାଦୀ ଢାଞ୍ଚାର ଏକ ଅଂଶ ବୋଲି ବର୍ଣ୍ଣନା କରିଛନ୍ତି। ଇସ୍ରାଏଲୀ ଅଧିକାରୀଙ୍କ ଅନୁସାରେ, ପ୍ରାୟ ଦୁଇ ଦଶନ୍ଧି ଧରି ଇରାନର ଆର୍ଥିକ ସହାୟତା ଓ ଯୋଜନା ଅନୁସାରେ ଏହି ସୁଡ଼ଙ୍ଗ ନେଟୱର୍କ ନିର୍ମାଣ କରାଯାଇଥିଲା। ଇସ୍ରାଏଲ୍ କହିଛି, ଏହି ଅଭିଯାନ ପରେ ଅଲି ଅଲ୍-ତାହେର୍ ପାହାଡ଼ର ଉପରିଭାଗ ଓ ଭୂତଳ ଅଞ୍ଚଳ ଉପରେ ତା'ର ସାମରିକ ନିୟନ୍ତ୍ରଣ ଆହୁରି ସୁଦୃଢ଼ ହୋଇଛି। ଗତ ସପ୍ତାହରେ ଇସ୍ରାଏଲୀ ସେନା ଏହି ରଣନୈତିକ ପାହାଡ଼ ଉପରେ ନିୟନ୍ତ୍ରଣ ନେଇଥିବା ଦାବି କରିଥିଲା। ସେନାର ଜଣେ ଅଧିକାରୀଙ୍କ କହିବା ଅନୁସାରେ, କିଛି ହିଜବୁଲ୍ଲା ଯୋଦ୍ଧା ଅଞ୍ଚଳ ଛାଡ଼ି ପଳାଇଥିବା ବେଳେ ଅନ୍ୟ କିଛି ଇସ୍ରାଏଲୀ ବିମାନ ଆକ୍ରମଣ ଓ ତୋପ ମାଡ଼ରେ ନିହତ ହୋଇଛନ୍ତି। କିଛି ସମୟଧରି ହିଂସା କମିବା ପରେ ଦକ୍ଷିଣ ଲେବାନନରେ ପୁଣି ଇସ୍ରାଏଲୀ ଆକ୍ରମଣ ତୀବ୍ର ହୋଇଛି। ଜୁନ୍‌ରେ ଇରାନ ଓ ଆମେରିକା ମଧ୍ୟରେ ବୁଝାମଣା ପରେ ଏବଂ ପରବର୍ତ୍ତୀ ସମୟରେ ଲେବାନନ-ଇସ୍ରାଏଲ୍ ମଧ୍ୟରେ ଏକ ଚୁକ୍ତି ହେବା ପରେ ଲଢେଇ କିଛି ମାତ୍ରାରେ ହ୍ରାସ ପାଇଥିଲା। ତେବେ ଗତ କିଛି ଦିନ ଧରି ଦକ୍ଷିଣ ଲେବାନନରେ ଇସ୍ରାଏଲୀ ସାମରିକ ଅଭିଯାନ ପୁଣି ବଢ଼ିଛି। ଏଏଫ୍‌ପି ଅନୁସାରେ, ଆଲୋଚନା ସମୟରେ ଆମେରିକା ଅଲି ଅଲ୍-ତାହେର୍ ପାହାଡ଼ର ନିୟନ୍ତ୍ରଣ ଲେବାନନ ସେନାକୁ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ଦେଇଥିଲା। କିନ୍ତୁ ହିଜବୁଲ୍ଲା ଏହି ପ୍ରସ୍ତାବରେ ସହମତ ହୋଇନଥିଲା। ଲେବାନନର ଅଧିକାରୀମାନେ କହିଛନ୍ତି, ମାର୍ଚ୍ଚରୁ ଆରମ୍ଭ ହୋଇଥିବା ଇସ୍ରାଏଲୀ ଆକ୍ରମଣରେ ୪, ୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏହା ସତ୍ତ୍ୱେ ଦକ୍ଷିଣ ଲେବାନନର କିଛି ଅଞ୍ଚଳକୁ ନେଇ ଗଠିତ ତଥାକଥିତ 'ସୁରକ୍ଷା ଜୋନ୍'ରେ ଇସ୍ରାଏଲୀ ସେନାର ଉପସ୍ଥିତି ଜାରି ରହିଛି।

# ହୁତି ବିଦ୍ରୋହୀଙ୍କ କବ୍‌ଜାରେ ୟେମେନର ମାୟୁନ୍ ଦ୍ୱୀପ

- ହର୍ମୁଜ ପରେ ଲୋହିତ ସାଗରରେ ବଢ଼ିଲା ବିପଦ

ସାନା/କାଏରୋ, ୧୧।୯(ଏଜେନ୍ସି): ୟେମେନର ଇରାନ-ସମର୍ଥିତ ହୁତି ବିଦ୍ରୋହୀମାନେ ଲୋହିତ ସାଗରର ପ୍ରବେଶ ପଥରେ ଥିବା ବାବ୍ ଏଲ ମାଣ୍ଡେବ ପ୍ରଣାଳୀର ଗୁରୁତ୍ୱପୂର୍ଣ୍ଣ ମାୟୁନ୍ ଦ୍ୱୀପ ଏବଂ ମୁଖ୍ୟ ବନ୍ଦର ସହର ମୋଖାକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ୟେମେନର ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ସରକାରୀ ସେନା ଏବଂ ହୁତି ଅଧିକାରୀ ଏହି ସୂଚନା ପ୍ରଦାନ କରିଛନ୍ତି। ୟେମେନର ପଶ୍ଚିମ ଉପକୂଳରୁ ପ୍ରାୟ ୩.୫ କିଲୋମିଟର ଦୂରରେ ଅବସ୍ଥିତ ପେରିମ୍ ନାମରେ ପରିଚିତ ଏହି କ୍ଷୁଦ୍ର ଆଗ୍ନେୟଗିରି ଦ୍ୱୀପକୁ ଆଜି ହୁତି ବିଦ୍ରୋହୀ ଦଖଲ କରିଛନ୍ତି। ଏହାଦ୍ୱାରା ସାଉଦି ଆରବର ତୈଳ ରପ୍ତାନି ଏବଂ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ପ୍ରତି ଗମ୍ଭୀର ସଙ୍କଟ ସୃଷ୍ଟି ହୋଇଛି। ଏହାର ଜବାବରେ ସାଉଦି ଆରବ ମୋଖା ବିମାନବନ୍ଦର ଉପରେ ବିମାନ ଆକ୍ରମଣ କରିଛି। ଅନ୍ୟପଟେ, ଇରାନ ବୈଦେଶିକ ମନ୍ତ୍ରଣାଳୟ ସାଉଦି ଆରବର ଅବରୋଧ ପ୍ରତ୍ୟାହାର କରିବାକୁ ଦାବି କରିବା ସହ ହୁତି ବିଦ୍ରୋହୀଙ୍କ ସହ ପୁନର୍ବାର ଶାନ୍ତି ଆଲୋଚନା ଆରମ୍ଭ କରିବାକୁ ନିବେଦନ କରିଛି। ଉଲ୍ଲେଖଯୋଗ୍ୟ, ବିଶ୍ୱର ପ୍ରାୟ ୧୨% ବାଣିଜ୍ୟ ଏହି ବାବ୍ ଏଲ ମାଣ୍ଡେବ ଜଳପଥ ଦେଇ ଅତିକ୍ରମ କରିଥାଏ। ଇରାନ ଯୁଦ୍ଧ ପରେ ବାବ୍ ଏଲ ମାଣ୍ଡେବ ପ୍ରଣାଳୀ ହର୍ମୁଜର ବିକଳ୍ପ ହୋଇଥିଲା।

# ଆସିକା ବିଧାୟକ ନ ସୁଧୁରିଲେ ରାଜରାସ୍ତାକୁ ଓହ୍ଲାଇବ ସରପଞ୍ଚ ମହାସଂଘ



- ‘ଏଆଇ’ରେ ମହିଳା ସରପଞ୍ଚ ଓ ପୂର୍ବତନ ବିଧାୟିକାଙ୍କ ଚରିତ୍ର ସଂହାରକୁ ବିଜେଡିର ତୀବ୍ର ନିନ୍ଦା
- ବିଧାୟକଙ୍କ ଦୁଇ ପୁଅ ଓ ସହଯୋଗୀଙ୍କୁ ତୁରନ୍ତ ଗିରଫ କରିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି
- ଆସିକା ଥାନା ଅଧିକାରୀଙ୍କ ପକ୍ଷପାତିତା ବିରୋଧରେ ଏସପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା ସରପଞ୍ଚ

ବ୍ରହ୍ମପୁର,୧୧।୯ (ସମିସ): ଆସିକା ବିଧାୟକ ସୁଧୁରି ଯାଆନ୍ତୁ ନଚେତ ତାଙ୍କୁ ଉଚିତ ଜବାବ ଦିଆଯିବ ବୋଲି ସ୍ପଷ୍ଟ କରିଛି ସରପଞ୍ଚ ମହାସଂଘ। ନିର୍ବାଚିତ ଜନ ପ୍ରତିନିଧିଙ୍କୁ ହେୟ ଜ୍ଞାନ କରିବା ଓ ଅସମ୍ମାନ ପ୍ରଦର୍ଶନକୁ ଆଦୌ ବରଦାସ୍ତ କରାଯିବ ନାହିଁ ବ୍ରହ୍ମପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହସଂଘ ପକ୍ଷରୁ କୁହାଯାଇଛି, ପଞ୍ଚାୟତ ଠାରୁ ଆରମ୍ଭ କରି ସଂସଦପର୍ଯ୍ୟନ୍ତସବୁକ୍ଷେତ୍ରରେ ନିର୍ବାଚିତ ଜନପ୍ରତିନିଧିଙ୍କର ସରକାରଙ୍କୁ ପ୍ରଶ୍ନ କରିବାର ଅଧିକାର ରହିଛି। ତେବେ ଆସିକା ବ୍ଲକରେ ଜନ ପ୍ରତିନିଧିଙ୍କ ଅଧିକାରକୁ ଖୋଲାଖୋଲି ଉଲଂଘନ କରାଯାଉଛି। ବିରୋଧୀ ଦଳର ଜନପ୍ରତିନିଧିଙ୍କ ଇଲାକାରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟକୁ ଉଦ୍ଦେଶ୍ୟମୂଳକ ଭାବେ କରାଯାଉନାହିଁ। ଏନେଇ ପ୍ରଶ୍ନ କଲେ ନାଲି ଆଖି ଦେଖାଯାଉଛି। ଗତ ୯ତାରିଖରେ ଆସିକା ପଞ୍ଚାୟତ ସମିତି ବୈଠକରେ ବିଧାୟକ ସରୋଜ ପାଢୀଙ୍କୁ କିଛି ସରପଞ୍ଚ ନିଜ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଏବଂ ବକେୟା ବିଲ ବନ୍ଦ କରାଯିବା ନେଇ ପ୍ରଶ୍ନ କରିବା ପରେ ସେ ଉତକ୍ଷିପ୍ତ ହୋଇପଡିଥିଲେ। ଏଭଳି ସମୟରେ ବିଧାୟକଙ୍କ ଦୁଇ ପୁଅ ଓ ତାଙ୍କ ସହଯୋଗୀ ବୈଠକ ଗୃହକୁ ପ୍ରବେଶ କରି ହରିଡାପଦର ମହିଳା ସରପଞ୍ଚ ଜୟନ୍ତୀ ବେହେରାଙ୍କୁ ସର୍ବସମ୍ମୁଖରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ଡବଲ ଇଂଜିନ ସରକାର ମହିଳା ବନ୍ଦନ ଓ ମହିଳା ସଶକ୍ତିକରଣ କଥା କହୁଥିବା ବେଳେ ମହିଳାଙ୍କ ପ୍ରତି ଏଭଳି ଆଚରଣକୁ ବିଜୁ ଜନତା ଦଳ ତିବ୍ର ନିନ୍ଦା କରିଛି। ସରୋଜ ପାଢୀଙ୍କ ଦୁଇ ପୁଅ ସଙ୍ଗୀତ ଓ ସମ୍ବିତଙ୍କ ସମେତ ତାଙ୍କ ସହଯୋଗୀଙ୍କୁ ତୁରନ୍ତ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦିନରେ ସମସ୍ୟାର ସମାଧାନ ତଥା ମହିଳାଙ୍କୁ ସମ୍ମାନ ନମିଳିଲେ ଓ ଜନ ପ୍ରତିନିଧିଙ୍କୁ ଗୁରୁତ୍ୱ ନଦେଲେ ରାଜରାସ୍ତାକୁ ଓହ୍ଲାଇବାକୁ ସରପଞ୍ଚ ମହାସଂଘ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛନ୍ତି ଗଞ୍ଜାମ ଜୋନ ସରପଞ୍ଚ ମହାସଂଘ ସଭାପତି ଟୁଟୁ ମଲ୍ଲିକ।

## ସାର୍ବଜନୀନ ହେବନି ରତ୍ନଭଣ୍ଡାର ତାଲିକା

# ସନ୍ଦେହ ବଢ଼ାଇଲା ମନ୍ତ୍ରୀଙ୍କ ବୟାନ

- ୧୯୭୮ ତାଲିକା ସହ ସମ୍ପୂର୍ଣ୍ଣ ମେଳ ଖାଉଥିବା କହୁଛନ୍ତି
- ତଥାପି ନୂଆ ତାଲିକା କାହିଁକି ରହିବ ଗୋପନ?

ପୁରୀ, ୧୧।୯ (ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ପୁଣି ତେଜିଛି ଚର୍ଚ୍ଚା। ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତି ମଣତି ଶେଷ ହେବା ପରେ ପ୍ରସ୍ତୁତ ହେବାକୁ ଥିବା ତାଲିକା ସାର୍ବଜନୀନ କରାଯିବ ନାହିଁ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବୟାନ ପରେ ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉଠିଛି। ଗୁରୁବାର ପୁରୀରେ ଆୟୋଜିତ ରଥ ସେବା ସମ୍ମାନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ କହିଥିଲେ, ରତ୍ନଭଣ୍ଡାରର ଗଣତି ମଣତି ତାଲିକା କୌଣସି ରିଲ୍ସ ନୁହେଁ, ଏହା ଏକ ଗୁପ୍ତ ସେବା। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ରତ୍ନ ଅଳଙ୍କାରର ଗଣତି ମଣତି କରାଯାଉଛି। ୧୯୭୮ ମସିହାର ତାଲିକାକୁ ଆଧାର କରି ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପରେ ନୂଆ ତାଲିକା ପ୍ରସ୍ତୁତ ହେବ। ହେଲେ ଏହି ତାଲିକା ପବ୍ଲିକ ଡୋମେନରେ ଉପଲବ୍ଧ ହେବ ନାହିଁ। ତେବେ ଏଠାରୁ ହିଁ ଉଠୁଛି ବଡ଼ ପ୍ରଶ୍ନ ଯଦି ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛତାର ସହ ଚାଲିଛି ଏବଂ ୧୯୭୮ ମସିହାର ତାଲିକା ସହ ନୂଆ ଗଣତି ମେଳାଇ କରାଯାଉଛି, ତେବେ ନୂଆ ତାଲିକାକୁ ସାର୍ବଜନୀନ କରିବାରେ ଅସୁବିଧା କେଉଁଠି? ରତ୍ନଭଣ୍ଡାରର ତାଲିକା ସମ୍ପୂର୍ଣ୍ଣ ଗୁପ୍ତ ରହିବା ଉଚିତ କି ନାହିଁ, ଏହାକୁ ନେଇ ଏବେ ବିତର୍କ ଆରମ୍ଭ ହୋଇଛି। ୧୯୭୮ ମସିହାରେ ହୋଇଥିବା ଗଣତି ମଣତି ସମ୍ପର୍କିତ ତଥ୍ୟ ପୂର୍ବରୁ ବିଭିନ୍ନ ମାଧ୍ୟମରେ ପ୍ରକାଶ ପାଇଥିବା ଦାବିକରାଯାଉଛି। ପ୍ରଫେସରସୁରେନ୍ଦ୍ର ଦାଶଙ୍କ ସମ୍ପାଦିତ ‘ଶ୍ରୀମନ୍ଦିର ରତ୍ନଭଣ୍ଡାର’ ପୁସ୍ତକରେ ମଧ୍ୟରତ୍ନଭଣ୍ଡାରରଅଳଙ୍କାରସମ୍ପର୍କରେବିଭିନ୍ନ ତଥ୍ୟ ରହିଛି। କେଉଁ ପ୍ରକାରର ଅଳଙ୍କାର ରହିଛି, କେଉଁ ଧାତୁରେ ତିଆରି, ଏହାର ଓଜନ ଆଦି ସମ୍ପର୍କରେ ତଥ୍ୟ ପୂର୍ବରୁ ବାହାରେ ଉପଲବ୍ଧ ଥିବାବେଳେ ନୂଆ ତାଲିକାକୁ ଭକ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ଅଜଣା ରଖିବାର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ ଉଠୁଛି। ଶ୍ରୀମନ୍ଦିର ହେଉଛି ସର୍ବସାଧାରଣଙ୍କ ଆସ୍ଥାର କେନ୍ଦ୍ର। ମହାପ୍ରଭୁଙ୍କ ହୁଣ୍ଡିରୁ ମିଳୁଥିବା ଟଙ୍କା, ସୁନା, ରୁପା ଆଦିର ହିସାବ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତିଦିନ ସୂଚନା ଦିଆଯାଉଛି। ତେବେ ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ କେଉଁ ପ୍ରକାରର କେତେ ଅଳଙ୍କାର ଅଛି ଏବଂ ୧୯୭୮ ତାଲିକା ସହ ଏହାର ସ୍ଥିତି କେତେ ପରିମାଣରେ ମେଳ ଖାଉଛି ସେ ସମ୍ପର୍କରେ ଭକ୍ତଙ୍କୁ ଜଣାଇବାରେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ ହେଉଛି।

ଆଇନ ମନ୍ତ୍ରୀଙ୍କ ବୟାନକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ ପ୍ରଶ୍ନ କରିଛନ୍ତି, ଯଦି ରତ୍ନଭଣ୍ଡାରର ରତ୍ନଅଳଙ୍କାର ସମ୍ପର୍କରେ ଭକ୍ତଙ୍କ ଦ୍ୱନ୍ଦ୍ୱ ଦୂର କରିବା ଉଦ୍ଦେଶ୍ୟ ନ ଥିଲା ତେବେ ଗଣତି ମଣତି ପାଇଁ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବାର ଯୋଜନା କାହିଁକି ହେଲା? ସଞ୍ଜୀବଙ୍କ ଅଭିଯୋଗ ଅନୁସାରେ, ରତ୍ନଭଣ୍ଡାରର ଗଣତି ମଣତି ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ମନ୍ତ୍ରୀଙ୍କ ବୟାନ ଭକ୍ତଙ୍କ ମନରେ ଥିବା ସନ୍ଦେହକୁ ଆହୁରି ବଢ଼ାଇଛି। ପୂର୍ବରୁ ରତ୍ନଭଣ୍ଡାରରୁ ଅଳଙ୍କାର ଚୋରି ସମ୍ପର୍କରେ ଯେଉଁ ଚର୍ଚ୍ଚା ହେଉଥିଲା, ତାହାର ସତ୍ୟତା ନେଇ ମଧ୍ୟ ଲୋକଙ୍କ ମନରେ ପ୍ରଶ୍ନ ରହିଛି ବୋଲି ସେ କହିଛନ୍ତି।

## ଯୁବତୀଙ୍କ ସହ କାର୍‌ରେ ଆସିଲେ

# ଝଗଡ଼ା ପରେ ନଦୀକୁ ଡେଇଁ ଯୁବ ଠିକାଦାର ନିଖୋଜ

ରାଉରକେଲା,୧୧।୯ (ସମିସ): ରାଉରକେଲା ନୂଆ ବ୍ରାହ୍ମଣୀ ବ୍ରିଜ୍‌ରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଓ ଯୁବତୀଙ୍କ ମଧ୍ୟରେ ପାଟିତୁଣ୍ଡ ପରେ ବ୍ରାହ୍ମଣୀ ନଦୀକୁ ଡେଇଁ ପଡ଼ିଥିଲେ ଯୁବକ। ପୁଲିସ ଏବଂ ଓଡ୍ରାଫ୍ଟ ଟିମ୍ ସମ୍ପୃକ୍ତ ଯୁବକଙ୍କୁ ନଦୀରେ ଖୋଜୁଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ସନ୍ଧାନ ମିଳିନାହିଁ। ସୂଚନା ଅନୁସାରେ, ପ୍ରାୟ ଦିନ ୧୧ଟାରେ ବ୍ରିଜ୍ ଉପରେ ଏକ ହଳଦିଆ ରଙ୍ଗର କାର୍ ଆସି ଅଟକିଥିଲା। କାରରୁ ଜଣେ ଯୁବକ ଓ ଜଣେ ଯୁବତୀ ଓହ୍ଲାଇଥିଲେ। ଉଭୟଙ୍କ ମଧ୍ୟରେ କିଛି ସମୟ ବଚସା ହୋଇଥିଲା। ପରେ ଯୁବକ ଜଣକ ହଠାତ୍ ନିଜ ମୋବାଇଲ୍ ସହ ବ୍ରାହ୍ମଣୀ ନଦୀକୁ ଡେଇଁ ପଡ଼ିଥିଲେ। ତାଙ୍କୁ ରୋକିବାରେ ଯୁବତୀ ଜଣକ ବିଫଳ ହୋଇଥିଲେ। ଘଟଣା ପରେ ବ୍ରିଜ୍ ଉପରେ ଲୋକଙ୍କ ଭିଡ଼ ଜମିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ପଚରାଉଚରା କରିଥିଲା। ନଦୀରେ ଡେଇଁଥିବା ବ୍ୟକ୍ତି ସିଭିଲ୍ ଟାଉନ୍‌ସିପ ଅଞ୍ଚଳର ଠିକାଦାର ତଥା ବ୍ୟବସାୟୀ ଶିବରାମ ସାହୁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଶିବରାମ ନଦୀକୁ କାହିଁକି ଡେଇଁ ପଡ଼ିଲେ ସେ ବାବଦରେ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

# ରୋଗରୁ ମୁକ୍ତି ପାଇଁ ଆତ୍ମାହୁତି

ବଣାଇଁ,୧୧।୯ (ସମିସ): ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆରେ ଘଟିଛି ଏକ ଅଭାବନୀୟ ଘଟଣା। ଗୁରୁଣ୍ଡିଆର ରାଜେଶ ବେହେରା ଶ୍ୱାସରୋଗରେ ଅତିଷ୍ଠ ହୋଇ ଶୁକ୍ରବାର ଚରମ ପଦକ୍ଷେପ ନେଇଛନ୍ତି। ସେ ଦେହରେ ତାରପୋଲିନ ଢାଳି ନିଆଁ ଲଗାଇ ଆତ୍ମାହୁତି ଦେଇଥିବା ଜଣାପଡ଼ିଛି। ଶୌଚ ହେବା ବାହାନାରେ ଘରୁ ଯାଇ ଶହେ ମିଟର ଦୂରରେ ଏପରି କାଣ୍ଡ ଭିଆଇଛନ୍ତି। ରାଜେଶଙ୍କ ମୃତଦେହ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ଗୁରୁଣ୍ଡିଆ ପୁଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ସେ ଦୀର୍ଘଦିନ ଧରି ଶ୍ୱାସ ରୋଗରେ ପୀଡ଼ିତ ଥିଲେ।

# ଲଘୁଚାପ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା

ଭୁବନେଶ୍ୱର,୧୧।୯ (ସମିସ): ଉତ୍ତର-ପଶ୍ଚିମ ତଥା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳରେ ଲଘୁଚାପଟି ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଗତ ୩୬ ଘଣ୍ଟାରେ ସର୍ବାଧିକ ବର୍ଷା ମାଲକାନଗିରିରେ ୧୯୦ ମିମି ବର୍ଷା ହୋଇଥିବା ବେଳେ ଭବାନୀପାଟଣାରେ ୧୪୦, ଟିଟଲାଗଡ଼ ୮୭, ବାଲେଶ୍ୱରରେ ୭୩, ଚାନ୍ଦବାଲିରେ ୫୫, ଟିଟିଲାଗଡ଼ରେ ୮୭, ଛତ୍ରପୁର ୬୫, ପାରଳାଖେମୁଣ୍ଡି ୫୩, ନୂଆପଡ଼ା ୫୩, କେନ୍ଦ୍ରାପଡ଼ା ୭୩ ମିମି ବର୍ଷା ରେକର୍ଡ ହୋଇଛି। ଶନିବାରଠାରୁ ଲଘୁଚାପର ପ୍ରଭାବ ହ୍ରାସ ପାଇବ। ଏହାଦ୍ୱାରା ରାଜ୍ୟରେ ବର୍ଷା କମିବ। ମାତ୍ର କିଛି ଅଞ୍ଚଳରେ ବର୍ଷା ହୋଇପାରେ। ଲଘୁଚାପ କ୍ଷେତ୍ର ଯୋଗୁଁ ସମୁଦ୍ର ପ୍ରାୟତଃ ଅଶାନ୍ତ ରହିବ। ଏଥିପାଇଁ ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି।

## ପୁଞ୍ଜିନିବେଶକୁ ନେଇ ଦିନରେ ଲଣ୍ଠନ ଦେଖାଉଛନ୍ତି ସରକାର: ଓଜେସି

# ଦେଶୀ କମ୍ପାନୀ ଆଦାନୀ ସହିତ ଚୁକ୍ତି ସ୍ୱାକ୍ଷର କରିବା ପାଇଁ ଦୁବାଇ ଯିବା କାହା ସ୍ୱାର୍ଥରେ?

ଭୁବନେଶ୍ୱର, ୧୧।୯ (ସମିସ): ଓଡ଼ିଶାରେ ପୁଞ୍ଜିନିବେଶକୁ ନେଇ ଯେଉଁ ଗୋଲାପୀ ଚିତ୍ର ରାଜ୍ୟବାସୀଙ୍କ ସମ୍ମୁଖରେ ପରସା ଯାଉଛି, ତା'ର ବାସ୍ତବତାକୁ ନେଇ ପ୍ରଶ୍ନ କରିଛି ଓଜେସି। ପାର୍ଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଓଜେସି ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କର ନିବେଶ ଆଣିବା ପାଇଁ ଦୁବାଇ ଗସ୍ତ ଏବଂ ୨ ଲକ୍ଷ ୧୦ ହଜାର କୋଟିର ଚୁକ୍ତିନାମା ସହିତ ୮ ଲକ୍ଷ ୬୮ ହଜାର ନିଯୁକ୍ତିର ସୁଯୋଗ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ବିଗତ ଦୁଇ ବର୍ଷ ଭିତରେ ଡବଲ ଇଞ୍ଜିନ ସରକାରଙ୍କର ଦାବି ମୁତାବକ ଉତ୍କର୍ଷ ଓଡ଼ିଶା ବ୍ୟାନର ତଳେ ୮୯୦ ପ୍ରକଳ୍ପ ଏବଂ ୨୦ ଲକ୍ଷ ୯୦ ହଜାର କୋଟିର ନିବେଶର ସତ୍ୟତା ସରକାରଙ୍କ ଦାବି ଠାରୁ ସଂପୂର୍ଣ୍ଣ ଭିନ୍ନ। ବାସ୍ତବତା ହେଉଛି, ବିଗତ ୨ବର୍ଷ ୩ ମାସ ଭିତରେ ମାତ୍ର ୧ ଲକ୍ଷ ୭୮ ହଜାର କୋଟି ଟଙ୍କାର ୫୬ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି, ଯାହାକି ସମୁଦାୟ ପ୍ରକଳ୍ପ ରାଶି ୨୦ ଲକ୍ଷ ୯୦ ହଜାର କୋଟିର ମାତ୍ର ୧୧ ପ୍ରତିଶତ। ଅର୍ଥାତ ୮୯ ପ୍ରତିଶତ ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ଥଣ୍ଡାବସ୍ଥାରେ ପଡ଼ିରହିଛି। ଉକ୍ତ ପ୍ରକଳ୍ପରେ ୧୨ ଲକ୍ଷ ୯୦ ହଜାର ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଆଜିର ଦିନରେ ମାତ୍ର ୩୧ ହଜାର ୬୭୮ ଜଣ ନିଯୁକ୍ତି ପାଇଛନ୍ତି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ, ଖାଣ୍ଟି ଦେଶୀ କମ୍ପାନୀ ଆଦାନୀ ସହିତ ଶିଳ୍ପାୟନ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷରିତ କରିବା ପାଇଁ ଭୁବନେଶ୍ୱର ଛାଡ଼ି ଶହ ଶହ କୋଟି ଖର୍ଚ୍ଚ କରି ଦୁବାଇ ଯିବା କାହା ସ୍ୱାର୍ଥରେ ବୋଲି ଓଜେସି ପ୍ରଶ୍ନ କରିଛି। ଦୁବାଇରେ ଯେଉଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି, ତାହା ଭୁବନେଶ୍ୱରରେ ଜୁଲାଇ ୨୦୨୬ରେ ଆଦାନୀ ଏବଂ ଆଇଏଚସି ସହିତ ହୋଇଥିବା ଚୁକ୍ତିନାମାର ଏକ ପରିବର୍ଦ୍ଧିତ ରୂପ ଏବଂ ଏଥିପାଇଁ ସେଠାରେ ନିବେଶକ ସମ୍ମିଳନୀ ନାଁରେ ସାଧାରଣ ଜନତାଙ୍କ କୋଟି କୋଟି ଅର୍ଥ ଶ୍ରାଦ୍ଧ କରିବା କେତେଦୂର ଯଥାର୍ଥ ବୋଲି ପାର୍ଟି ପ୍ରଶ୍ନ କରିଛି। ଓଡ଼ିଶାରେ ଶିଳ୍ପାୟନକୁ ନେଇ ଡବଲ ଇଞ୍ଜିନ ସରକାରଙ୍କର ପ୍ରତିବଦ୍ଧତା କେତେ ତାହା ଦୁଇ ବର୍ଷ ଭିତରେ ଓଡ଼ିଶା ଛାଡ଼ିଥିବା ବଡ଼ ବଡ଼ କମ୍ପାନୀଙ୍କ ପଳାୟନରୁ ଜଣାପଡୁଛି ବୋଲି ପାର୍ଟି କହିଛି। ୪୦ ହଜାର କୋଟି ଟଙ୍କାର ନିବେଶ ପାଇଁ କହିଥିବା ଜେଏସଡବ୍ଲ୍ୟୁ ଇଭି କାରଖାନା ଯାହାକି କଟକ ନିକଟ ଜଗତପୁର ଏବଂ ପାରାଦୀପରେ ହେବାର ଥିଲା ତାହା ଆଜି ମହାରାଷ୍ଟ୍ରର ଔରଙ୍ଗାବାଦକୁ ଚାଲିଗଲା। ଠିକ୍ ସେହିପରି ଆର୍ସେଲୋର ମିତ୍ତଲ ୧ ଲକ୍ଷ କୋଟି ଟଙ୍କାର ନିବେଶରେ କେନ୍ଦ୍ରାପଡ଼ାରେ କରିବାକୁ ଥିବା ଷ୍ଟିଲ୍ ପ୍ଲାଣ୍ଟ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ବିଶାଖାପଟ୍ଟନମକୁ ସ୍ଥାନାନ୍ତର ହୋଇଗଲା। ଗଞ୍ଜାମ ଜିଲ୍ଲା ଛତ୍ରପୁର ଠାରେ ଏସଆରଏଏମ୍ ଏବଂ ଏମଆରଏଏମ୍ ଦ୍ୱାରା ୩୦ ହଜାର କୋଟି ବ୍ୟୟରେ ହେବାକୁ ଥିବା ସେମିକଣ୍ଡକ୍ଟର ପ୍ରକଳ୍ପ ବର୍ତ୍ତମାନ ସଂପୂର୍ଣ୍ଣ ବନ୍ଦ। ସୋଲାର ପ୍ରକଳ୍ପରେ ୨୫ ହଜାର କୋଟିର ନିବେଶ କରିବାକୁ ଥିବା ୱାରି ଏନର୍ଜି ତା'ର ପ୍ରକଳ୍ପକୁ ବନ୍ଦ କରିଛି। ତାସହିତ ଓଡ଼ିଶାର ୭ଟି ସୂତାକଳ, ଓଟିଏମ୍ କପଡ଼ା ମିଲ୍ ଇତ୍ୟାଦି ଅନେକ ଶିଳ୍ପର ପୁନରୁଦ୍ଧାର ପାଇଁ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛି। ଏହାକୁ ନେଇ ପାର୍ଟି ପକ୍ଷରୁ ସରକାରଙ୍କୁ ସମାଲୋଚନା କରାଯାଇଛି।



# ଅବକାରୀ ଅଧୀକ୍ଷକଙ୍କ ଗାଡ଼ିରୁ ୫ ଲକ୍ଷ ଟଙ୍କା ଜବତ କଲା ଭିଜିଲାନ୍ସ

ରାଉରକେଲା,୧୧।୯ (ସମିସ): ଭିଜିଲାନ୍ସ ଜାଲରେ ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡ଼। ଅବକାରୀ ଲାଇସେନ୍ସଧାରୀଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ସୂଚନା ମିଳିବା ପରେ ଭିଜିଲାନ୍ସ ଟିମ୍ ନଜର ରଖିଥିଲା।

## ୨ଟି ସ୍ଥାନରେ ଚଢ଼ଉ

ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ନିର୍ଦ୍ଦେଶରେ ଜଣେ ସ୍ଥାନୀୟ ମଦ ଦୋକାନର ସେଲ୍ସମ୍ୟାନ ଏକ ସ୍କର୍ପିଓ (ନଂ.ଓଡି୧୪-ଏଡି-୧୩୧୪) ରେ ୫ଲକ୍ଷ ଟଙ୍କା ନଗଦ ନେଇ ଯାଉଥିବାବେଳେ ଉଦିତନଗରସ୍ଥିତ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିଜିଲାନ୍ସ ଟିମ୍ ଗାଡ଼ିଟିକୁ ଅଟକାଇଥିଲା। ସାକ୍ଷୀମାନଙ୍କ ଉପସ୍ଥିତିରେ ଗାଡ଼ି ଯାଞ୍ଚ କରାଯିବାରୁ ୫ଲକ୍ଷ ଟଙ୍କା ମିଳିଥିଲା। ଜେରାବେଳେ ସମ୍ପୃକ୍ତ ସେଲ୍ସମ୍ୟାନ୍ ଏହି ଟଙ୍କା ଅବକାରୀ ଅଧୀକ୍ଷକ ଶ୍ରୀ ବରାଡ଼ ତାଙ୍କ ଘରେ ପହଞ୍ଚାଇବାକୁ ଦେଇଥିବା ସ୍ୱୀକାର କରିଥିଲେ। ଏହାପରେ ଶ୍ରୀ ବରାଡଙ୍କୁ ଏନେଇ ପଚରାଉଚରା କରାଯିବାରୁ ସେ ଟଙ୍କା ଦେଇଥିବା ସ୍ୱୀକାର କରିଥିବାବେଳେ ଟଙ୍କା କେଉଁଠୁ ଆସିଲା ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଭିଜିଲାନ୍ସ ଟିମ୍ ଟଙ୍କା ଓ ଶ୍ରୀ ବରାଡ଼ଙ୍କୁ ହେପାଜାତକୁ ନେଇ ତଦନ୍ତ ଚଳାଇଛି। ଏହା ସହ ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀ ବରାଡ଼ଙ୍କ ରାଉରକେଲା ସରକାରୀ କାର୍ଯ୍ୟାଳୟ, ବାସଭବନ ଏବଂ ଭୁବନେଶ୍ୱର ସ୍ଥିତ ନିଜ ବାସଭବନରେ ଏକକାଳୀନ ଚଢ଼ଉ ଜାରି ରହିଛି।

# ୧୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ଖଲ୍ଲିକୋଟ ଥାନା ଏଏସଆଇ



ଖଲ୍ଲିକୋଟ,୧୧।୯ (ସମିସ): ଭିଜିଲାନ୍ସ ଜାଲରେ ଅସାଧୁ ପୋଲିସ ଅଫିସର। ଜେଲ୍ ପଠାଇଦେବାର ଭୟ ଦେଖାଇ ଲାଞ୍ଚ ନେଉଥିବା ବେଳେ ରେଡ୍ ହ୍ୟାଣ୍ଡରେ ଧରାପଡ଼ିଲେ ଖଲ୍ଲିକୋଟ ଥାନାର ଏଏସଆଇ ସୁଜିତ ପାଣିଗ୍ରାହୀ। ଗୋଟିଏ ଗଣ୍ଡଗୋଳ ମାମଲାରେ ଗିରଫ କରିବା ପାଇଁ ଜଣେ ଯୁବକଙ୍କୁ ଭୟ ଦେଖାଉଥିଲେ ଏଏସଆଇ ସୁଜିତ ପାଣିଗ୍ରାହୀ। ଏଥିପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ଉପାୟ ନପାଇ ସମ୍ପୃକ୍ତ ଯୁବକ ଜଣକ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ, ଶୁକ୍ରବାର ଯେତେବେଳେ ଯୁବକଙ୍କ ଠାରୁ ଏଏସଆଇ ସୁଜିତ ପାଣିଗ୍ରାହୀ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ, ସେହି ସମୟରେ ପୂର୍ବରୁ ଛକି ରହିଥିବା ବ୍ରହ୍ମପୁର ଭିଜିଲାନ୍ସର ସ୍ପେଶାଲ ଟିମ୍ ତାଙ୍କୁ ରେଡ୍‌ହ୍ୟାଣ୍ଡରେ କାବୁ କରିଥିଲା।

ବର୍ତ୍ତମାନ ଖଲ୍ଲିକୋଟ ଥାନା ପରିସରରେ ଭିଜିଲାନ୍ସ ଟିମ ଜୋରଦାର ଖୋଳତାଡ଼ ଓ ଛାନ୍‌ଭିନ୍ ଜାରି ରଖିଛି। ଏଏସଆଇଙ୍କ ସରକାରୀ ବାସଭବନ ଏବଂ ଅନ୍ୟାନ୍ୟ କାଗଜ ପତ୍ର ଖୋଳତାଡ଼ କରାଯାଉଥିବା ଜଣା ପଡିଛି।

# ୧୪.୩୮ ଲକ୍ଷରୁ ଅଧିକ ଟଙ୍କା ସହ ୨ ଅଡିଟର ଗିରଫ

ବାରିପଦା, ୧୧।୯ (ସମିସ): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ୨ ଜଣ ଅଡିଟର ପ୍ରଶାନ୍ତ କୁମାର ପ୍ରଧାନ ଓ ପ୍ରଜ୍ଞାନ ପ୍ରକାଶ ପାତ୍ରଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଉଭୟଙ୍କ ନିକଟରୁ ସନ୍ଦିଗ୍ଧ ଭାବେ ଆଦାୟ କରାଯାଇଥିବା ନଗଦ ୧୪ ଲକ୍ଷ ୩୮ ହଜାର ୩୪୦ ଟଙ୍କା ଜବତ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭାଗୀୟ ଆଶ୍ରମ ସ୍କୁଲ ଓ ଏସଏସଡି ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ଅଡିଟ୍ ବାହାନାରେ ମୋଟା ଅଙ୍କର ଲାଞ୍ଚ ଆଦାୟ କରାଯାଉଥିବା ନେଇ ଭିଜିଲାନ୍ସକୁ ସୂଚନା ମିଳିଥିଲା। ଉଭୟ ଅଡିଟର ଅଡିଟ୍ କାର୍ଯ୍ୟ ସୁରୁଖୁରୁରେ କରିଦେବା ପାଇଁ ଛାତ୍ରଛାତ୍ରୀ ପିଛା ୧୦ ଟଙ୍କା ହିସାବରେ ବାର୍ଷିକ ଲାଞ୍ଚ ଦାବି କରୁଥିବା ଅଭିଯୋଗ ହୋଇଥିଲା। ଗୁରୁବାର ରାତି ୧୦ଟା ୪୫ ମିନିଟରେ ବାରିପଦା ସମାଜ ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) କାର୍ଯ୍ୟାଳୟରୁ କାମ ସାରି ଅଫିସିଆଲ ସ୍କୋର୍ପିଓ ଯୋଗେ ରକ୍ସି ଲେନ୍‌ରେ ଥିବା ନ୍ୟୁ ମହାପାତ୍ର ହୋଟେଲକୁ ଫେରୁଥିବାବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଭୁବନେଶ୍ୱର ସୂର୍ଯ୍ୟନଗର (ୟୁନିଟ୍-୭)ସ୍ଥ ପ୍ରଶାନ୍ତ ପ୍ରଧାନଙ୍କ ସରକାରୀ କ୍ୱାର୍ଟର୍ସ (ନଂ ଏଫ୍-୪୨) ଓ ବରମୁଣ୍ଡା ଟେଲକୋ କଲୋନୀରେ ଥିବା ପ୍ରଜ୍ଞାନ ପାତ୍ରଙ୍କ ସରକାରୀ କ୍ୱାର୍ଟର୍ସରେ (ନଂ ଇ-୨୮) ଯାଞ୍ଚ ଚାଲିଛି।

# ବଢ଼ିଲେ ଦେଶୀୟ ପକ୍ଷୀ; ଭିତରକନିକା ମୁଖରିତ



## ଅଭୟାରଣ୍ୟରେ ୧ ଲକ୍ଷ ୩୨ ହଜାର ୨୭୯ ପକ୍ଷୀ ଠାବ

ରାଜନଗର, ୧୧।୯ (ସମିସ): ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ଅଧିକ ରହିଛି। ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧,୩୨,୨୭୯କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ୨୧୫୬ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ୧୪୧୯ଟି ଗଛରେ ୨୮,୦୬୪ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଯାଇଥିବା ଜଣାପଡ଼ିଛି।

ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁଙ୍କରଙ୍କ ସୂଚନା ମୁତାବକ, ଚଳିତ ମାସ ୩ରୁ ୫ ତାରିଖ ଯାଏଁ ତିନିଦିନ ଧରି ଭିତରକନିକାର ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡ଼ିଆ, ଦୁର୍ଗାପ୍ରସାଦଡ଼ିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀ ଗଣନା କରାଯାଇଥିଲା। ଭିତରକନିକା ଜାତୀୟ ଉଦ୍ୟାନରେ ବନ ବିଭାଗର ୪ଟି ଟିମ ପକ୍ଷୀ ଗଣନା କରିଥିବାବେଳେ ଜାତୀୟ ଉଦ୍ୟାନ ବାହାରେ ଗୋଟିଏ ଟିମ୍ ପକ୍ଷୀ ଗଣନା କରିଥିଲେ। ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ଗେଣ୍ଡାଳିଆ, ରାଣୀ ବଗ, ମଝିଆ ବଗ, ଛୋଟ ବଗ, ଖଇରା ବଗ, ମାଟିଆ ବଗ, ପାଣିକୁଆ, ଅନ୍ଧାରିଆ ବଗ, କାପରଖାଇ, ଦାବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ଚଳିତ ବର୍ଷ ବଡ଼ ପକ୍ଷୀ ୫୬,୧୨୮ ଓ ସାବକ ୭୬,୧୫୧ ପକ୍ଷୀ ଗଣନା ବେଳେ ଠାବ କରାଯାଇଛି। ମଠଆଡ଼ିଆରେ ୧୪,୮୬୨ ବସା ଓ ଲକ୍ଷ୍ମୀପ୍ରସାଦଡ଼ିଆର ୧୨୪୩୪ ବସାରେ ୭୮,୯୨୫ ବଡ଼ ଓ ସାବକ ପକ୍ଷୀଙ୍କୁ ଗଣନା ସମୟରେ ଠାବ କରାଯାଇଥିଲା।

## ଶିଆଳିରେ ବିଜେଡିର ତଥ୍ୟ ଅନୁଧ୍ୟାନ ଟିମ୍

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ତୀବ୍ର ଅସନ୍ତୋଷ

ଏରସମା/ଜଗତସିଂହପୁର,୧୧।୯ (ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଶିଆଳି ବେଳାଭୂମିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ଏବେ ରାଜନୈତିକ ରୂପ ନେବାକୁ ଲାଗିଛି। ଘଟଣାର ପ୍ରକୃତ ତଥ୍ୟ ଅନୁଧ୍ୟାନ କରିବା ସହ ଘଟଣା ପଛରେ କିଏ ଓ କ'ଣ ଉଦ୍ଦେଶ୍ୟ ରହିଛି ତାହା ଜାଣିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ଗଠିତ ଜିଲ୍ଲାସ୍ତରୀୟ ତଥ୍ୟ ଅନୁଧ୍ୟାନ କମିଟି ଶୁକ୍ରବାର ଶିଆଳିରେ ପହଞ୍ଚି ଅନୁଧ୍ୟାନ କରିଛି।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏହି ୯ ଜଣିଆ କମିଟିର ନେତୃତ୍ୱ ନେଇଥିଲେ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ମୁଦୁଲି। କମିଟିରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ଚିରଞ୍ଜିବୀ ବିଶ୍ୱାଳ, ସମ୍ବିତ ରାଉତରାୟ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ବିଜୁ ଶ୍ରମିକ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ଅରିନ୍ଦମ ସର୍ଖେଲ, ମୀନତି ବେହେରା, ଲୋରା ମହାପାତ୍ର ଓ ନାରାୟଣ ଜେନା ପ୍ରମୁଖ ରହିଥିଲେ। କମିଟି ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରତିମୂର୍ତ୍ତି ଭଙ୍ଗା ଯାଇଥିବା ସ୍ଥାନକୁ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ଦିଗରୁ ତଥ୍ୟ ସଂଗ୍ରହ କରିଥିଲେ।

## ଦୋଷୀଙ୍କୁ ଧରିବାକୁ ଦାବି

ଏହି ଅବସରରେ ବିଜେଡି ନେତାମାନେ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଏକ ଅମାନବୀୟ ଓ ନିନ୍ଦନୀୟ କାର୍ଯ୍ୟ ବୋଲି ସେମାନେ କହିବା ସହ ଏହା ଓଡ଼ିଶାବାସୀଙ୍କ ଭାବାବେଗକୁ ଆଘାତ ଦେଇଛି ବୋଲି ମତ ଦେଇଥିଲେ। ଏ ନେଇ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି କହିଥିଲେ, ମହାନ ବରପୁତ୍ର ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ। ଏହା ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତା ପ୍ରତି ଅପମାନ। ଶିଆଳି ବେଳାଭୂମି ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ। ବେଳାଭୂମିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଉକ୍ତ ଘଟଣା ଦେଖି ମର୍ମାହତ ହେଉଛନ୍ତି। ବିଜୁ ବାବୁ କେବଳ ପ୍ରତିମୂର୍ତ୍ତିରେ ସୀମିତ ନାହାଁନ୍ତି, ସେ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ରହିଛନ୍ତି।



ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଉକ୍ତ ଘଟଣା ନେଇ ସ୍ଥାନୀୟ ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଅଭିଯୋଗର ୨୪ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ଚୁପ ହୋଇ ବସି ରହିଛି। ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ମୂର୍ତ୍ତି ପଡିଥିବା ସ୍ଥାନ ଓ ସେଠାରୁ ଆସି ଓଟିଡିସି ଗୃହରେ ଥିବା ସ୍ଥାନରେ କମିଟି ପରିଦର୍ଶନ କରିଥିଲା। ଘଟଣା ପଛରେ ରାଜନୈତିକ ଅଭିସନ୍ଧି ଥିବା ନେଇ ବିଜେଡି ନେତାମାନେ ସନ୍ଦେହ ପ୍ରକାଶ କରିଥିଲେ। ଘଟଣା ଘଟିବାର ୨୪ ଘଣ୍ଟା ପରେ ମଧ୍ୟ ଦୋଷୀଙ୍କୁ ଚିହ୍ନଟ କରାଯାଇ ନଥିବା ନେଇ ସେମାନେ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର ଦଣ୍ଡ ଦେବାକୁ ସେମାନେ ଦାବି କରିଥିଲେ। ବିଜେଡି ନେତାମାନେ ଶିଆଳିରେ ପୂର୍ବରୁ ଡା. ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାର ମଧ୍ୟ ଉଲ୍ଲେଖ କରି କ୍ଷୋଭ ପ୍ରକାଶ କରିଥିଲେ। ଏକାଧିକ ଥର ଏଭଳି ଘଟଣା ଘଟିବା ଶିଆଳିର ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନିକ ତତ୍ପରତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି ବୋଲି ସେମାନେ କହିଥିଲେ। ଦୋଷୀଙ୍କୁ ତୁରନ୍ତ ଗିରଫ କରି ଘଟଣାର ପର୍ଦ୍ଦାଫାସ କରାନଗଲେ ଆଗାମୀ ଦିନରେ ବିଜେଡି ପକ୍ଷରୁ ବ୍ୟାପକ ଜନଆନ୍ଦୋଳନ କରାଯିବ ଏବଂ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ନେତାମାନେ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ତଥ୍ୟ ଅନୁଧ୍ୟାନ କମିଟି ପକ୍ଷରୁ ସଂଗୃହୀତ ସମସ୍ତ ତଥ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି। କମିଟି ସହ ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ପିତବାସ ଗୋଚ୍ଛାୟତ, ପାର୍ଥସାରଥୀ ରାଉତ, ତଟିନୀ ସ୍ୱାଇଁ, ଡଲି ପଣ୍ଡା, ଦିପ୍ତି ରଞ୍ଜନ କୁଅଁର, କମଳାକାନ୍ତ ସ୍ୱାଇଁ, ଆଦିତ୍ୟ ନନ୍ଦନ ଦାସ ଓ ରାଣୀ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଆଳିରୁ ଫେରିବା ପରେ ବିଜେଡି ପ୍ରତିନିଧି ମଣ୍ଡଳୀ ଜଗତସିଂହପୁରରେ ଜିଲ୍ଲା ଏସ୍‌ପିଙ୍କୁ ଭେଟି ଆଲୋଚନା କରିବା ସହ ତୁରନ୍ତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ହାଇୱା ଧକ୍କାରେ ଗୁରୁତର ଆହତଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରଘୁନାଥପାଲ୍ଲୀ ଥାନା ଘେରଉ

**ରାଉରକେଲା, ୧୧।୯ (ସମିସ)**



ହାଇୱା ଧକ୍କାରେ ଗୁରୁତର ଆହତଙ୍କର ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିବା ପରେ କ୍ଷତିପୂରଣ ଦାବିରେ ସମ୍ପର୍କୀୟମାନେ ରଘୁନାଥପାଲ୍ଲୀ ଥାନା ଘେରଉ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ବୁଧବାର ସେପ୍ଟେମ୍ବର ୯ ସକାଳ ପ୍ରାୟ ୯ଟାରେ ନିଜ ଘର ସେକ୍ଟର-୧୫ରୁ ତ୍ରିନାଥ ସିନ୍ଦୁର (୫୬) ବାଇକ୍‌ରେ ଆସୁଥିବା ବେଳେ ରାଉରକେଲା ରିଙ୍ଗ୍ ରୋଡର ଡିଏଭି ଛକରେ ହାଇୱା ଧକ୍କାରେ ଗୁରୁତର ଆହତ ହୋଇଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ତ୍ରିନାଥଙ୍କ ଜଣେ ନାବାଳିକା ଝିଅ ଏବଂ ଜଣେ ନାବାଳକ ପୁତ୍ର ଅଛନ୍ତି। ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇ ପରିବାର ଏବେ ବେସାହାରା ହୋଇପଡ଼ିଛି। ଦୁର୍ଘଟଣାରେ ମୃତ ତ୍ରିନାଥ ସିନ୍ଦୁରଙ୍କ ପୁଅ, ପରିବାର ଏବଂ ସ୍ଥାନୀୟ ଅଞ୍ଚଳର ଲୋକମାନେ କ୍ଷତିପୂରଣ ଦାବି କରି ଶୁକ୍ରବାର ରଘୁନାଥପାଲ୍ଲୀ ଥାନା ଘେରଉ କରିଥିଲେ। ଏଥିସହିତ ଦୁର୍ଘଟଣା ଘଟାଇଥିବା ହାଇୱା ମାଲିକଙ୍କୁ ଥାନାକୁ ଡକାଇ ସମସ୍ୟାର ସମାଧାନ ସହ ତାଙ୍କ ଠାରୁ କ୍ଷତିପୂରଣ ନେବାକୁ ରଘୁନାଥପାଲ୍ଲୀ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ବିରଜାପାଲ୍ଲୀରୁ ତ୍ରିନାଥ ସିନ୍ଦୁର ସମ୍ପର୍କୀୟ ଓ ଶହ ଶହ ଗ୍ରାମବାସୀ ଯାଇ ଥାନା ଆଗରେ ବିକ୍ଷୋଭ କରିଥିଲେ।

# ନୂତନ ଉପ-ଜିଲ୍ଲାପାଳଙ୍କୁ ବିଜେଡିର ସୌଜନ୍ୟମୂଳକ ସାକ୍ଷାତ



**ବଣାଇଁ, ୧୧।୯ (ସମିସ):** ବଣାଇଁଗଡ଼ ଉପ-ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସନ୍ତୋଷ କୁମାର ପାତ୍ରଙ୍କୁ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରାଯାଇଛି। ଶୁକ୍ରବାର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଜେଡି ରାଉରକେଲା ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ଶ୍ରୀ ପାତ୍ରଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ଜୁଲିଆଣି କାଣ୍ଡିର, ସୁଶୀଳା ନାୟକ, ବରିଷ୍ଠ ନେତା ରଞ୍ଜିତ କିଷାନ, ରଘୁନାଥ ସାହୁ, ବଣାଇଁଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ, ସଞ୍ଜୟ ଦାଶ, ବ୍ଲକ ସଭାପତି ବାଣେଶ୍ୱର ସାହୁ, ଗୁରୁଚରଣ ସ୍ୱାଇଁ, ପାର୍ଥ ସାରଥୀ ମିଶ୍ର, ଉମେଶ ରାୟ, ଲକ୍ଷ୍ମୀ କିଷାନଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସାକ୍ଷାତ ସମୟରେ ବଣାଇଁ ଉପଖଣ୍ଡର ସାମଗ୍ରିକ ଉନ୍ନତି, ଲୋକସେବାକୁ ଅଧିକ ସୁଦୃଢ଼ କରିବା, ବିଭିନ୍ନ ଜନସମସ୍ୟାର ତ୍ୱରିତ ସମାଧାନ ଓ ପ୍ରଶାସନ-ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ନେଇ ଆଲୋଚନା ହୋଇଥିଲା।

# ଫାୟାର ଫାଇଟିଂ କ୍ୱାର୍ଟର୍ସ ୭ ଦିନରେ ଖାଲି କରିବାକୁ ନୋଟିସ୍

**ରାଉରକେଲା, ୧୧।୯ (ସମିସ):** ସେକ୍ଟର-୨୨ ଅନ୍ତର୍ଗତ ଫାୟାର୍ ଫାଇଟିଂ କଲୋନୀରେ ବସବାସ କରୁଥିବା ଅଧିବାସୀମାନଙ୍କୁ ଆସନ୍ତା ୭ ଦିନ ମଧ୍ୟରେ ଘର ଖାଲି କରି ଚାଲିଯିବାକୁ ରାଉରକେଲା ଇସ୍ପାତ କାରଖାନାର ସହର ସେବା ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ଫଳରେ ଫାୟାର ଫାଇଟିଂ କଲୋନୀରେ ବାସ କରୁଥିବା ପ୍ରାୟ ୮୦ ପରିବାର ଏବେ ଚିନ୍ତାରେ। ଯଦି ଆସନ୍ତା ୭ ଦିନ ଭିତରେ କଲୋନୀବାସୀ ନିଜ ନିଜ କ୍ୱାର୍ଟର ଛାଡି ନଯାନ୍ତି, ତେବେ ଆର୍‌ଏସ୍‌ପି ସହରସେବା ପକ୍ଷରୁ ବଳପୂର୍ବକ ସେମାନଙ୍କୁ ଉଚ୍ଛେଦ କରାଯିବ ବୋଲି ଉକ୍ତ ନୋଟିସରେ ଚେତାବନୀ ଦିଆଯାଇଛି। ସେପଟେ ବିନା ସର୍ତ୍ତରେ, ବିନା କୌଣସି ଥଇଥାନ ବା କ୍ଷତିପୂରଣ ଘୋଷଣାରେ ଆରଏସପି ପକ୍ଷରୁ ଏପରି ଉଚ୍ଛେଦ ନୋଟିସ କଲୋନୀବାସୀଙ୍କ ମଧ୍ୟରେ ଭାଳେଣି ସୃଷ୍ଟି କରିଛି। ତୁହାକୁ ତୁହା ବର୍ଷା ମଧ୍ୟରେ ପିଲାଛୁଆଙ୍କୁ ଧରି କଲୋନୀବାସୀ କୁଆଡେ ଯିବେ ତାକୁ ନେଇ ଚିନ୍ତାରେ। ସେପଟେ ଆଜି ଏହି ନୋଟିସ ପାଇବା ପରେ ଫାୟାର ଫାଇଟିଂ କଲୋନୀବାସୀ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ଦ୍ୱାରସ୍ଥ ହୋଇ ସହାୟତା ପାଇଁ ଗୁହାରି କରିଛନ୍ତି।

### ଯାଉଥିଲା ଡିଲର ପଏଣ୍ଟ; ମିଳିଲା ରାଇସ୍ ମିଲ୍‌ରୁ

# ଏଫ୍‌ସିଆଇରୁ ୨୮୦ ବସ୍ତା ଚାଉଳ ନେଇ ଯାଉଥିବା ଟ୍ରକ୍ ଗାଏବ

**ରାଉରକେଲା, ୧୧।୯ (ସମିସ):** ରାଉରକେଲା ଏଫ୍‌ସିଆଇରୁ ଡିଲର ପଏଣ୍ଟ ପାଇଁ ୨୮୦ ବସ୍ତା ଚାଉଳ ଧରି ବାହାରିଥିବା ଟ୍ରକ୍ ନିର୍ଦ୍ଧାରିତ ଡିଲର ପଏଣ୍ଟରେ ନ ପହଞ୍ଚିବା ଓ ଏହା ଖୋଜଖବର ପରେ ଏକ ରାଇସ୍ ମିଲ୍‌ରୁ ଠାବ ହେବା ଘଟଣା ଏବେ ବିଭାଗର ଚାଉଳ ଚୋରି ଘଟଣାକୁ ପଦାରେ ପକାଇଛି। ଚାଉଳ ବୋଝେଇ ଟ୍ରକ ଜବତ ସହ ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ।




ସୂଚନା ଅନୁସାରେ, ରାଉରକେଲା ଏଫ୍‌ସିଆଇରୁ ଏକ ଟ୍ରକରେ ଡିଲର ପଏଣ୍ଟ ପାଇଁ ବାହାରିଥିବା ଏହି ୨୮୦ ବସ୍ତା ଚାଉଳ ଫୁଲେଶ୍ୱରୀ ଆଚାର୍ଯ୍ୟଙ୍କ ଡିଲର ପଏଣ୍ଟ ପାଇଁ ନିର୍ଦ୍ଧାରିତ ରହିଥିଲା। କିନ୍ତୁ ଏହି ଚାଉଳ ବୋଝେଇ ଟ୍ରକ ଡିଲର ପଏଣ୍ଟରେ ନ ପହଞ୍ଚି ରାମପାଲ ସ୍ଥିତ ଜୟ ଗୋସାଇଁ ଚାଉଳ ମିଲ୍‌ରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ଖବର ପାଇବା ପରେ ବୀରମିତ୍ରପୁର ଏସଡିପିଓ ଏବଂ ଥାନା ଅଧିକାରୀ ଓ କୁଆଁରମୁଣ୍ଡା ଏମ୍‌ଆଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମିଲ୍‌ରେ ପହଞ୍ଚିଥିବା ଚାଉଳ ବୋଝେଇ ଟ୍ରକ୍‌କୁ ନେଇ ଆରମ୍ଭ ହୋଇଛି ତନାଘନା। ଡିଲର ପଏଣ୍ଟ ପାଇଁ ଯାଉଥିବା ୨୮୦ ବସ୍ତା ଚାଉଳ କିପରି ଏବଂ କାହିଁକି ରାଇସ୍ ମିଲ୍‌ରେ ପହଞ୍ଚିଲା, ତାହାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି। ଏହାର ନିରପେକ୍ଷ ତଦନ୍ତ କଲେ ବଡ଼ ଧରଣର ଚାଉଳ ଚୋରି ରାକେଟର ପର୍ଦ୍ଦାଫାସ୍ ହେବ ବୋଲି ଅଞ୍ଚଳରେ ଆଲୋଚନା ହେଉଛି।


# ୫ ଦିନ ବନ୍ଦ ରହିବ ବ୍ୟାଙ୍କିଙ୍ଗ୍ ସେବା



**ରାଉରକେଲା, ୧୧।୯ (ସମିସ):** ବିଭିନ୍ନ ଦାବି ନେଇ ଶୁକ୍ରବାର ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ୍ ୟୁନିୟନ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ଧର୍ମଘଟ ଡାକରା ପରିପ୍ରେକ୍ଷୀରେ ରାଉରକେଲାର ବିଶ୍ରା ଛକ ସ୍ଥିତ ଏସ୍‌ବିଆଇର ମୁଖ୍ୟ ଶାଖା ସମ୍ମୁଖରେ ବହୁ ସଂଖ୍ୟାରେ ବ୍ୟାଙ୍କ କର୍ମଚାରୀ, ଅଧିକାରୀ ଉପସ୍ଥିତ ରହି ଧର୍ମଘଟ କରିଥିଲେ। ଶନିବାର, ରବିବାର ଛୁଟି ସହ ସୋମବାର ଗଣେଶ ପୂଜା ଓ ମଙ୍ଗଳବାର ନୂଆଖାଇ ଛୁଟି ପଡୁଥିବାରୁ ଶୁକ୍ରବାରକୁ ମିଶାଇ ଲଗାତର ୫ ଦିନ ବ୍ୟାଙ୍କିଙ୍ଗ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯିବ।

୫ ଦିନ କାର୍ଯ୍ୟ ସପ୍ତାହ କାର୍ଯ୍ୟାନ୍ୱୟନରେ ବିଳମ୍ବ, ପ୍ରଦର୍ଶନ ସଂଯୁକ୍ତ ପ୍ରୋତ୍ସାହନ(ପିଏଲ୍‌ଆଇ) ସ୍କିମକୁ ନେଇ ମତଭେଦ ଏବଂ ପେନସନ୍ ପ୍ରସଙ୍ଗ ସହ ଅନ୍ୟାନ୍ୟ ପିଛିଲା ଦାବିକୁ ନେଇ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ୍ ୟୁନିୟନ୍ସ ପକ୍ଷରୁ ଏହି ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଆଗକୁ ଗଣେଶ ପୂଜା ଓ ନୂଆଖାଇଁ ଥିବାରୁ ଗ୍ରାହକଙ୍କୁ କିଣାକିଣି ପାଇଁ ନଗଦ ଅର୍ଥ ଦରକାର। ଆଗାମୀ ୪ ଦିନ ବ୍ୟାଙ୍କ ଛୁଟି ରହୁଥିବାରୁ ଏଟିଏମ୍‌ରୁ ଟଙ୍କା ସରିଗଲେ ଆଉ ଭର୍ତ୍ତି ହେବ କି ନାହିଁ ସେ ନେଇ ଚିନ୍ତାରେ ଗ୍ରାହକ।

# ଆରଏସ୍‌ପିରେ ରାଜଭାଷା ପାକ୍ଷିକ ପାଳନ ପାଇଁ ପ୍ରତିଯୋଗିତା




**ରାଉରକେଲା, ୧୧।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାରେ ଆଗାମୀ 'ରାଜଭାଷା ପଖୱାଡ଼ା' ପାଳନ ଅବସରରେ ଜନସମ୍ପର୍କ ଏବଂ ରାଜଭାଷା ବିଭାଗ ଦ୍ୱାରା ଅନେକ ପ୍ରତିଯୋଗିତା ଆୟୋଜନ କରାଯାଉଛି। ୯ ସେପ୍ଟେମ୍ବର ୯ ତାରିଖରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଠାରେ ଏକ ହିନ୍ଦୀ 'ହାସ୍ୟ ବ୍ୟଙ୍ଗ କବିତା ପାଠ' ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ମୋଟ ୧୭ ଜଣ ଅଂଶଗ୍ରହଣ କରି ହାସ୍ୟ ଓ ବ୍ୟଙ୍ଗାତ୍ମକ କବିତା ପାଠ କରିଥିଲେ। ମହାପ୍ରବନ୍ଧକ (ନଗର ସିଭିଲ୍-ଜଳ ଯୋଗାଣ) ଦେବଜିତ୍ ରାଭା ଏବଂ ମହାପ୍ରବନ୍ଧକ (ଏମ୍‌ଆର୍‌ଡ଼ି) ସନ୍ତୋଷ କୁମାର ଭୂୟାଁଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ଦ୍ୱାରା ପ୍ରତିଯୋଗୀଙ୍କର ମୂଲ୍ୟାୟନ କରାଯାଇଥିଲା। ମହାପ୍ରବନ୍ଧକ (ପିଆର) ତଥା ସିଓସି ଅର୍ଚ୍ଚନା ଶତପଥୀ ପ୍ରାରମ୍ଭରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସେହିପରି, ସେପ୍ଟେମ୍ବର ୧୦ ତାରିଖରେ ଗୋପବନ୍ଧୁ ଅଡିଟୋରିୟମ୍‌ରେ ଏକ ଆଶୁ ବାକ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଥିରେ ବିଭିନ୍ନ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ରାଜଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ କର୍ମଚାରୀଙ୍କ ମଧ୍ୟରେ ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତାକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପ୍ରତିଯୋଗିତାର ବିଚାରକ ମଣ୍ଡଳୀରେ ମହାପ୍ରବନ୍ଧକ (ଆରସିଏଲ୍) ଆର୍ କିରଣ ଏବଂ ମହାପ୍ରବନ୍ଧକ (ଏସ୍‌ଏସ୍‌ଏମ୍) ଏମ୍ ପି ରାଜା ରାଓ ସାମିଲ ଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ପିଆର) ତଥା ସିଓସି ଅର୍ଚ୍ଚନା ଶତପଥୀ ମଧ୍ୟ ଉପସ୍ଥିତ ଥିଲେ। ଜନସମ୍ପର୍କ ଏବଂ ରାଜଭାଷା ବିଭାଗର ଏକ କର୍ମଚାରୀ ଦଳଙ୍କ ସହଯୋଗରେ ଉପପ୍ରବନ୍ଧକ (ପିଆର) ଅନିଲ କୁମାର ଝା ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ ଯେ ସେପ୍ଟେମ୍ବର ୨୯ ତାରିଖରେ ଗୋପବନ୍ଧୁ ଅଡିଟୋରିୟମ୍‌ରେ ଆୟୋଜିତ ହେବାକୁ ଥିବା ରାଜଭାଷା ପୁରସ୍କାର ସମାରୋହରେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।

# ଗୃହରକ୍ଷୀ ଅଞ୍ଜନାରାଣୀ ଓ ଦିବ୍ୟାଙ୍ଗ ଗୋପିନାଥ ସମ୍ବର୍ଦ୍ଧିତ

**ରାଉରକେଲା, ୧୧।୯ (ସମିସ):** ଅବସରପ୍ରାପ୍ତ ପୁଲିସ ଅଧିକାରୀ କଲ୍ୟାଣ ଆସୋସିଏସନ ତରଫରୁ ସେବା କ୍ଷେତ୍ରରେ ଉଦାହରଣ ପାଲଟିଥିବା ହୋମଗାର୍ଡ ଅଞ୍ଜନାରାଣୀ ମାଝୀ ଓ ଦିବ୍ୟାଙ୍ଗ ଗୋପିନାଥ ବେହେରାଙ୍କୁ ଛେଣ୍ଡ ଥାନା ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ସୁମନ ଦତ୍ତଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଛେଣ୍ଡ ଥାନା ପ୍ରଭାରୀ ବିକ୍ରମ କେଶରୀ ଭୂୟାଁ ଓ ପ୍ରାକ୍ତନ ପୁଲିସ ଅଧିକାରୀ ରଞ୍ଜିତ କୁମାର ଭୋଇ ଅତିଥି ଭାବେ ଯୋଗଦେଇ ଉଭୟଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଅଞ୍ଜନାରାଣୀ ଓ ଗୋପିନାଥ ସେମାନଙ୍କ କର୍ମ, ସମାଜସେବା ପ୍ରତି ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି କହିଥିଲେ।

ସୂଚନାଯୋଗ୍ୟ ଯେ, ଅଞ୍ଜନାରାଣୀ ୨୦୦୦ ମସିହାରେ ସିଭିଲ ଡିଫେନ୍ସରେ ଯୋଗଦେଇ ପରେ ୨୦୧୭ରୁ ୨୦୨୫ ମଧ୍ୟରେ ପୁଲିସ ହୋମଗାର୍ଡ ଭାବେ ଯୋଗଦେଇ ୩ ଥର ଶ୍ରେଷ୍ଠ ନିଦର୍ଶନ ପାଇଁ ପୁରସ୍କୃତ ହୋଇଥିଲେ। ତେବେ ଛେଣ୍ଡର ପ୍ଲୁଟନ ମଲ୍ ନିକଟରେ ଦୁର୍ଘଟଣାରେ ଗୁରୁତର ଇଶ୍ୱର ଓରାମ୍‌ଙ୍କୁ ସିପିଡି ଦେବା ସହ ହସ୍ପିଟାଲ ପହଞ୍ଚାଇ ପ୍ରାଣ ବଞ୍ଚାଇଥିଲେ। ସେହିପରି ଗୋପିନାଥ ଦିବ୍ୟାଙ୍ଗ ହୋଇ ମଧ୍ୟ କାହା ଉପରେ ନିର୍ଭର ନକରି ସ୍ୱାବଲମ୍ବୀ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି। ଶେଷରେ କୀର୍ତ୍ତନ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ବିଶ୍ୱାଳ, ବ୍ରହ୍ମାନନ୍ଦ ମହାନ୍ତି, ଖଗେଶ୍ୱର ରାଉଳ, ପ୍ରଶାନ୍ତ ମହାପାତ୍ର, ମୋହନପାଣି କାରୁଆ, ପ୍ରମୋଦ ବେହେରା, ସୁବାସ ବିଶ୍ୱାଳ, ଉପେନ୍ଦ୍ର ବେହେରା, ବିଶ୍ୱନାଥ ଦାସ, ସୁଧୀର ନାଥ, ରବି ନାୟକ, ବେଣୁଧର ମଲ୍ଲ ଓ ଥାନା ପକ୍ଷରୁ ସବଇନ୍ସପେକ୍ଟର ପ୍ରିୟଙ୍କା ସାହୁ, ଓମ୍ ପ୍ରକାଶ ରାଉତରାୟ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।




### ■ ସୀତାରାମ ୟେଚୁରୀ ସ୍ମୃତି ସମାରୋହ ବକ୍ତୃତା

# 'ସନ୍ଧିକ୍ଷଣରେ ଯୁବ ସମାଜ- ଶିକ୍ଷା, ନିଯୁକ୍ତି ଓ ଗଣତନ୍ତ୍ର'

**ରାଉରକେଲା, ୧୧।୯ (ସମିସ):** ଦେଶର ବିଶିଷ୍ଟ ମାର୍କସବାଦୀ ଜନନାୟକ, ସୁବକ୍ତା, ପ୍ରବୀଣ ସାଂସଦ ତଥା ସିପିଆଇଏମ୍‌ର ପୂର୍ବତନ ମହାସଚିବ କମ୍ରେଡ୍ ସୀତାରାମ ୟେଚୁରୀଙ୍କ ଦ୍ୱିତୀୟ ସ୍ମୃତି ସମାରୋହ ସୀତାରାମ ୟେଚୁରୀ ସ୍ମୃତି ସମାରୋହ କମିଟି ପକ୍ଷରୁ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧିକ୍ଷଣରେ




ଯୁବ ସମାଜ- ଶିକ୍ଷା, ନିଯୁକ୍ତି ଓ ଗଣତନ୍ତ୍ର ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଭାରତର ଛାତ୍ର ଫେଡେରେସନ (ଏସଏଫ୍‌ଆଇ)ର ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ରୀଜନ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଜଣେ ମାର୍କସବାଦୀ ଚିନ୍ତାଧାରାରେ ନିଜ ଛାତ୍ର ଜୀବନରୁ ଆରମ୍ଭ କରି ଜୀବନର ଶେଷ ପର୍ଯ୍ୟନ୍ତ କମ୍ରେଡ୍ ସୀତାରାମ ୟେଚୁରୀ ଜଣେ ସାଲିସହୀନ ନେତା ଭାବରେ ସମଗ୍ର ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଏମ୍ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଳି କିଶୋର ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖି କମ୍ରେଡ୍ ସୀତାରାମ ୟେଚୁରୀଙ୍କ ଜୀବନବ୍ୟାପୀ ସାଧନା ଓ ତ୍ୟାଗ ସମ୍ପର୍କରେ ବକ୍ତବ୍ୟ ଦେବା ସହିତ ସାମ୍ପ୍ରଦାୟିକ ଓ ହିନ୍ଦୁତ୍ୱ ଶକ୍ତି ଦେଶପାଇଁ ବିପଦ ଜନକ ବୋଲି ସେ ସର୍ବଦା ଗୁରୁତ୍ୱ ଦେଉଥିବା କଥା କହିଥିଲେ। ପାର୍ଟି ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ସମାରୋହ କମିଟି ର ଅଧ୍ୟକ୍ଷ ତଥା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ କମିଟିର କୋଷାଧ୍ୟକ୍ଷ ଜାହାଙ୍ଗୀର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଏକ ସ୍ମରଣିକାକୁ ନିମନ୍ତ୍ରିତ ଅତିଥି ଓ ବକ୍ତାମାନେ ଉନ୍ମୋଚନ କରିଥିଲେ। କମିଟିର ଉପାଧ୍ୟକ୍ଷ ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ପ୍ରଭାତ ପଣ୍ଡା ଓ କମିଟି ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ଅନିରୁଦ୍ଧ ତ୍ରିପାଠୀ, ଆନନ୍ଦ ମାସି ହରୋ, ହୃଦୟାନନ୍ଦ ଯାଦବ, ଗୌରୀଶଙ୍କର ପାତ୍ର, ସୁଶିଳା ମୁଣ୍ଡା, ତାଜମୁନ ନେହାର, ମନୋଜ୍ ମିର୍ଦ୍ଧା, ସମୀର ନାୟକ, ଲାଲ ବାହାଦୁର ମହାନ୍ତ, ବାଦଲ ବାରିକ୍ ପ୍ରମୁଖ ପରିଚାଳନା କରିଥିଲେ।

# କିଶୋର ସ୍ୱାସ୍ଥ୍ୟ ସଚେତନତା ଶିବିର




**ରାଉରକେଲା, ୧୧।୯ (ସମିସ):** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଇସ୍ପାତ ଜେନେରାଲ ହସପିଟାଲ ଏବଂ ସିଏସ୍‌ଆର୍ ବିଭାଗର ମିଳିତ ସ୍ଥାନୀୟ ସେକ୍ଟର-୨୦ ସ୍ଥିତ ଏସ୍‌ଏସ୍‌ଆର୍‌ଭିଏମ୍ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଏକ କିଶୋର ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ (ଟିଏସ୍ ଏବଂ ସିଏସ୍‌ଆର୍) ଟି ଜି କାନେକର, ମହାପ୍ରବନ୍ଧକ (ଟିଏସ୍ ଏବଂ ସିଏସ୍‌ଆର୍) ପି କେ ସାହୁ, ଏସ୍‌ଏସ୍‌ଆର୍‌ଭିଏମ୍ ନିର୍ଦ୍ଦେଶକ ଜି ଏସ୍ ଦାସ ଏବଂ ଏସ୍‌ଏସ୍‌ଆର୍‌ଭିଏମ୍ ଆଇଇଏମ୍‌ଏସ୍‌ର ଅଧ୍ୟକ୍ଷା ଡାକ୍ତର ଖୁସବୁ ଜ୍ୟୋତି ଉପସ୍ଥିତ ଥିଲେ। ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କିଶୋର ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସୁସ୍ଥ ଭବିଷ୍ୟତ ପାଇଁ ସ୍ୱାସ୍ଥ୍ୟକର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୨୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୫୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

ଇସ୍ପାତ ଜେନେରାଲ ହସପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ୍ ଏହି ଶିବିରରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଡାକ୍ତରୀ ଟିମ୍‌ରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ସୁମିତ ଭଗତ ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୁ ଯାଦବ ସାମିଲ ଥିଲେ।

# ପରୀକ୍ଷା ପରିଚାଳନାରେ ବିପିୟୁଟିର ନୂତନ ମାଇଲଖୁଣ୍ଟ

### 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ' ଏବଂ 'ଏସିଆ ବୁକ୍ ଅଫ୍ ରେକର୍ଡ୍ସ'ର ପୁନର୍ବାର ସ୍ୱୀକୃତି ମିଳିଲା

**ରାଉରକେଲା, ୧୧।୯ (ସମିସ)**




ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି), ଓଡ଼ିଶା ପରୀକ୍ଷା ପରିଚାଳନା କ୍ଷେତ୍ରରେ 'କାଗଜ-କଲମ ପରୀକ୍ଷା ଫଳାଫଳର ଦ୍ରୁତତମ ପ୍ରକାଶନ' ପାଇଁ ନିଜର ପୂର୍ବ ରେକର୍ଡକୁ ଉନ୍ନତ କରି ପୁନର୍ବାର 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ' ତଥା 'ଏସିଆ ବୁକ୍ ଅଫ୍ ରେକର୍ଡସ' ଠାରୁ ସ୍ୱୀକୃତି ଲାଭ କରିଛି। ବିପିୟୁଟି ଏହି ସଫଳତା ୨୦୨୫-୨୬ ଶିକ୍ଷାବର୍ଷର ଯୁଗ୍ମ ସେମିଷ୍ଟାର ପରୀକ୍ଷା ପାଇଁ ହାସଲ କରିଛି, ଯେଉଁଥିରେ ପରୀକ୍ଷା ଶେଷ ହେବାର ଦୁଇ ଦିନ ମଧ୍ୟରେ ପରୀକ୍ଷା ଫଳାଫଳ ପ୍ରକାଶ କରିଥିଲା। ଏହାଦ୍ୱାରା ପୂର୍ବରୁ ୨୦୨୫-୨୬ ଅଯୁଗ୍ମ ସେମିଷ୍ଟାର ପର୍ଯ୍ୟାୟ-୨ ପରୀକ୍ଷାରେ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ' ତଥା 'ଏସିଆ ବୁକ୍ ଅଫ୍ ରେକର୍ଡସ' ଦ୍ୱାରା ସ୍ୱୀକୃତିପ୍ରାପ୍ତ ରେକର୍ଡକୁ ପୁନରାବୃତ୍ତି କରିବା ସହ ଆହୁରି ଉନ୍ନତ କରି ପାରିଛି।

ବି.ଟେକ୍, ବି.ଆର୍କ, ବି.ଫାର୍ମ, ବିସିଏ, ବିବିଏ, ଏମ୍.ଏସସି., ଏମ୍.ଟେକ୍, ଏମ୍.ଆର୍କ, ଏମବିଏ ଏବଂ ଏମସିଏ ପାଠ୍ୟକ୍ରମଗୁଡ଼ିକର ଯୁଗ୍ମ ସେମିଷ୍ଟାର ପରୀକ୍ଷା ଏପ୍ରିଲ ୨୯, ୨୦୨୬ରୁ ଆରମ୍ଭ ହୋଇ ଜୁନ ୮, ୨୦୨୬ରେ ସମାପ୍ତ ହୋଇଥିଲା ଏବଂ ଜୁନ ୧୦, ୨୦୨୬ରେ ଔପଚାରିକ ଭାବେ ଫଳାଫଳ ଘୋଷଣା କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁଷ୍ଠିତ ଏହି ପରୀକ୍ଷାରେ ମୋଟ ୯୩, ୩୬୨ ଜଣ ଛାତ୍ରଛାତ୍ରୀ ଅବତୀର୍ଣ୍ଣ ହୋଇଥିଲେ। ରାଜ୍ୟର ୫୨ଟି ନିର୍ଦ୍ଧାରିତ ନୋଡାଲ୍ ସେଣ୍ଟର ଜରିଆରେ ୧, ୫୪୧ ଜଣ ପଞ୍ଜୀକୃତ ଅଧ୍ୟାପକ/ଅଧ୍ୟାପିକାଙ୍କ ଦ୍ୱାରା ସର୍ବମୋଟ ୫, ୦୯, ୫୧୫ଟି ଉତ୍ତର ଖାତାର ଡିଜିଟାଲ୍ ମୂଲ୍ୟାୟନ କରାଯାଇଥିଲା। ଏହି ଉଲ୍ଲେଖନୀୟ ସଫଳତାକୁ ପରବର୍ତ୍ତୀ ସମୟରେ ଅଗଷ୍ଟ ୭, ୨୦୨୬ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡସ ଦ୍ୱାରା ଅନୁମୋଦନ କରାଯାଇଥିଲା।

ପ୍ରତ୍ୟେକ ପରୀକ୍ଷା ଶେଷ ହେବା ମାତ୍ରେ ସେହି ଦିନ ହିଁ ଓଡ଼ିଶାର ୧୩ଟି ନୋଡାଲ୍ କେନ୍ଦ୍ରରେ ଉତ୍ତର ଖାତାଗୁଡ଼ିକୁ ସଂଗ୍ରହ କରାଯାଇ ପରଦିନ ସୁରକ୍ଷିତ ଭାବେ ରାଉରକେଲାସ୍ଥିତ ବିପିୟୁଟି ମୁଖ୍ୟାଳୟକୁ ପଠାଯାଉଥିଲା। ସେଠାରେ ଉତ୍ତର ଖାତାଗୁଡ଼ିକୁ ଯାଞ୍ଚ, ସଂକଳନ, କୋଡିଂ ଏବଂ ସ୍କାନିଂ କରାଯାଇ ଡିଜିଟାଲ୍ ମୂଲ୍ୟାୟନ ପାଇଁ କ୍ଲାଉଡ୍ ସର୍ଭରରେ ଅପଲୋଡ୍ କରାଯାଉଥିଲା। ଏହାପରେ ସ୍କାନ୍ ହୋଇଥିବା ଉତ୍ତର ଖାତାଗୁଡ଼ିକୁ ପଞ୍ଜୀକୃତ ଅଧ୍ୟାପକ/ଅଧ୍ୟାପିକାମାନେ ସକାଳ ୭ରୁ ରାତି ୯ଟାଙ୍କ ମଧ୍ୟରେ ନିର୍ଦ୍ଧାରିତ ଇ-ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ଡିଜିଟାଲ୍ ପଦ୍ଧତିରେ ମୂଲ୍ୟାୟନ କରୁଥିଲେ।

ରାଉରକେଲା ସ୍ଥିତ ବିପିୟୁଟିର ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡସର ପ୍ରତିନିଧି ନରବିଜୟ ଯାଦବଙ୍କ ଦ୍ୱାରା ବିପିୟୁଟିକୁ ଏହି ପୁରସ୍କାର ଆନୁଷ୍ଠାନିକ ଭାବେ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଉରକେଲାର ବିଧାୟକ ଶାରଦା ପ୍ରସାଦ ନାୟକ ଯୋଗ ଦେଇଥିବା ବେଳେ ସମେତ ଭୁବନେଶ୍ୱର ସ୍ଥିତ ଓୟୁଟିଆରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ, ସୁନ୍ଦରଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ. ଶୁଭଙ୍କର ମହାପାତ୍ର, ଆରଏସପିର ପୂର୍ବତନ ଡିଆଇସି ଡ. ଅତନୁ ଭୌମିକ, ସିୟୁଟିଏମ୍ ର ପ୍ରୋ-ଭାଇସ୍ ଚାନ୍ସେଲର୍ ଡ. ଅଜୟ କୁମାର ନାୟକ ଏବଂ ବିପିୟୁଟି ପରିଚାଳନା ବୋର୍ଡର ସଦସ୍ୟ ତଥା ଓଏମସିଏର ସଭାପତି ଡ. ଆର୍ଯ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA
ଶନିବାର ୧୨ ସେପ୍ଟେମ୍ବର, ୨୦୨୬




■ ଲଗାଣ ବର୍ଷାରେ ବେହାଲ ଲାଞ୍ଜିଗଡ଼

# ଲାଞ୍ଜିଗଡ଼-ଜଗନ୍ନାଥପୁର ରାସ୍ତା କଡ଼ ଧୋଇଗଲା

**ଲାଞ୍ଜିଗଡ଼, ୧୧।୯ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷାରେ ଲାଞ୍ଜିଗଡ଼ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗୁରୁବାର ସକାଳୁ ପ୍ରବଳ ବର୍ଷା ଯୋଗୁଁ ବ୍ଲକର ବିଭିନ୍ନ



ରାସ୍ତାଘାଟ ନଷ୍ଟ ହୋଇଥିବା ବେଳେ ଚାଷଜମିରେ ପାଣି ଭର୍ତ୍ତି ହୋଇ ରହିଛି। କିଛିଦିନ ତଳେ ଲାଞ୍ଜିଗଡ଼-ବନ୍ଧପାରି ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଅତଡ଼ା ଖସି ଯାନବାହନ ବିପଦସଂକୁଳ ଭାବେ ଚଳାଚଳ କରୁଥିବା ବେଳେ ଏବେ ଲାଞ୍ଜିଗଡ଼ ଠାରୁ ଜଗନ୍ନାଥପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବଂଶଧାରା ନଦୀ ପୋଲ ପାଖରେ ବଡ଼ ବିପଦ ଦେଖାଦେଇଛି। ଏଠାରେ ରାସ୍ତା କଡ଼ରେ ଏକ ବିରାଟ ଖାଇ ସୃଷ୍ଟି ହୋଇଛି, ରାସ୍ତାର ତଳପଟ ସୁଡ଼ଙ୍ଗ ଭଳି ହୋଇଯାଇଛି। ରାସ୍ତାଟି କେତେବେଳେ ଦବିଯିବ ତାହା କହିହେବ ନାହିଁ। ଏହି ରାସ୍ତା ଦେଇ ତ୍ରିଲୋଚନପୁର, ବିଜେପୁର ତଥା ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ବ୍ଲକକୁ ସିଧାସଳଖ ଯୋଗାଯୋଗ ରହିଛି। ଏହାସହ ବେଦାନ୍ତ ଲିମିଟେଡର ଷ୍ଟାଫ କଲୋନୀ, ବେଦାନ୍ତ ଡିଏଭି ଇଣ୍ଟରନ୍ୟାସନାଲ ସ୍କୁଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଏହି ବାଟ ଦେଇ

**ଚାଷ ଜମି ଜଳମଗ୍ନ**

ଯିବାକୁ ପଡ଼େ। ରାସ୍ତା କଡ଼ରେ ଖାଇ ବଢ଼ି ଧିରେ ଧିରେ ରାସ୍ତାକୁ ଖାଇଯାଉଥିବାରୁ ଚାରିଚକିଆ ଯାନ, ଭାରୀ ଯାନ ଓ ସ୍କୁଲ ବସ୍ ଯାତାୟତରେ ବଡ଼ ସମସ୍ୟା ଦେଖାଦେଇଛି।

ବିପଦସଂକୁଳ ଏହି ରାସ୍ତା ବିପଦକୁ ହାତ ଠାରି ଡାକୁଥିବା ବେଳେ ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସ୍ଥାୟୀ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପ୍ରବଳ ବର୍ଷା: ଧୋଇଗଲା ରାସ୍ତା, ଭାଙ୍ଗିଲା ପୋଲ

## ଲତାବାଞ୍ଜି-ସଂକ୍ରିପାଲି ଯୋଗାଯୋଗ ବିଚ୍ଛିନ୍ନ

**ଧର୍ମଗଡ଼/ଗୋଲାମୁଣ୍ଡା, ୧୧।୯ (ସମିସ)**

ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଜାରି ରହିଛି ଲଗାଣ ବର୍ଷା। ଫଳରେ ବନ୍ୟାଭଳି ପରିସ୍ଥିତି ସୃଷ୍ଟି ହୋଉଛି। ବଡ଼ଚେରଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲତାବାଞ୍ଜି ଠାରୁ ସଂକ୍ରିପାଲିକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ରାସ୍ତାରେ ଥିବା ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି।



ସୂଚନା ଅନୁଯାୟୀ, ପୋଲ ତଳେ ଥିବା ହ୍ୟୁମ୍ ପାଇପ୍ ଗୁଡ଼ିକ ଉପରୁ ମାଟି ଓ ପିଚୁ ସମ୍ପୂର୍ଣ୍ଣ ଭାବେ ଧୋଇ ପୋଲର କଂକ୍ରିଟ୍ ଗଠନ ମଝିରୁ ଦୁଇଫାଳ ହୋଇ ଖସି ପଡ଼ିଛି। ଫଳରେ ରାସ୍ତା ମଝିରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହା ଭାଙ୍ଗିଯିବା ଫଳରେ ଲତାବାଞ୍ଜି ଏବଂ ସଂକ୍ରିପାଲି ମଧ୍ୟରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ସ୍ଥାନୀୟ ସଚେତନ ନାଗରିକମାନେ ଧସିଯାଇଥିବା ରାସ୍ତା ସମ୍ମୁଖରେ ଗଛର କଟା ଡାଳପତ୍ର ପକାଇ ବାରିକେଡ୍ କରିଛନ୍ତି ଏବଂ ଯାତାୟାତକୁ ବନ୍ଦ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଏହି ପୋଲର ସ୍ଥାୟିତ୍ୱ ଓ ନିର୍ମାଣ କାମର ମାନକୁ ନେଇ ଏବେ ପ୍ରଶ୍ନ ଉଠିଛି। ବିପଦସଙ୍କୁଳ ଅବସ୍ଥାରେ ଲୋକେ ନିଜ ଜୀବନକୁ ବାଜି ଲଗାଇ ଧସିଯାଇଥିବା ମାଟି ଉପର ଦେଇ ଚାଲି ଚାଲି ପାର୍ ହେବାକୁ ଚେଷ୍ଟା କରୁଛନ୍ତି, ଯାହା ଯେକୌଣସି ସମୟରେ ଏକ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରିପାରେ। ସମ୍ପ୍ରତି ସ୍ଥିତିକୁ ଦୃଷ୍ଟିରେ ରଖି ଉଭୟ ଗ୍ରାମର ବାସିନ୍ଦା ଜିଲ୍ଲା ପ୍ରଶାସନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ଯଥାଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରିବାକୁ ଅନୁରୋଧ କରିଛନ୍ତି। ଯାତାୟାତ ସ୍ୱାଭାବିକ ପାଇଁ ତୁରନ୍ତ ଏକ ଅସ୍ଥାୟୀ ବାଇପାସ୍ ରାସ୍ତା କିମ୍ବା ଉକ୍ତ ବ୍ରିଜ ଓ ରାସ୍ତାର ମରାମତି ତୁରନ୍ତ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଏକ ନୂତନ ପକ୍କା ପୋଲ ନିର୍ମାଣ ପାଇଁ ଦୃଢ଼ ଦାବି ହୋଇଛି। ଏନେଇ ଗୋଲାମୁଣ୍ଡା ବ୍ଲକ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ହୃଷୀକେଶ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆସନ୍ତାକାଲି ଘଟଣାସ୍ଥଳ ପରିଦର୍ଶନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## 'ମାଇଁ ଭାରତ' ଓ 'ବିକଶିତ ଭାରତ' କୁଇଜ୍ ପାଇଁ ପଞ୍ଜୀକରଣ




**ଖଡ଼ିଆଲ, ୧୧।୯ (ସମିସ):** ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର 'ମାଇଁ ଭାରତ' ଓ 'ବିକଶିତ ଭାରତ' ଯୁବ ନେତୃତ୍ୱ ସଂଳାପ କୁଇଜ୍ ପାଇଁ ପଞ୍ଜୀକରଣ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ରଣବୀର ସିଂହଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇସିସି ସଂଯୋଜିକା ରାଜଲକ୍ଷ୍ମୀ ରଥ, ଯୁକ୍ତ ଦୁଇ ଏନ୍ଏସ୍ଏସ୍ ଅଧିକାରୀ ଜିତେନ୍ଦ୍ର କଲସାଇ ଏବଂ କମ୍ପ୍ୟୁଟର ସାଇନ୍ସ ବିଭାଗର ଅଧ୍ୟାପକ ବିବେକ ସାହୁ ଉପସ୍ଥିତ ଥିଲେ। ନୂଆପଡ଼ା ଜିଲ୍ଲା ଏନ୍ଏସ୍ଏସ୍ ନୋଡାଲ ଅଧିକାରୀ ପ୍ରଣତି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ପଞ୍ଜୀକରଣ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

## ସେବା ସଂକଳ୍ପ ଅଭିଯାନ; ୧୩ କାର୍ଯ୍ୟକ୍ରମ କରିବ ବିଜେପି

**ଭବାନୀପାଟଣା, ୧୧।୯ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଏକ ମାସ ବ୍ୟାପି ସେବା ସଂକଳ୍ପ ଅଭିଯାନ ପାଳନ କରିବ ଭାଜପା। ଏ ନେଇ ଭବାନୀପାଟଣା ସର୍କିଟ ହାଉସ୍‌ଠାରେ ଶୁକ୍ରବାର




ଅପରାହ୍ନରେ ଭାଜପାର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଭାଜପା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ମାସେ ବ୍ୟାପୀ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ। ୧୩ଟି ପ୍ରମୁଖ କାର୍ଯ୍ୟକ୍ରମ ନେଇ ଦଳୀୟ ଲୋକ ଏବଂ ସାଧାରଣ ଜନତାଙ୍କ ପାଖକୁ ଯିବ ଭାଜପା। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କରାଯିବ। ପ୍ରତ୍ୟେକ ସ୍କୁଲ ଏବଂ କଲେଜରେ ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତା ହେବ। ସେହିପରି ଅଙ୍ଗନବାଡି କେନ୍ଦ୍ରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଲୋକନାଥ ଦୁର୍ଗା, ହିମାଂଶୁ ଶେଖର ପଣ୍ଡା ଓ ଜିଲ୍ଲା ମିଡିଆ ସେଲ ସଂଯୋଜକ ନରହରି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ବନ୍ଦ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ଧର୍ମଗଡ଼, ୧୧।୯ (ସମିସ):** ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଡୁମେରଗୁଡା ପଞ୍ଚାୟତ, କିର୍କାକାନି ସାପ୍ତାହିକ ବଜାରରେ ମଦ୍ୟପଙ୍କ ଦୌରାତ୍ମ୍ୟରେ ଗ୍ରାହକ ଓ ବ୍ୟବସାୟୀ ଅତିଷ୍ଠ ହେଉଥିବାବେଳେ ପରିବେଶ ଅଶାନ୍ତ ହେଉଛି। କିଛିଦିନ ହେବ କିର୍କାକାନି ଅଞ୍ଚଳରେ କିଛି ଅସାମାଜିକ ବ୍ୟକ୍ତି ବେଆଇନ ଭାବେ ଦେଶୀ ଓ ବିଦେଶୀ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଫଳରେ ଅଞ୍ଚଳରେ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ବଜାର ପଡ଼ିଆ ସ୍ଥାନରେ ମଦ ବିକ୍ରି ଯୋଗୁଁ ବାରମ୍ବାର ଗଣ୍ଡଗୋଳ ଘଟୁଛି। ତେଣୁ ଉକ୍ତ ସ୍ଥାନରେ ମଦ ବିକ୍ରି ବନ୍ଦ ପାଇଁ ଦାବି କରି ରାଧାକାନ୍ତ ଗୁରୁ, ବୈଦ୍ୟନାଥ ଗୁରୁ, ଅନାମ ନାଏକ, ସୁଦାମ ଗୁରୁ, ସଚ୍ଚିନ୍ଦ୍ର ଗୁରୁ, ମନୋଜ ନିଆଲ, ସଦନ ବିଶି, ଲବ ଗୁରୁ, ରାଜକୁମାର ନାଏକ, ସୁଦାମ ମହାନନ୍ଦ, ସୁଦନ ଗୁରୁ, ବ୍ରଜମୋହନ ମହାନନ୍ଦ ପ୍ରମୁଖ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ୯ କ୍ୱିଣ୍ଟାଲ ଗଞ୍ଜେଇ ସହ ସୁନା ଓ ଟଙ୍କା ଜବତ



**ମ.ରାମପୁର, ୧୧।୯ (ସମିସ):** ମ.ରାମପୁର ପୁଲିସ ଲୁବେନଗଡ଼ ଜଙ୍ଗଲ ଅଞ୍ଚଳରେ ଚଢ଼ଉ କରି ୯.୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ସହ ସୁନା ଓ ନଗଦ ଟଙ୍କା ଏବଂ ଗୋଟିଏ ମହିନ୍ଦ୍ରା ବୋଲେରୋ ଗାଡ଼ି ଜବତ କରାଯାଇଛି। ପୁଲିସକୁ ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ମ.ରାମପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚେଷ୍ଟା ଜାରି ରହିଛି ବୋଲି ମ.ରାମପୁର ଥାନା ଅଧିକାରୀ ସଂଯୁକ୍ତା ପ୍ରଧାନ ସୂଚନା ଦେଇଛନ୍ତି। ଗତ ୪ତାରିଖରେ ୨୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଦେଢ଼ଶୁଳି ଅଞ୍ଚଳରୁ ଜବତ ହୋଇଥିବାବେଳେ ପୁଣିଥରେ ମାତ୍ର ୫ଦିନ ବ୍ୟବଧାନରେ ଗଞ୍ଜେଇ ଜବତ ହୋଇଥିବାବେଳେ ଅବକାରୀ ବିଭାଗ କିପରି ଜାଣି ପାରୁନି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କର୍ଲାମୁଣ୍ଡା କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**କର୍ଲାମୁଣ୍ଡା, ୧୧।୯ (ସମିସ):** କର୍ଲାମୁଣ୍ଡା କ୍ଲଷ୍ଟରର ତୃତୀୟ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ କେନ୍ଦୁମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ଅନ୍ତର୍ଗତ ୮ଟି ବିଦ୍ୟାଳୟର ୧୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏଥିରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଅନ୍ତର୍ଗତ ବିଭିନ୍ନ ଶିକ୍ଷଣ କାର୍ଯ୍ୟ, ଶିକ୍ଷଣ ସୋପାନ ରେଜିଷ୍ଟରର ବ୍ୟବହାର, ଗ୍ୟାଲେରି ପରିଭ୍ରମଣ ଓ ନ୍ୟସ୍ତ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଦୀକ୍ଷା ଆପ୍‌ର ବ୍ୟବହାର ଉପରେ ମଧ୍ୟ ବିଶେଷ ଆଲୋଚନା ହୋଇଥିଲା। ବୈଠକକୁ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋପମଣୀ ସାହୁ ପରିଦର୍ଶନ କରି ମାସିକ କ୍ଲଷ୍ଟର ବୈଠକର କାର୍ଯ୍ୟକାରିତା ଓ ଏହାର ଗୁରୁତ୍ୱ ସମ୍ପର୍କରେ ଶିକ୍ଷକମାନଙ୍କୁ ବୁଝାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର ସାମଗ୍ରିକ ପତ୍ର ଲିଖନ ପ୍ରଣାଳୀ ଓ ସମାପ୍ତି ସୂଚକ ଆକଳନ କିପରି କରାଯିବ ସେ ସମ୍ପର୍କରେ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରିଥିଲେ।

## ଜାତୀୟ ସେବା ଯୋଜନା କୋ-ୟୁନିଟ୍‌ର ଓରିଏଣ୍ଟେସନ କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୧।୯ (ସମିସ):** ବିକାଶ ଉଇସ୍‌ଡମ୍ ପାର୍କ ପରିସର ପ୍ରେକ୍ଷାଳୟ-୨ରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା କୋ-ୟୁନିଟ୍‌ର ଏନ୍ଏସ୍ଏସ୍ ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ଼ ନିରଦ ବରଣ ଖୁଣ୍ଟିଆ ଜାତୀୟ ସେବା ଯୋଜନା




ପ୍ରଶିକ୍ଷକ, ଓଡ଼ିଶା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ ଅଧ୍ୟାପକ ଜୟ ପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ, ଭବାନୀପାଟଣା, ଡି ଶ୍ୟାମ ନିର୍ଦ୍ଦେଶକ ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ, ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ଏନଏସଏସ ପ୍ରୋଗ୍ରାମ ଅଫିସର ଅଶ୍ୱିନ କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ନୂତନ ଭାବେ ଜାତୀୟ ସେବା ଯୋଜନାରେ ଯୋଗଦାନ କରିଥିବା ସ୍ୱୟଂ ସେବକମାନଙ୍କୁ ମୁଖ୍ୟ ଅତିଥି ମାର୍ଗ ଦର୍ଶନ କରାଇଥିଲେ। ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ ସ୍ୱାଗତ ବକ୍ତବ୍ୟ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ, ଏନଏସଏସ ପ୍ରୋଗ୍ରାମ ଅଫିସର ଅଶ୍ୱିନ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟିମନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ



**ସିନାପାଲି, ୧୧।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ଟିମନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସ୍ୱାର୍କ-୨୦୨୬ ଅଧ୍ୟକ୍ଷ ଶିବୁ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ମି ଓରାମ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସିନାପାଲି ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା, ନୂଆପଡ଼ା ଜୋନ୍ ୧୪ ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ, ଟିମନପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ଦଣ୍ଡସେନା, ପିଟିଏ ପ୍ରତିନିଧି ମିଥୁନ ବାଗ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର କୁମାର ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ସଞ୍ଜୟ ନେଗି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଆତ୍ମହତ୍ୟା ନିବାରଣ ଦିବସ

**ଖଡ଼ିଆଲ, ୧୧।୯ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଲ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଅଧ୍ୟକ୍ଷ ଡଃ ଅକ୍ଷୟ କୁମାର ସାହୁ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଶ୍ରୀ ସାହୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟାର ଲକ୍ଷଣ ଓ ଏହାର ଗମ୍ଭୀର ପରିଣାମ ବିଷୟରେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଓ ସମସ୍ୟାକୁ ସଠିକ ସମୟରେ ସମାଧାନ କରିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରଶାସନିକ ଅଧିକାରୀ ଡ଼. ଶିବ କୁମାର ଯୋଗଦେଇ ଆତ୍ମହତ୍ୟା ସମ୍ପର୍କରେ ଏମିଲ୍ ଦୁର୍ଖେଇମ୍‌ଙ୍କ ସିଦ୍ଧାନ୍ତ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବରେ ଇତିହାସ ବିଭାଗର ସହକାରୀ ପ୍ରଫେସର ବାସନ୍ତୀ କୁଜୁର, ଭାରପ୍ରାପ୍ତ ବିଭାଗ ମୁଖ୍ୟ ସୁଧୀର ତିର୍କୀ, ପ୍ରାଣୀବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଡ଼. ସୁବାସ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପିକା ପ୍ରଜ୍ଞା ପାରମିତା ନାୟକ ଯୋଗ ଦେଇଥିଲେ।

## ଟ୍ରକ୍‌କୁ ପିଟିଲା ପିକ୍ଅପ୍; ଡ୍ରାଇଭର୍ ଗୁରୁତର

**କୋକସରା, ୧୧।୯ (ସମିସ):** ୨୬ ନଂ. ଜାତୀୟ ରାଜପଥ କୋକସରା ହନୁମାନ ମନ୍ଦିର ନିକଟରେ ଶୁକ୍ରବାର ବଲାଙ୍ଗୀରରୁ କୋରାପୁଟ ଅଭିମୁଖେ ଯାଉଥିବା ଏକ ପରିବା ବୋଝେଇ ପିକ୍ଅପ୍ ଭ୍ୟାନ୍ ଆଗରେ ଯାଉଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେବାରୁ ପିକ୍ଅପ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଡ୍ରାଇଭର ମନୋଜ ଜୁଏଡ଼। ଗୁରୁତର ଆହତ ହୋଇ ମନୋଜ ଗାଡ଼ି ଭିତରେ ଫସି ରହିଥିଲେ। କୋକସରା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟର ପରିଶ୍ରମ ପରେ ତାଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ସ୍ଥାନୀୟ ମେଡିକାଲ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଛି।

ଧର୍ମଗଡ଼ରେ ସ୍ୱତନ୍ତ୍ର ଶ୍ରମିକ କଲ୍ୟାଣ ଶିବିର

# ୭୬୨ ଜଣଙ୍କୁ ୬.୬ କୋଟି ଟଙ୍କା ସହାୟତା




**ଧର୍ମଗଡ଼, ୧୧।୯ (ସମିସ)**

କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଡିଭିଜନାଲ୍ ଲେବର କମିଶନରଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଧର୍ମଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଶ୍ରମିକ କଲ୍ୟାଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ ଓ ଅସଂଗଠିତ ଶ୍ରମିକମାନଙ୍କୁ ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ ସହିତ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ୮୦ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକ ଓ ୨୦ ଜଣ ଅସଂଗଠିତ ଶ୍ରମିକଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା।

ଏଥିସହିତ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ମୋଟ ୭୬୨ ଜଣ ହିତାଧିକାରୀଙ୍କୁ ୬.୬ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ମୃତ୍ୟୁକାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ମାତୃତ୍ୱ ସହାୟତା, ଶିକ୍ଷା ସହାୟତା ଓ ବିବାହ ସହାୟତା ଭଳି ବିଭିନ୍ନ କଲ୍ୟାଣକାରୀ ଯୋଜନାର ସହାୟତା ସାମିଲ ଥିଲା।

କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଶ୍ରମିକମାନଙ୍କ କଲ୍ୟାଣ ଓ ସାମାଜିକ ସୁରକ୍ଷା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଲକ୍ଷ୍ମୀକାନ୍ତ ବାଗ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଧର୍ମଗଡ଼ ଏନ୍ଏସି ଅଧ୍ୟକ୍ଷ ଅଶୋକ ମହାନ୍ତି, ଧର୍ମଗଡ଼ ଡେପୁଟି କଲେକ୍ଟରଙ୍କ ସମେତ ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଯୋଗ୍ୟ ଶ୍ରମିକମାନେ ନିଜର ପଞ୍ଜୀକରଣ ନିଶ୍ଚିତ କରିବା ସହ ସରକାରଙ୍କ ପକ୍ଷରୁ ଉପଲବ୍ଧ କଲ୍ୟାଣକାରୀ ସୁବିଧାର ସୁଯୋଗ ନେବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ।

ନୂଆପଡ଼ାରେ ଅବକାରୀ ବିଭାଗର ସମୀକ୍ଷା ବୈଠକ

# ଚଢ଼ଉ ଜୋରଦାର୍ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ସିନାପାଲି, ୧୧।୯ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅବକାରୀ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ଜିଲ୍ଲାରେ



ବିଭାଗ ପକ୍ଷରୁ ଚାଲିଥିବା ଆଇନ ପ୍ରବର୍ତ୍ତନ, ଅବୈଧ ମଦ ବିରୋଧୀ ଚଢ଼ଉ, ରାଜସ୍ୱ ଆଦାୟ ଓ ବିଭାଗୀୟ କାର୍ଯ୍ୟଦକ୍ଷତା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବିଭାଗର କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଇଥିଲା। ଏହି ସମୟ ମଧ୍ୟରେ ଜିଲ୍ଲାରେ ମୋଟ ୮୬୦ଟି ଅବକାରୀ ମାମଲା ଚିହ୍ନଟ, ୪୯୦ ଜଣଙ୍କୁ ଗିରଫ ଏବଂ ୩୪୭ଟି ମାମଲା କୋର୍ଟକୁ ପଠାଯାଇଥିବା ତଥ୍ୟ ଉପସ୍ଥାପିତ ହୋଇଥିଲା। ଏହାସହ ୩୪୩ଟି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଏନ୍‌ଡିପିଏସ୍ ଆଇନ ଅଧୀନରେ ୬ଟି ମାମଲା ଚିହ୍ନଟ ଓ ୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪୨.୮ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି।

ଜିଲ୍ଲାପାଳ ଶ୍ରୀ ଦାଶ ଏନ୍‌ଡିପିଏସ୍ ମାମଲା ଉପରେ ବିଶେଷ ଗୁରୁତ୍ୱ ଦେଇ ଗୁଇନ୍ଦା ତଥ୍ୟ ସଂଗ୍ରହକୁ ଅଧିକ ସୁଦୃଢ଼ କରିବା ସହ ନିଶାଦ୍ରବ୍ୟର ଅବୈଧ କାରବାର ଓ ଚାଲାଣ ବିରୋଧରେ ନିୟମିତ ଚଢ଼ଉକୁ ଜୋରଦାର କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଆଗାମୀ ନୂଆଖାଇ ପର୍ବ ପରିପ୍ରେକ୍ଷୀରେ ଜିଲ୍ଲାପାଳ ଅବକାରୀ ବିଭାଗକୁ ଅଧିକ ସକ୍ରିୟ ହେବାକୁ କହିଥିଲେ। ବୈଠକରେ ସେକ୍ସନ ଅଫିସର ସୌମ୍ୟକାନ୍ତ ଓଟ୍ଟା, ଅବକାରୀ ଉପ-ନିରୀକ୍ଷକ ବୃନ୍ଦାବତୀ ଭୁଆ, ଅବକାରୀ ସହକାରୀ ଉପ-ନିରୀକ୍ଷକ ବଳଭଦ୍ର ରାଉତଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ସକାଳ
THE SAKALA

# ପିଙ୍ଗଳ ଧାତବ

ଗତ କିଛିମାସ ଧରି ସୁନା ସମେତ ରୁପା ଓ ତମ୍ବା ପରି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଧାତୁ ମୂଲ୍ୟ ମଧ୍ୟ ଅନୁମାନଠାରୁ ଅଧିକ ବେଗରେ ବଢ଼ିଚାଲିବା ଅର୍ଥନୀତି ଓ ଭୂରାଜନୀତି ପ୍ରତି ଏକ ଭିନ୍ନ ସଙ୍କେତ ଦେଇଛି। ସାମ୍ପ୍ରତିକ ଅସ୍ଥିର ପ୍ରତିଭୂତି ବଜାରରେ ସ୍ଥାୟୀ ଓ ନିଶ୍ଚିତ ପ୍ରତିଦାନ ବା ଲାଭାଂଶ (ରିଟର୍ଣ୍ଣ) ଏବଂ ତ୍ୱରିତ ବିନିମୟକ୍ଷମ(ଲିକ୍ୱିଡିଟି) କ୍ଷମତା ଯୋଗୁଁ ସୁନାରେ ଅଧିକରୁ ଅଧିକ ନିବେଶ ସହିତ ଚୀନ୍ ଓ ଭାରତୀୟଙ୍କ ଅଳଙ୍କାର ଚାହିଦା ଯୋଗୁଁ ପୀତଧାତୁର ମୂଲ୍ୟ ଆକାଶଛୁଆଁ ହେବା ସ୍ୱାଭାବିକ। ଏହାଛଡ଼ା ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ମହଜୁଦ ସ୍ତର ବଢୁଥିବାରୁ ଏହାର ମୂଲ୍ୟ ବଜାରରେ ପ୍ରତିଫଳିତ ହୋଇଛି। କିନ୍ତୁ ରୁପା ଓ ତମ୍ବା ମୂଲ୍ୟରେ ଯେଉଁ ଅସ୍ୱାଭାବିକ ଊର୍ଦ୍ଧ୍ୱଗତି ଦେଖାଦେଇଛି ତାହା ଅର୍ଥନୀତିଜ୍ଞଙ୍କୁ ଚିନ୍ତିତ କରିଛି। ଏହି ମୂଲ୍ୟବୃଦ୍ଧି ପଛର କାରଣ ଖୋଜିବା ବେଳେ କେବଳ ଚାହିଦା ବ୍ୟତୀତ ଭୂରାଜନୀତି, କୂଟନୀତି, ପ୍ରତିରକ୍ଷା ଭଳି ଅନେକ କାରକ ସାମ୍ନାକୁ ଆସୁଛି। ଗତବର୍ଷକ ମଧ୍ୟରେ କେବଳ ଭାରତରେ ରୁପା ଦରରେ ୧୬୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ତମ୍ବା ମୂଲ୍ୟ ୩୫% ପର୍ଯ୍ୟନ୍ତ ବଢ଼ିଛି। ଏଥିରୁ ବିଶ୍ୱବଜାରର ସ୍ଥିତି ଅନ୍ୱେବହୁତ ଅନୁମେୟ।

ପ୍ରଥମେ ରୁପା କଥା ଆଲୋଚନା କରିବା। ଅଳଙ୍କାର ଓ ସୌଖୀନ ସାମଗ୍ରୀ ବ୍ୟତୀତ ଏବେ ରୁପାର ସର୍ବାଧିକ ବ୍ୟବହୃତ କ୍ଷେତ୍ରଟି ହେଉଛି ସୌରଶକ୍ତି ଉତ୍ପାଦନକାରୀ ଉପକରଣ ଓ ବ୍ୟାଟେରି ନିର୍ମାଣ। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନକୁ ପ୍ରତିହତ କରିବା ଲାଗି ବିଶ୍ୱ ଅକ୍ଷୟଶକ୍ତି ଉତ୍ପାଦନ ବୃଦ୍ଧି ଉପରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଗୁରୁତ୍ୱ ଦେଉଥିବାରୁ ରୁପା ଚାହିଦା ବଢ଼ିଛି। କିନ୍ତୁ ଏହା ଦ୍ୱିତୀୟ କାରକ ଭାବେ ଗ୍ରହଣ କରାଯାଇପାରେ। ରୁପା ମୂଲ୍ୟ ବୃଦ୍ଧି ପଛର ଅସଲ ରହସ୍ୟମୟ କାରଣଟି ପୁଣି ଥରେ ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ 'କ୍ରିଟିକାଲ୍ ମିନେରାଲ୍' ତାଲିକାରେ ରୁପାକୁ ସାମିଲ୍ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାର ଅର୍ଥ ହେଲା ଆମେରିକା ରୁପାକୁ ସରକାରୀ ଆବଶ୍ୟକତା ଭାବରେ ଗ୍ରହଣ କରିବ ଏବଂ ଅଧିକରୁ ଅଧିକ ସଂଗ୍ରହକୁ ଅଗ୍ରାଧିକାର ଦେବ। ଏହି ନିର୍ଦ୍ଦେଶନାମା ଜରି ହେବା ପରେ ଗତବର୍ଷ ତୁଳନାରେ ଆମେରିକାରେ ସରକାରୀ ରୁପା ସଂଗ୍ରହ ହାର ୭୪% ବୃଦ୍ଧି ଘଟିଛି। ବିଶେଷକରି ଚୀନ୍ ବିରଳ ମୃତ୍ତିକା ରପ୍ତାନୀ ଉପରେ କଟକଣା ଜାରି କରିବା ପରେ ଆମେରିକା ରୁପା ସଂଗ୍ରହକୁ ତ୍ୱରାନ୍ୱିତ କରିଛି। ଏ କ୍ଷେତ୍ରରେ ଚୀନ୍ ଓ ଭାରତ ମଧ୍ୟ ପଛରେ ପଡ଼ିବାକୁ ଚାହିଁନାହାନ୍ତି। ଭାରତରେ ରୁପାରେ ନିବେଶ ବର୍ଷକ ଭିତରେ ୫, ୩୪୨ କୋଟି ଟଙ୍କା ବଢ଼ିଛି ଏବଂ ମ୍ୟୁଚୁଆଲ୍ ଫଣ୍ଡରେ କମିଛି। ଏବେ ଭାରତରେ ମୋଟ ନିବେଶ ପରିମାଣର ପାଖାପାଖି ୭୨% ସୁନା ଓ ରୁପାରେ ହୋଇଛି। ସେହିଭଳି ସାମ୍ପ୍ରତିକ ସେମିକଣ୍ଡକ୍ଟର ନିର୍ମାଣ ପ୍ରତିଯୋଗିତା ଆଗକୁ ଆହୁରି ତୀବ୍ର ହେବାକୁ ଯାଉଥିବାରୁ ରୁପା ଚାହିଦା ସହିତ ମୂଲ୍ୟ ଆହୁରି ବଢ଼ିବାର ଅନୁମାନ କରାଯାଉଛି।

ସୁନା ଓ ରୁପା ସହିତ ତାଳ ଦେଇ ତମ୍ବା ମଧ୍ୟ ଅଭୂତପୂର୍ବ ଊର୍ଦ୍ଧ୍ୱମୁଖୀ ଯାତ୍ରାରେ ସାମିଲ୍ ହେବା ଆଶ୍ଚର୍ଯ୍ୟଚକିତ କରିଛି ଏବଂ ଅର୍ଥନୀତି ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶ୍ୱ ବଜାରରେ ତମ୍ବା ମୂଲ୍ୟ ଟନ୍ ପିଛା ଐତିହାସିକ ୧୨ ହଜାର ଡଲାର ଅତିକ୍ରମ କରିଛି ଏବଂ ପୂର୍ବବର୍ଷ ତୁଳନାରେ ଏଥିରେ ୩୫% ବୃଦ୍ଧି ଘଟିଛି। ଏହି ପିଙ୍ଗଳ ଧାତୁର ହଠାତ୍ ମୂଲ୍ୟ ବୃଦ୍ଧି ଯେଭଳି ଅସ୍ୱାଭାବିକ, କାରଣ ମଧ୍ୟ ସେଭଳି ଚିନ୍ତାଉଦ୍ରେକକାରୀ। ତମ୍ବା ନିବେଶକମାନଙ୍କ ଉପରେ ହୋଇଥିବା ଏକ ସର୍ବେକ୍ଷଣର ନିଷ୍କର୍ଷ ଅନୁଯାୟୀ ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ଉପକରଣରେ ତମ୍ବାର ବ୍ୟବହାର ସର୍ବାଧିକ ହେଉଥିବାରୁ ଏବଂ ଆଗକୁ ଯୁଦ୍ଧର ଘନଘଟା ଆହୁରି ବଢ଼ିବାକୁ ଥିବାରୁ ତମ୍ବାରେ ନିବେଶ ହିଁ ବୁଦ୍ଧିମାନର କାମ ବୋଲି ସେମାନେ ମତ ଦେଇଛନ୍ତି। ଏହାଛଡ଼ା ସାମ୍ପ୍ରତିକ କୃତ୍ରିମବୁଦ୍ଧିମତ୍ତା(ଏଆଇ) ଏବଂ ଅକ୍ଷୟଶକ୍ତି ପରିବହନରେ ତମ୍ବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତମ୍ବାରେ ନିବେଶ ବଢ଼ିଛି। ଗୋଟିଏ ଡାଟା କେନ୍ଦ୍ର ହାରାହାରି ୫ ହଜାରରୁ ୧୫ ହଜାର ଟନ୍ ପର୍ଯ୍ୟନ୍ତ ତମ୍ବା ଆବଶ୍ୟକ କରେ। ସେହିପରି ପାରମ୍ପରିକ ଯାନ ତୁଳନାରେ ବୈଦ୍ୟୁତିକ ଯାନରେ ଦୁଇଗୁଣା ଅଧିକ ତମ୍ବା ବ୍ୟବହାର ହେଉଥିବାରୁ ବୈଦ୍ୟୁତିକ ଯାନର ଚାହିଦା ସହିତ ତାଳ ଦେଇ ତମ୍ବା ଚାହିଦା ଓ ମୂଲ୍ୟ ମଧ୍ୟ ବଢ଼ିଛି।

ଏତଦ୍‌ବ୍ୟତୀତ ଟ୍ରମ୍ପ ପ୍ରଶାସନ ଅର୍ଦ୍ଧନିର୍ମିତ ତମ୍ବା ଉତ୍ପାଦ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ ଘୋଷଣା ପରେ ଆମେରିକାରେ ହିଁ ତମ୍ବା ଆମଦାନୀ ଉଲ୍ଲେଖନୀୟ ଭାବେ ବଢ଼ିଛି, ଯାହାର ପ୍ରଭାବ ବିଶ୍ୱ ବଜାରରେ ପଡ଼ିଛି। ଆମେରିକାରେ ତମ୍ବାର ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ମହଜୁଦ ସ୍ତର ୮୦ ହଜାର ଟନ୍‌ରୁ ୩ ଲକ୍ଷ ୪୦ ହଜାର ଟନ୍‌କୁ ବୃଦ୍ଧି ପାଇବା ସହିତ ବିଶେଷଜ୍ଞମାନେ ଆଗାମୀ ଦିନରେ ଯୁଦ୍ଧଆଶଙ୍କାକୁ ତୁଳନା କରୁଛନ୍ତି। ଅପରପକ୍ଷରେ ଆମେରିକାର ଉଦ୍ୟମକୁ ପ୍ରତିହତ କରିବାକୁ ଚୀନ୍ ପ୍ରରୋଚନାରେ ଇଣ୍ଡୋନେସିଆ, ଚିଲି ଓ କଙ୍ଗୋ ଭଳି କେତେକ ତମ୍ବା-ଖଣିଜସମୃଦ୍ଧ ରାଷ୍ଟ୍ର ସେମାନଙ୍କ ଉତ୍ପାଦନରେ କାଣ୍ଟଛାଣ୍ଟ କରିଛନ୍ତି। ଏହାର ପ୍ରଭାବ ମଧ୍ୟ ବଜାର ଉପରେ ପଡ଼ିଛି।

ଏହି ପୃଷ୍ଠଭୂମିରେ ଭାରତ ପାଇଁ ଯୋଜନାବଦ୍ଧ ବାଣିଜ୍ୟ-ଅର୍ଥନୀତି ଆବଶ୍ୟକ ଥିବା ବେଳେ ଏକ ନୂଆ ଆହ୍ୱାନ ସୃଷ୍ଟି ହୋଇଛି। ବିଶ୍ୱ ଧାତବ ବଜାରରେ ଏବେ ଯେଉଁ ଊର୍ଦ୍ଧ୍ୱମୁଖୀ ପ୍ରତିଯୋଗିତା ଆରମ୍ଭ ହୋଇଛି ସେଥିରେ ଭାରତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି। ଭାରତରେ ଧାତବ ଉତ୍ପାଦନ ପାଇଁ ଯେଉଁ ପଦ୍ଧତି ବ୍ୟବହାର ହୋଇଆସୁଛି ତାହା ଅପେକ୍ଷାକୃତ ଅଧିକ କାର୍ବନ ନିର୍ଗମନକାରୀ। ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ କାରବାରରେ ଇସ୍ପାତ୍ ଓ ଆଲୁମିନିୟମ୍ ସହିତ ତମ୍ବା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ବିଶ୍ୱ ବଜାରରେ ତିଷ୍ଠି ରହିବା ପାଇଁ ଭାରତୀୟ ରପ୍ତାନୀକାରୀମାନେ ମୂଲ୍ୟ ହ୍ରାସ କରିବାକୁ ପଡ଼ିବ, ଯାହା ସମ୍ଭବ ନୁହେଁ। ଭାରତରେ ଏକପକ୍ଷରେ ଟଙ୍କା ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇ ଚାଲିଥିବା ବେଳେ ଧାତବର ବିଦେଶୀ ଯାତ୍ରାରେ ଏହି କଟକଣା ଭାରତୀୟ ଅର୍ଥନୀତି ସହିତ ଭୂରାଜନୀତି ଓ କୂଟନୀତିକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ●



# ସମ୍ପାଦକୀୟ



ଶିଶୁମାନେ ବିଶ୍ୱର ସବୁଠାରୁ ମୂଲ୍ୟବାନ ସମ୍ପଦ।
- ଜେ ଏଫ୍. କେନେଡ଼ି

# ଅର୍ଥନୀତି, ନବସୃଜନ ଓ କୂଟନୀତିର ନୂଆ ଅଧ୍ୟାୟ

**ଇଂ. ଶୁଭମ ଶାଶ୍ୱତ ପୃଷ୍ଟି**

ଏକବିଂଶ ଶତାବ୍ଦୀର ବିଶ୍ୱ ବ୍ୟବସ୍ଥାରେ ଶକ୍ତି ଓ ସାମର୍ଥ୍ୟର ପରିଭାଷା ଦ୍ରୁତଗତିରେ ବଦଳୁଛି। ସାମରିକ କ୍ଷମତା ସହିତ ଆର୍ଥିକ ଅଭିବୃଦ୍ଧି, ପ୍ରଯୁକ୍ତିଗତ ନବସୃଜନ, ଡିଜିଟାଲ ଭିତ୍ତିଭୂମି, ଶକ୍ତି ସୁରକ୍ଷା ଓ ସ୍ଥାୟୀ ବିକାଶ ଏବେ ଏକ ରାଷ୍ଟ୍ର ବିଶ୍ୱ ପ୍ରଭାବର ପ୍ରମୁଖ ମାପକ ଭାବେ ପରିଗଣିତ ହେଉଛି। ଏହି ପରିବର୍ତ୍ତିତ ପରିଦୃଶ୍ୟରେ 'ବ୍ରିକ୍ସ' ଭାରତ ପାଇଁ କେବଳ ଏକ ବହୁପକ୍ଷୀୟ ମଞ୍ଚ ନୁହେଁ; ବରଂ ନିଜର ଆର୍ଥିକ ସାମର୍ଥ୍ୟ, ଡିଜିଟାଲ ନବସୃଜନ ଓ ରଣନୈତିକ ସ୍ୱାୟତ୍ତତାକୁ ବିଶ୍ୱ ମଞ୍ଚରେ ପ୍ରତିଷ୍ଠିତ କରିବାର ଏକ ସୁଲଭ ଅବସର।

ନୂଆଦିଲ୍ଲୀର 'ଭାରତ ମଣ୍ଡପମ'ଠାରେ ଆୟୋଜିତ ୧୮ତମ 'ବ୍ରିକ୍ସ' ଶିଖର ସମ୍ମିଳନୀ ଆୟୋଜନରେ ଭାରତକୁ ଚତୁର୍ଥ ଥର ପାଇଁ ଅଧ୍ୟକ୍ଷତା କରିବାର ସୁଯୋଗ ମିଳିଛି। ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକା ସହିତ ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ ଏହି ବିସ୍ତୃତ ମଞ୍ଚର ଅଂଶ ହୋଇଥିବା ବେଳେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୯.୫ ପ୍ରତିଶତ, ବିଶ୍ୱ ମୋଟ ଘରୋଇ ଉତ୍ପାଦନର ପ୍ରାୟ ୪୦ ପ୍ରତିଶତ ଓ ବିଶ୍ୱ ବାଣିଜ୍ୟର ପ୍ରାୟ ୨୬ ପ୍ରତିଶତ ଅଂଶକୁ ପ୍ରତିନିଧିତ୍ୱ କରୁଛନ୍ତି। ଅର୍ଥାତ୍, ବିଶ୍ୱର ପ୍ରାୟ ଅର୍ଦ୍ଧ ଜନସଂଖ୍ୟା ଓ ପ୍ରାୟ ଦୁଇ-ପଞ୍ଚମାଂଶ ଅର୍ଥନୀତି ଏକ ମଞ୍ଚରେ ଏକତ୍ରିତ ହେବା ବ୍ରିକ୍ସର ବଢୁଥିବା ଭୂ-ଆର୍ଥିକ ଗୁରୁତ୍ୱକୁ ପ୍ରମାଣିତ କରେ। ଭାରତର ଅର୍ଥନୀତି ଉଚ୍ଚ ଅଭିବୃଦ୍ଧି ହାର ସହିତ ଆଗକୁ ବଢୁଥିବା ବେଳେ ଏହାର ବିଶାଳ ଘରୋଇ ବଜାର, ଯୁବ ଜନସଂଖ୍ୟା, ବଢୁଥିବା ଉତ୍ପାଦନ କ୍ଷମତା ଓ ଡିଜିଟାଲ ଅର୍ଥନୀତି ଭାରତକୁ ବ୍ରିକ୍ସରେ ଏକ ନିର୍ଣ୍ଣାୟକ ଶକ୍ତିରେ ପରିଣତ କରୁଛି। ଆଜି ଭାରତର ଆର୍ଥିକ ଶକ୍ତି କେବଳ ମୋଟ ଘରୋଇ ଉତ୍ପାଦନର ଆକାରରେ ସୀମିତ ନହୋଇ ବିଶ୍ୱ ଯୋଗାଣ ଶୃଙ୍ଖଳା, ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ ନିବେଶରେ ଭାରତର ବଢୁଥିବା ଭୂମିକାର ମୂଳ ଆଧାରକୁ ଦର୍ଶାଉଛି।

୨୦୨୬ 'ବ୍ରିକ୍ସ' ଅଧ୍ୟକ୍ଷତାର ମୂଳ ଦର୍ଶନ ହେଉଛି - 'ସହନଶୀଳତା, ନବସୃଜନ, ସହଯୋଗ ଓ ସ୍ଥାୟିତ୍ୱ ପାଇଁ ନିର୍ମାଣ', ଯାହା ପରିବର୍ତ୍ତିତ ଆର୍ଥିକ ଚିନ୍ତାଧାରାକୁ ପ୍ରତିଫଳିତ କରେ। ଭାରତ କେବଳ ଘୋଷଣାମୂଳକ କୂଟନୀତି ନୁହେଁ, ବରଂ ପ୍ରାୟୋଗିକ ସହଯୋଗକୁ ଅଧିକ ଗୁରୁତ୍ୱ ଦେଉଛି। ଏହି ଅଧ୍ୟକ୍ଷତା ସମୟରେ ୨୫ଟି ସହରରେ ୩୫୦ରୁ ଅଧିକ ବୈଠକ ଓ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହାର ଲକ୍ଷ୍ୟ 'ବ୍ରିକ୍ସ'କୁ କେବଳ ରାଜନୈତିକ ଆଲୋଚନାର ମଞ୍ଚ ନକରି ବାଣିଜ୍ୟ, ଶିଳ୍ପ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ ଯୁବ ଉଦ୍ୟମିତାର ପ୍ରାୟୋଗିକ ସହଯୋଗ ମଞ୍ଚରେ ପରିଣତ କରିବା। ଏହି ଆଭିମୁଖ୍ୟର ସବୁଠାରୁ ବଡ଼ ଉଦାହରଣ ହେଉଛି ଭାରତର ଡିଜିଟାଲ ନବସୃଜନ।

ୟୁପିଆଇ ଭାରତର ଡିଜିଟାଲ ଅର୍ଥନୀତିର ଏକ ବିଶ୍ୱସ୍ତରୀୟ ପରିଚୟରେ ପରିଣତ ହୋଇଛି। ତତକ୍ଷଣାତ୍ ଓ ଅଳ୍ପ ଖର୍ଚ୍ଚରେ ଡିଜିଟାଲ ଦେୟ ବ୍ୟବସ୍ଥାର ଏହି ମଡେଲ୍ ଅନ୍ୟ ବିକାଶଶୀଳ ଦେଶ ପାଇଁ ଡିଜିଟାଲ ସମାବେଶର ଏକ ଉଦାହରଣ। ଭାରତର 'ବ୍ରିକ୍ସ' ଆଲୋଚନାରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, କୃତ୍ରିମ ବୁଦ୍ଧିମତ୍ତା, ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଓ ଡିଜିଟାଲ ପରିବର୍ତ୍ତନ ଉପରେ ଗୁରୁତ୍ୱ ଏହି କାରଣରୁ ବଢ଼ିଛି। ୟୁପିଆଇର ଗୁରୁତ୍ୱ 'ବ୍ରିକ୍ସ' ଦେଶଗୁଡ଼ିକୁ ଅନ୍ତର୍ଜାତୀୟ ଦେୟ ବ୍ୟବସ୍ଥାରେ ଅଧିକ ବିବିଧତା, ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ଓ ଆର୍ଥିକ ସହନଶୀଳତା ନେଇ ଆଲୋଚନା କରୁଥିବା ସମୟରେ ଭାରତ ଏକ ବିକଳ୍ପ ବିଶ୍ୱ ମୁଦ୍ରା ଗଠନ ଅପେକ୍ଷା ବ୍ୟବହାରିକ ଦେୟ ବ୍ୟବସ୍ଥା ଓ ଡିଜିଟାଲ ସଂଯୋଗ ଉପରେ ଗୁରୁତ୍ୱ ଦେଉଛି। ସ୍ଥାୟୀ ବିକାଶ ମଧ୍ୟ ଭାରତୀୟ ଅଧ୍ୟକ୍ଷତାର ଅନ୍ୟତମ କେନ୍ଦ୍ରବିନ୍ଦୁ। ବିଶେଷକରି ସୌର ଶକ୍ତି ଓ ଆଲୋକ ବିଦ୍ୟୁତଶିଳ୍ପରେ ସହଯୋଗ ପାଇଁ ଭାରତ ଏକ ବିଶେଷ 'ବ୍ରିକ୍ସ' କାର୍ଯ୍ୟଦଳ ଓ କାର୍ଯ୍ୟଯୋଜନା ଆଗକୁ ଆଣିଛି। ଶକ୍ତି ସୁରକ୍ଷାକୁ ଭାରତ କେବଳ ତେଲ ଓ ଗ୍ୟାସର ପ୍ରଶ୍ନ ଭାବେ ନଦେଖି ସୌର, ବୁଦ୍ଧିମାନ ବିଦ୍ୟୁତ୍ ଜାଲ ଓ ଶକ୍ତି ସଂରକ୍ଷଣ ସହିତ ଯୋଡ଼ିଛି।

ପ୍ରଯୁକ୍ତିର ପରବର୍ତ୍ତୀ ସୀମା ହେଉଛି ଅର୍ଦ୍ଧଚାଳକ। ଡିଜିଟାଲ ଅର୍ଥନୀତି, କୃତ୍ରିମ ବୁଦ୍ଧିମତ୍ତା, ବିଦ୍ୟୁତ୍‌ଚାଳିତ ଯାନ, ଦୂରସଂଚାର ଓ ପ୍ରତିରକ୍ଷା ଶିଳ୍ପ ଏ ସବୁ କ୍ଷେତ୍ରର ମୂଳରେ ସେମିକଣ୍ଡକ୍ଟର ରହିଛି। ତେଣୁ 'ବ୍ରିକ୍ସ'ର ନବସୃଜନ ଏଜେଣ୍ଡାରେ ଉନ୍ନତ ପଦାର୍ଥ ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ୍ ପ୍ରଯୁକ୍ତି ଓ ଉଚ୍ଚ ପ୍ରଯୁକ୍ତି ଗବେଷଣା ସହଯୋଗର ଗୁରୁତ୍ୱ ବଢ଼ିଛି। ଏହାସହିତ ଭାରତ ନବଉଦ୍ୟମ ନବସୃଜନ ପାଣ୍ଠି ଓ 'ବ୍ରିକ୍ସ' ନବଉଦ୍ୟମ ପ୍ରୋତ୍ସାହନ ଜାଲ ଭଳି ପଦକ୍ଷେପ ପାଇଁ ପ୍ରସ୍ତାବ ରଖିଛି। ଏହା ମାଧ୍ୟମରେ ବିଭିନ୍ନ ସଦସ୍ୟ ଦେଶର ନବଉଦ୍ୟମ, ନବଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ର, ଗବେଷଣା ସଂସ୍ଥା ଓ ଶିଳ୍ପକୁ ଏକାଠି କରିବାର ଚେଷ୍ଟା କରାଯାଇଛି। ଅର୍ଥାତ୍ ଭାରତର ବ୍ରିକ୍ସ ନୀତିରେ 'ବଜାର' ସହିତ 'ନବସୃଜନ' ଓ 'ଯୁବ ଉଦ୍ୟମିତା'କୁ ମଧ୍ୟ ଏକ ରଣନୈତିକ ସମ୍ପଦ ଭାବେ ଦେଖାଯାଉଛି।

ନୂଆଦିଲ୍ଲୀ ସମ୍ମିଳନୀର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ହେଉଛି ଦ୍ୱିପାକ୍ଷିକ କୂଟନୀତି। ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ, ଇରାନର ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଜିପ୍ଟର ରାଷ୍ଟ୍ରପତି ଅବ୍ଦେଲ୍ ଫତାହ୍ ଅଲ୍-ସିସି, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ୍ୱୋ ସୁବିଆଣ୍ଟୋ, ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିନିଧିତ୍ୱ କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ୍ ଓ ସାଉଦି ଆରବର ବିଦେଶମନ୍ତ୍ରୀ ଫୈସଲ୍ ବିନ୍ ଫରହାନଙ୍କ ଅଂଶଗ୍ରହଣ ଭାରତର ବୈଦେଶିକ କୂଟନୀତିକୁ ସଶକ୍ତ କରିଛି। ଏହି ମଞ୍ଚରେ ଭାରତର ଦ୍ୱିପାକ୍ଷିକ ରଣନୀତି ମଧ୍ୟ ଅତ୍ୟନ୍ତ ସ୍ୱଷ୍ଟ। ରୁଷିଆ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଲୋଚନାରେ ବାଣିଜ୍ୟର ସମ୍ପ୍ରସାରଣ, ପ୍ରତିରକ୍ଷା ସହଯୋଗ, ଶକ୍ତି ଯୋଗାଣ ବୃଦ୍ଧି, ମହାକାଶ, ପ୍ରଯୁକ୍ତିବିଦ୍ୟା, ସାର ଓ ପର୍ଯ୍ୟଟନ ସମ୍ପର୍କ ଭଳି କ୍ଷେତ୍ର ପ୍ରମୁଖଭାବେ ଅଲୋଚନା ହେବାର ସମ୍ଭାବନା ରହିଛି। ରୁଷିଆ ଭାରତର ଏକ ପ୍ରମୁଖ ଶକ୍ତି ଯୋଗାଣକାରୀ ରାଷ୍ଟ୍ର ହୋଇଥିବାରୁ ଶକ୍ତି ସୁରକ୍ଷା ଓ ଦୀର୍ଘମିଆଦୀ ଆର୍ଥିକ ସହଯୋଗ ଏଠାରେ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପିତ ହୋଇଛି।

ସେହିପରି ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦିଲ୍ଲୀ ଗସ୍ତ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରୁଛି। ସାତ ବର୍ଷ ପରେ ତାଙ୍କର ଏହି ଭାରତ ଗସ୍ତ ଏବଂ ଭାରତ-ଚୀନ ସମ୍ପର୍କରେ ସ୍ଥିରତା, ବାଣିଜ୍ୟ ଓ ଆର୍ଥିକ ସମ୍ପର୍କକୁ ଆଗକୁ ନେବା ନେଇ ଆଲୋଚନାର ସୁଯୋଗ ସୃଷ୍ଟି କରୁଛି। ତଥାପି ନିବେଶ, ନିୟମାନୁଶାସନ, ପ୍ରଯୁକ୍ତିବିଦ୍ୟା ଓ ପାରସ୍ପରିକ ବିଶ୍ୱାସର ସମସ୍ୟା ରହିଥିବାରୁ ଭାରତର ଆଭିମୁଖ୍ୟ ଜାତୀୟ ସୁରକ୍ଷା ଓ ଆର୍ଥିକ ସ୍ୱାର୍ଥ ଉପରେ ନିହିତ ରହିବ ବୋଲି ଆଶା କରାଯାଉଛି। ଇରାନ ସହ ମଧ୍ୟ ଭାରତର ଦ୍ୱିପାକ୍ଷିକ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଆଶା କରାଯାଉଛି। ପେଜେସ୍କିଆନଙ୍କ ଭାରତ ଗସ୍ତ ସମୟରେ ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଚାବାହାର ଓ ମଧ୍ୟଏସିଆ ସଂଯୋଗ, ଶକ୍ତି, ବାଣିଜ୍ୟ ଓ ପଶ୍ଚିମ ଏସିଆର ସ୍ଥିରତା ଭଳି ବିଷୟକୁ ନେଇ ଆଲୋଚନାର ବିଷୟ ଥିବା ବେଳେ ଏହା ଭାରତର ବ୍ୟାପକ ଭୂ-ଆର୍ଥିକ ରଣନୀତିକୁ ପ୍ରତିପାଦନ କରୁଛି।

ବ୍ରିକ୍ସରେ ଭାରତର ଉଦୟ କେବଳ ଏକ ବୃହତ୍ ଅର୍ଥନୀତିର କାହାଣୀ ନୁହେଁ, ବରଂ ଏକ ଭାରତର ଉଦୟ, ଯେଉଁଠାରେ ମୋଟ ଘରୋଇ ଉତ୍ପାଦନ ଅଭିବୃଦ୍ଧି ସହିତ ଡିଜିଟାଲ ନବସୃଜନ, ୟୁପିଆଇ, ସୌର ଶକ୍ତି, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା, ନବଉଦ୍ୟମ, ସବୁଜ ଅର୍ଥନୀତି ଓ ରଣନୈତିକ ସ୍ୱାୟତ୍ତତା ଭଳି ପ୍ରସଙ୍ଗ ସମାହିତ ହୋଇଛି। ଭାରତର ଶକ୍ତି ତାହାର ଆକାରରେ ଯେତିକି, ଦିଗନିର୍ଦ୍ଦେଶରେ ମଧ୍ୟ ସେତିକି। ଅର୍ଥନୈତିକ ବୃଦ୍ଧି ଯଦି ଏହାର ଭିତ୍ତି ହୁଏ, ତେବେ ଡିଜିଟାଲ ନବସୃଜନ ତାହାର ଗତି, ସୌର ଓ ସବୁଜ ପ୍ରଯୁକ୍ତିବିଦ୍ୟା ତାହାର ଭବିଷ୍ୟତ ଏବଂ କୂଟନୈତିକ ସ୍ୱାୟତତ୍ତା ତାହାର ପରିଚୟ। ଏହି ଚାରିଶକ୍ତିକୁ ଏକତ୍ର କରି ଭାରତ 'ବ୍ରିକ୍ସ'କୁ ଏକ ନୂଆ ବିଶ୍ୱ ଆର୍ଥିକ ସହଯୋଗର ମଞ୍ଚରେ ପରିଣତ କରିପାରିଲେ, ନୂଆଦିଲ୍ଲୀର ଏହି ଅଧ୍ୟକ୍ଷତା କେବଳ ଏକ ସମ୍ମିଳନୀର ଆୟୋଜନ ନହୋଇ ବିଶ୍ୱ ଶକ୍ତି ସମୀକରଣରେ ଭାରତର ନୂଆ ଉଦୟ ଓ ଉଦ୍ୟମତାକୁ ପ୍ରତିପାଦିତ କରିବ। ●

ନୂଆଦିଲ୍ଲୀ, ମୋ: ୯୪୩୮୩୨୮୦୧୫

# ଅରଟରୁ ମୋବାଇଲ୍ ପର୍ଯ୍ୟନ୍ତ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ବର୍ଷ ୧୯୩୦ରେ ଯେତେବେଳେ ମହାତ୍ମା ଗାନ୍ଧୀ ଲବଣ ସତ୍ୟାଗ୍ରହ ଘୋଷଣା କଲେ, ଅନେକ ପଚାରିଲେ ଲୁଣ ହିଁ କାହିଁକି? ଇଂରେଜମାନଙ୍କ ବିରୋଧରେ ଲଢ଼େଇ ପାଇଁ କ'ଣ ଆଉ କୌଣସି ବଡ଼ ପ୍ରସଙ୍ଗ ନାହିଁ? ହେଲେ ଗାନ୍ଧୀ ଜାଣିଥିଲେ ଯେ କୌଣସି ଜନଆନ୍ଦୋଳନର ଶୁଭାରମ୍ଭ ସ୍ଲୋଗାନ କିମ୍ବା ଭିଡ଼ରୁ ହୋଇ ନ ଥାଏ, ବରଂ ଏପରି ପ୍ରସଙ୍ଗରୁ ହୁଏ, ଯେଉଁଥିରେ ସାଧାରଣ ମଣିଷର ଆବଶ୍ୟକତା ଜଡ଼ିତ। ଧନୀ ହୁଅନ୍ତୁ କି ଗରିବ - ଲୁଣ ପ୍ରତ୍ୟେକ ଘରର ଆବଶ୍ୟକତାରେ ସାମିଲ ଥିଲା। ତେଣୁ ଲବଣ ସତ୍ୟାଗ୍ରହ କେବଳ ଏକ ଜନଆନ୍ଦୋଳନ ନ ଥିଲା, ତାହା ଅନ୍ୟାୟ ବିରୋଧରେ ପ୍ରତିବାଦର ପ୍ରତୀକ ପାଲଟିଯାଇଥିଲା। ଗାନ୍ଧୀ ସାବରମତୀ ଆଶ୍ରମରୁ ବାହାରିବା ବେଳେ ତାଙ୍କ ସହ ହାତଗଣତି କିଛି ଲୋକ ଥିଲେ। କିନ୍ତୁ ଯେମିତି ଯେମିତି ସେ ଦାଣ୍ଡି ଆଡ଼କୁ ଆଗେଇଲେ, ହଜାର ହଜାର ଲୋକ ଯୋଡ଼ି ହୋଇଚାଲିଲେ। କେହି ଭାଷଣ ଶୁଣି ଆସିଲା ତ କେହି ଆବଶ୍ୟକତାରୁ। ଦାଣ୍ଡି ପହଞ୍ଚୁ ପହଞ୍ଚୁ ତାହା ସମଗ୍ର ଭାରତ ପାଲଟିଗଲା। ଗାନ୍ଧୀଙ୍କର ଏହା ହିଁ ବଡ଼ ରାଜନୈତିକ ଶକ୍ତି ଥିଲା।

ପ୍ରାୟ ଏକ ଶତାବ୍ଦୀ ପରେ ଭାରତର ନୂଆ ପିଢ଼ିକୁ ଦେଖି ସେହି କଥା ପୁଣି ମନେପଡ଼େ। ନିକଟ ଅତୀତରେ ଯୁବବର୍ଗଙ୍କ ଆନ୍ଦୋଳନ ପୁଣି ଥରେ ପ୍ରମାଣିତ କଲା ଯେ ଭାରତର ଯୁବକ କେବଳ ଇଣ୍ଟରନେଟ୍ ମିଡିଆରେ ନିଜ କଥା ରଖୁଥିବା ପିଢ଼ି ନୁହନ୍ତି। ଯେତେବେଳେ ତାଙ୍କୁ ଲାଗେ ଯେ କୌଣସି ପ୍ରସଙ୍ଗରେ ନିଜ କଥା ସାର୍ବଜନୀନ ଭାବେ ରଖିବା ଉଚିତ୍, ସେତେବେଳେ ସେମାନେ ଗଣତନ୍ତ୍ରର ସୀମା ଭିତରେ ରହି ନିଜ ସ୍ୱର ବି ଉଠାଇପାରନ୍ତି। କିଛିବର୍ଷ ହେବ ଏହି ଧାରଣା କ୍ରମାଗତ ଭାବେ ଚାଲିଛି। ଆଜିର ଯୁବବର୍ଗ ଯେତେବେଳେ କୌଣସି ପ୍ରସଙ୍ଗକୁ ନେଇ ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହୁଅନ୍ତି, ନିଜ କଥା ରଖନ୍ତି ଏବଂ ଗଣତାନ୍ତ୍ରିକ ଉପାୟରେ ସଂବାଦ କରନ୍ତି, ସେତେବେଳେ ସେ ଦର୍ଶାନ୍ତି ଯେ ଟେକ୍ନୋଲୋଜି ତାଙ୍କର ଭାଷା ବଦଳାଇଛି, ସମ୍ବେଦନଶୀଳତା ନୁହେଁ। ଏହିଠାରୁ ହିଁ ଏକ 'ନବ ଗାନ୍ଧୀବାଦ'ର ଆରମ୍ଭ ଦେଖାଯାଏ। ଏହି 'ନବ ଗାନ୍ଧୀବାଦ' ଖଦଡ଼ ପିନ୍ଧିବା କିମ୍ବା ଅରଟ ଚଳାଇବାର ଆଗ୍ରହ ପ୍ରକାଶ କରେ ନାହିଁ, ଗାନ୍ଧୀ ଦର୍ଶନର ସେହି ମୂଳ ଭାବନାକୁ ଆପଣାଏ, ଯେଉଁଥିରେ ସଂବାଦ ଏବଂ ନୈତିକ ସାହସ ସବୁଠାରୁ ବଡ଼ ଶକ୍ତି ହୋଇଥାଏ। ଆଜିର ଯୁବବର୍ଗଙ୍କ ହାତରେ ଅରଟ ଜାଗାରେ ମୋବାଇଲ୍ ଅଛି। ଗାଁ ଗାଁ ପଦଯାତ୍ରା ଜାଗାରେ ଇଣ୍ଟରନେଟ୍ ଅଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଗାନ୍ଧୀ ଅପ୍ରାସଙ୍ଗିକ ହୋଇଯାଇଛନ୍ତି। ଯଦି ଯୁବବର୍ଗ ନିଜ କଥା ବିନା ହିଂସାରେ ରଖନ୍ତି, ଯଦି ସେ ବ୍ୟବସ୍ଥା ପାଖରୁ ଜବାବ ମାଗନ୍ତି, କିନ୍ତୁ ବ୍ୟବସ୍ଥା ଭାଙ୍ଗିବା କଥା କହନ୍ତି ନାହିଁ, ତେବେ ସେ ଜାଣିଶୁଣି କିମ୍ବା ଅଜାଣତରେ ଗାନ୍ଧୀଙ୍କ ପରମ୍ପରାକୁ ହିଁ ଆଗକୁ ବଢ଼ାଉଛନ୍ତି।

ଗାନ୍ଧୀଙ୍କର ସବୁଠାରୁ ବଡ଼ ଯୋଗଦାନ କେବଳ ଦେଶକୁ ସ୍ୱାଧୀନତା ଦେବା ନଥିଲା, ସେ ବିରୋଧର ଭାଷା ବଦଳାଇଥିଲେ। ସେ ଦର୍ଶାଇଲେ ଯେ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବନ୍ଧୁକ ନୁହେଁ, ବରଂ ନୈତିକ ବଳ। ଶାସନ କ୍ଷମତା ସେହି ନାଗରିକକୁ ସବୁଠାରୁ ବେଶି ଡରେ, ଯିଏ ଶାନ୍ତ ରହେ, କିନ୍ତୁ ନିଜ ଅଧିକାର ଉପରେ ଅଟଳ ରହେ ଏବଂ ଏହା ହିଁ ସତ୍ୟାଗ୍ରହର ଆତ୍ମା। ଆଜି ଭାରତର ଗଣତନ୍ତ୍ର ବି ସେହି ନୈତିକ ଶକ୍ତିର ଆବଶ୍ୟକତା ଅନୁଭବ କରୁଛି। ଗଣତନ୍ତ୍ର କେବଳ ମତଦାନ ଦ୍ୱାରା ମଜବୁତ୍ ହୋଇନଥାଏ। ତାହା ସେତେବେଳେ ମଜବୁତ୍ ହୁଏ, ଯେତେବେଳେ ନାଗରିକ ପ୍ରଶ୍ନ ପଚାରନ୍ତି, ସରକାର ଜବାବ ଦିଅନ୍ତି, ବିରୋଧୀ ଦଳ ନିଜ କଥା ରଖନ୍ତି ଏବଂ ସମାଜ ଆଲୋଚନା ଓ ସଂବାଦ ପାଇଁ ପ୍ରସ୍ତୁତ ରହେ। ଯଦି ଏଥିମଧ୍ୟରୁ କୌଣସି ଗୋଟିଏ କଡ଼ି ଦୁର୍ବଳ ପଡ଼ିଯାଏ, ତେବେ ଗଣତନ୍ତ୍ରର ସନ୍ତୁଳନ ବି ଦୁର୍ବଳ ହେବାକୁ ଲାଗେ।

ନୂଆ ପିଢ଼ିର ସବୁଠାରୁ ବଡ଼ ବିଶେଷତା ହେଉଛି ସେମାନେ ସବୁ କଥାକୁ ଆଖିବୁଜି ସ୍ୱୀକାର କରନ୍ତି ନାହିଁ, ପ୍ରଶ୍ନ ପଚାରନ୍ତି। ଅନେକ ସମୟରେ ସେ ପ୍ରଶ୍ନ ଅସହଜ ବି ଲାଗେ। କିନ୍ତୁ ପ୍ରଶ୍ନ ପଚାରୁଥିବା ସମାଜ ହିଁ ଜୀବନ୍ତ ସମାଜ। ଗାନ୍ଧୀ ବି ଏହା ଚାହୁଁଥିଲେ। ସେ ଅନ୍ଧଭକ୍ତି ନୁହେଁ, ସଚେତନ ନାଗରିକ ଚାହୁଁଥିଲେ ଏବଂ ଏପରି ଏକ ଭାରତର ସ୍ୱପ୍ନ ଦେଖୁଥିଲେ, ଯେଉଁଠି ସରକାର ଜନତାଙ୍କୁ ଡରିବେ ନାହିଁ, ବରଂ ଜନତାଙ୍କ ପ୍ରତି ଉତ୍ତରଦାୟୀ ରହିବେ। ଏହା ସତ ଯେ ପ୍ରତ୍ୟେକ ଆନ୍ଦୋଳନ 'ଗାନ୍ଧୀବାଦୀ' ନୁହେଁ ଏବଂ ପ୍ରତ୍ୟେକ ବିରୋଧକୁ 'ଗାନ୍ଧୀ'ଙ୍କ ନାମ ଦିଆଯାଇପାରିବ ନାହିଁ। 'ଗାନ୍ଧୀବାଦ'ର ଅର୍ଥ ହେଉଛି ସତ୍ୟ ପ୍ରତି ସଚ୍ଚୋଟତା, ବିରୋଧୀଙ୍କ ପ୍ରତି ସମ୍ମାନ, ସାର୍ବଜନୀନ ଜୀବନରେ ମର୍ଯ୍ୟାଦା ଏବଂ ଯେକୌଣସି ପରିସ୍ଥିତିରେ ହିଂସାରୁ ଦୂରତା। ଯଦି ଏହି ଉପାଦାନଗୁଡ଼ିକ ଉପସ୍ଥିତ ଅଛି, ତେବେ ଯାଇ କୌଣସି ଆନ୍ଦୋଳନରେ ଗାନ୍ଧୀଙ୍କ ଆତ୍ମା ଦେଖାଯାଏ। ଆଜି ଆବଶ୍ୟକତା ନୁହେଁ ଯୁବବର୍ଗ ଗାନ୍ଧୀଙ୍କ ଭଳି ପୋଷାକ ଆପଣାନ୍ତୁ, ବରଂ ଏହା ଯେ ସେମାନେ ଗାନ୍ଧୀଙ୍କ ପନ୍ଥାକୁ ବୁଝନ୍ତୁ। ଅସମ୍ମତିକୁ ଘୃଣାରେ ବଦଳାଇବା ପରିବର୍ତ୍ତେ ସଂବାଦରେ ବଦଳାଇବା ଏବଂ ରାଜନୀତିକୁ କ୍ଷମତାର ଖେଳ ଭାବିବା ପରିବର୍ତ୍ତେ ସମାଜ ପରିବର୍ତ୍ତନର ମାଧ୍ୟମ କରିବା ହିଁ ଗାନ୍ଧୀଙ୍କ ରାସ୍ତା ଥିଲା।

ଭାରତ ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଏବଂ ଆଜି ଏହି ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଯୁବ ଜନସଂଖ୍ୟା। ଯଦି ଏହି ଯୁବବର୍ଗ କେବଳ ନିର୍ବାଚନ ଦିନ ଭୋଟ୍ ଦେଉଥିବା ନାଗରିକ ହୋଇ ରହିଯିବେ, ତେବେ ଗଣତନ୍ତ୍ର ଅଧୁରା ରହିବ। ଯଦି ଏହି ଯୁବବର୍ଗ ସମ୍ବିଧାନ, ଅଧିକାର, କର୍ତ୍ତବ୍ୟ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସଚେତନ ରହିବେ, ତେବେ ଭାରତର ଗଣତନ୍ତ୍ର ଆହୁରି ସୁଦୃଢ଼ ହେବ। ଦାଣ୍ଡି ଯାତ୍ରା ଆମକୁ ଏହା ଶିଖାଏ ଯେ ପ୍ରତ୍ୟେକ ବଡ଼ ପରିବର୍ତ୍ତନ ଏକ ଛୋଟ ପ୍ରଶ୍ନରୁ ଆରମ୍ଭ ହୁଏ, ଯାହାକୁ ଲୋକମାନେ ପ୍ରଥମେ ସାଧାରଣ ଭାବନ୍ତି। ସେହି ପ୍ରଶ୍ନ ଧୀରେ ଧୀରେ ସମାଜର ଚେତନା ପାଲଟିଯାଏ। ହୁଏତ ଆଜିର ପିଢ଼ି ଏହି ରାସ୍ତାରେ ନିଜ ଢଙ୍ଗରେ ଚାଲୁଛନ୍ତି। ଯୁବ ପିଢ଼ି ଗାନ୍ଧୀଙ୍କୁ ବହିରେ କମ୍ ପଢୁଛନ୍ତି, କିନ୍ତୁ ଅନେକ ସମୟରେ ତାଙ୍କ ବିଚାରକୁ ନିଜ ବ୍ୟବହାରରେ ଦେଖାଉଛନ୍ତି। ଗାନ୍ଧୀ କହିଥିଲେ, ଆପଣ ସେହି ପରିବର୍ତ୍ତନ ହୁଅନ୍ତୁ, ଯାହା ଦୁନିଆରେ ଦେଖିବାକୁ ଚାହାନ୍ତି। ନୂଆ ପିଢ଼ି ସାମ୍ନାରେ ଏହା ହିଁ ସବୁଠାରୁ ବଡ଼ ଆହ୍ୱାନ। ହୁଏତ ଏହା ହିଁ ଏକବିଂଶ ଶତାବ୍ଦୀର ସବୁଠାରୁ ସତ୍ୟ ଗାନ୍ଧୀବାଦ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

# କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

## ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

**ବର୍ମା (ମିଆଁମାର)ରେ ବୌଦ୍ଧଧର୍ମର ପ୍ରସାର:** ଅଶୋକଙ୍କ ସମୟରେ ବର୍ମାରେ ବୌଦ୍ଧ ଧର୍ମ ପ୍ରବେଶ କରିଥିବା ଜଣାପଡ଼େ। ସିଂହଳୀୟ ବୃତ୍ତାନ୍ତ ଅନୁସାରେ, ପ୍ରସିଦ୍ଧ ଥେର ସୋଣ ଓ ଉତ୍ତରଙ୍କୁ ମୋଗ୍ଗଲିପୁତ୍ତ ତିସ୍ସ ସୁବର୍ଣ୍ଣ ଭୂମିରେ ବୌଦ୍ଧଧର୍ମ ପ୍ରଚାର କରିବାକୁ ପଠାଇଥିଲେ। ସୁବର୍ଣ୍ଣଭୂମିକୁ ବର୍ମା ସହିତ ଚିହ୍ନଟ କରାଯାଇଛି। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ପୂର୍ବରୁ ବର୍ମାରେ ଥେରବାଦ (ହୀନଯାନ) ବୌଦ୍ଧ ଧର୍ମର ପ୍ରଚଳନ ଥିବା ବିଷୟ ନାଗାର୍ଜୁନ କୋଣ୍ଡା ଶିଳାଲେଖରୁ ଜଣାପଡ଼େ। ପ୍ରାଚୀନ ଚୀନୀ ଗ୍ରନ୍ଥଗୁଡ଼ିକରେ ମଧ୍ୟ ଚିନ୍ ଲିନ୍ (ଥାଟୋନ୍) ଓ ଲିନ୍ ୟାଙ୍ଗ (ପ୍ରୋମ) ନାମକ ଦେଶ ସଂପର୍କରେ ଉଲ୍ଲେଖ ମିଳେ, ଯେଉଁଠାରେ ତୃତୀୟ ଶତାବ୍ଦୀ ବେଳକୁ ମଧ୍ୟ ସବୁଲୋକ ଭାଗବାନ ବୁଦ୍ଧଙ୍କୁ ପୂଜା କରୁଥିଲେ। ଏହି ଥାଟୋନ ଓ ପ୍ରୋମ ବର୍ମା ଦେଶର ଅଂଶବିଶେଷ।

ଖ୍ରୀଷ୍ଟୀୟ ପଞ୍ଚମ ଶତବ୍ଦୀ ବେଳକୁ ତିବ୍ବତୀୟ ବଂଶଜ (ପ୍ୟୁ) ଜାତି କେନ୍ଦ୍ରୀୟ ବର୍ମାରେ ବସବାସ କରୁଥିଲେ। ଇରାୱାଡୀ ନଦୀ କୂଳରେ ଥିବା ହାଉଜା (ପ୍ରାଚୀନ ପ୍ରୋମ) ସେମାନଙ୍କର ରାଜଧାନୀ ଥିଲା। ଅନ୍ୟ ପଟରେ ମୋନ୍ ଜାତି ନିମ୍ନ ବର୍ମା ଅଧିକାର କରି ଥାଟୋନ ଓ ପେଗୁକୁ ନିଜ ନିଜର ପ୍ରମୁଖ କେନ୍ଦ୍ର କରିଥିଲେ। ପ୍ୟୁ ମାନେ ହୀନଯାନ ବୌଦ୍ଧଧର୍ମ ଗ୍ରନ୍ଥଗୁଡ଼ିକ ଅନୁସରଣ କରୁଥିଲେ ଏବଂ ସେମାନଙ୍କର ରାଜାମାନେ ଥେରବାଦୀ ସଂସ୍କୃତିର ପ୍ରସିଦ୍ଧ ପୃଷ୍ଠପୋଷକ ଥିଲେ। ହ୍ମାଉଜା ନିକଟସ୍ଥ ମାଉଙ୍ଗଗାନଠାରେ ପଞ୍ଚମ-ଷଷ୍ଠ ଶତାବ୍ଦୀର ଲିପିରେ ପାଲି ଭାଷାରେ ହୀନଯାନ ଧର୍ମଗ୍ରନ୍ଥ ଖୋଦିତ ସୁବର୍ଣ୍ଣପତ୍ର ମିଳିଛି। ଏହି ଆବିଷ୍କାର ପ୍ୟୁ ମାନଙ୍କର ଦୃଢ଼ ହୀନଯାନ ବିଶ୍ୱାସର ପ୍ରମାଣ ଦେଇଥାଏ। ଏହି ବୌଦ୍ଧଧର୍ମ ଦକ୍ଷିଣ-ପୂର୍ବ ଭାରତରୁ ହିଁ ସେମାନଙ୍କ ଦେଶକୁ ଆସିଥିଲା।

ବର୍ମା ଓ ପ୍ରାଚୀନ ଓଡ୍ର, ଉତ୍କଳ ଏବଂ କଳିଙ୍ଗ ମଧ୍ୟରେ ଘନିଷ୍ଠ ସଂପର୍କ ଓ ଯାତାୟତ ଥିବାର ଦୃଢ଼ ପ୍ରମାଣ ମିଳେ। ଏହି ସଂପର୍କ ଫଳରେ ବର୍ମାରେ ବ୍ରାହ୍ମଣୀୟ (ହିନ୍ଦୁ ସନାତନ) ଓ ବୌଦ୍ଧ ସଂସ୍କୃତିର ପ୍ରସାର ଘଟିଥିବା ନିଶ୍ଚିତ ଭାବେ କୁହାଯାଇପାରିବ। ପେଗୁର ପ୍ରାଚୀନ ନାମ 'ଉସ୍ସା' ଥିଲା, ଯାହାକୁ ଓଡ୍ର / ଉଡ୍ର ବା ଓଡ଼ିଶାର ଏକ ପରିବର୍ତ୍ତିତ ରୂପ ବୋଲି କୁହାଯାଇଛି। ଏହାଛଡ଼ା ମୋନ୍ ଲେଖାଗୁଡିକରେ ପ୍ରାଚୀନ ପ୍ରୋମ ପ୍ୟୁ ମାନଙ୍କର ରାଜଧାନୀକୁ ପ୍ରାୟତଃ ଶ୍ରୀକ୍ଷେତ୍ର ବୋଲି ଉଲ୍ଲେଖ କରାଯାଇଛି। 'ଶ୍ରୀକ୍ଷେତ୍ର' ହେଉଛି ଓଡ଼ିଶାର ପୁରୀ କ୍ଷେତ୍ରର ନାମ। ଏହି ସମସ୍ତ ତଥ୍ୟ ବର୍ମା ଓ ଓଡ଼ିଶା ମଧ୍ୟରେ ଥିବା ପ୍ରାଚୀନ ସାଂସ୍କୃତିକ ଓ ଧାର୍ମିକ ସଂପର୍କକୁ ସୂଚିତ କରିଥାଏ।

ଓଡ଼ିଶାର ବର୍ମା ସହିତ ପ୍ରାଚୀନ କାଳରୁ ସଂପର୍କର ଆହୁରି ଅଧିକ ପ୍ରମାଣ ମଧ୍ୟ ରହିଛି। ବର୍ମାର ଉତ୍ତର-ପଶ୍ଚିମ ଅଞ୍ଚଳଟି 'ଉତ୍କଳ' ନାରେ ଖ୍ୟାତ ଥିଲା। ସେହିପରି ବର୍ମାର ନିମ୍ନ ଅଞ୍ଚଳ, ଯେଉଁଠାରେ ପ୍ରାରମ୍ଭିକ ଖ୍ରୀଷ୍ଟୀୟ ଶତାବ୍ଦୀଗୁଡ଼ିକରେ ବୌଦ୍ଧ ଧର୍ମ ବିକଶିତ ହୋଇଥିଲା, ତାହା 'ତାଲାଇଙ୍ଗ' (ତ୍ରିକଳିଙ୍ଗ ବା କଳିଙ୍ଗ) ନାମରେ ପରିଚିତ ଥିଲା। ଏଥିରେ ଯାହା ସ୍ପଷ୍ଟ ଜଣାଯାଉଛି, ପ୍ରାଚୀନ ଭାରତର ଉତ୍କଳ ଓ କଳିଙ୍ଗ ଦେଶର ଲୋକମାନେ ବର୍ମାରେ ବ୍ରାହ୍ମଣୀୟ ତଥା ବୌଦ୍ଧ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟତଃ କାର୍ଯ୍ୟରତ ଥିଲେ। ଏହା ମଧ୍ୟ ଅଧିକ ସ୍ପଷ୍ଟ ଜଣାଯାଉଛି ଯେ ପ୍ରାରମ୍ଭିକ ଖ୍ରୀଷ୍ଟୀୟ ଶତାବ୍ଦୀଗୁଡ଼ିକରେ ଓଡ଼ିଶାରୁ ଯାଇଥିବା ଉପନିବେଶ ସ୍ଥାପନକାରୀ ଓ ଧର୍ମପ୍ରଚାରକମାନଙ୍କ ଦ୍ୱାରା ହିଁ ବର୍ମାରେ ବୌଦ୍ଧ ଧର୍ମ ପ୍ରଥମେ ସୁସଂଗଠିତ ଭାବରେ ପ୍ରତିଷ୍ଠିତ ହୋଇଥିଲା।

**କଳିଙ୍ଗ ଓ ସିଂହଳ:** କଳିଙ୍ଗ ଓ ସିଂହଳ ମଧ୍ୟରେ ସାଂସ୍କୃତିକ ଆଦାନ ପ୍ରଦାନ ଅତ୍ୟନ୍ତ ଘନିଷ୍ଠ ଓ ଦୀର୍ଘକାଳୀନ ଥିଲା। 'ସାମନ୍ତପସାଦିକ' ଗ୍ରନ୍ଥରୁ ଜଣାପଡ଼ିଥାଏ ଯେ ସମ୍ରାଟ ଅଶୋକ ପବିତ୍ର ବୋଧିବୃକ୍ଷ ସହିତ ଏହାର ପରିଚର୍ଯ୍ୟା ପାଇଁ କଳିଙ୍ଗର ଆଠଗୋଟି ପରିବାରକୁ ସିଂହଳ ପଠାଇଥିଲେ। ଏହି ପରିବାରଗୁଡ଼ିକୁ କେନ୍ଦ୍ର କରି ସେହି ଦ୍ୱୀପରେ ବୌଦ୍ଧ ଧର୍ମର ଥେରବାଦୀ ସଂପ୍ରଦାୟର ବିକାଶ ଘଟିଥିଲା।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## 'ଥାଲାସେମିଆ' ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗ ଶ୍ରେଣୀଭୁକ୍ତ

# ମେଡିକାଲ ବୋର୍ଡ ରିପୋର୍ଟକୁ ରଦ୍ଦକଲେ ହାଇକୋର୍ଟ

**କଟକ,୧୧।୯(ସମିସ):** 'ଥାଲାସେମିଆ' ଦିବ୍ୟାଙ୍ଗ ଶ୍ରେଣୀଭୁକ୍ତ ନୁହେଁ ବୋଲି ଦର୍ଶାଇ ନିଟ୍‌ରେ ଉତ୍ତୀର୍ଣ୍ଣ ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରା ନଯିବା ପ୍ରସଂଗରେ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। 'ଥାଲାସେମିଆ' ଏକ ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗତା ଶ୍ରେଣୀଭୁକ୍ତ ବୋଲି ହାଇକୋର୍ଟ ସ୍ପଷ୍ଟ କରିବା ସହ ମେଡିକାଲ ଆସେସମେଣ୍ଟ ବୋର୍ଡର ରିପୋର୍ଟକୁ ରଦ୍ଦ କରିଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ନିଟ୍ ଉତ୍ତୀର୍ଣ୍ଣ ଛାତ୍ରୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ଦେଇଛନ୍ତି। ଦିବ୍ୟାଙ୍ଗ ଅଧିକାର ଅଧିନିୟମ, ୨୦୧୬ର ଅନୁସୂଚୀ ଅନୁଯାୟୀ 'ଥାଲାସେମିଆ' ଏକ 'ରକ୍ତସମ୍ବନ୍ଧୀୟ ବିକୃତି' ଏବଂ ଏହା ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗତା ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି କହିଛନ୍ତି ଖଣ୍ଡପୀଠ। ପୂର୍ବରୁ ଦିଆଯାଇଥିବା ମେଡିକାଲ ଆସେସମେଣ୍ଟ ରିପୋର୍ଟକୁ କୋର୍ଟ ରଦ୍ଦ କରିବା ସହ ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କୁ ତୁରନ୍ତ ଏକ ନୂତନ ମେଡିକାଲ ଆସେସମେଣ୍ଟ ବୋର୍ଡ ଗଠନ କରି ଆବେଦନକାରୀଙ୍କ ଦିବ୍ୟାଙ୍ଗତାର ଶତକଡ଼ା ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନାମଲେଖା କାଉନସେଲିଂ ପ୍ରକ୍ରିୟା ଜାରି ରହିଥିବାରୁ ୪ ଦିନ ମଧ୍ୟରେ ଏହି ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଓଜେଇଇ ଚେୟାରମ୍ୟାନଙ୍କ ଦ୍ୱାରା ଗତ ଅଗଷ୍ଟ ୨୫ରେ ନିର୍ଦ୍ଦିଷ୍ଟ ଭାବେ ପରୀକ୍ଷାର୍ଥୀଙ୍କ ପାଇଁ ଜାରି କରାଯାଇଥିବା ନୋଟିସକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ଜଣେ ନିଟ୍ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ଦିବ୍ୟାଙ୍ଗ କୋଟାରେ ନାମଲେଖା ପାଇଁ ଆବେଦନ କରିଥିଲେ। ମାତ୍ର ମେଡିକାଲ ଆସେସମେଣ୍ଟ ବୋର୍ଡ ରିପୋର୍ଟରେ ବିଟା ଥାଲାସେମିଆ କୌଣସି ଶାରୀରିକ ଅକ୍ଷମତା ସୃଷ୍ଟି କରୁ ନଥିବାରୁ ଏହା ଦିବ୍ୟାଙ୍ଗତା ପ୍ରମାଣପତ୍ର ନିୟମାବଳୀ ମଧ୍ୟରେ ଆସୁନାହିଁ ବୋଲି ଦର୍ଶାଇ ପ୍ରମାଣପତ୍ର ଦେବାକୁ ମନା କରିଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ପରୀକ୍ଷାର୍ଥୀ ଜଣକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଜଙ୍ଗଲରେ ବିଷ ପିଇଦେଲେ ପ୍ରେମୀଯୁଗଳ

# ପ୍ରେମିକା ମୃତ, ପ୍ରେମିକ ଗୁରୁତର

**ସିନାପାଲି,୧୧।୯(ସମିସ):** ପ୍ରେମୀ ଯୁଗଳ ରାତିରେ ଘରୁ ଲୁଚି ପଳାଇବା ପରେ ନିକଟସ୍ଥ ଜଙ୍ଗଲରେ ରାତ୍ରୀ ଯାପନ କଲେ। ମାତ୍ର କୌଣସି କାରଣରୁ ସକାଳେ ଉଭୟେ କୀଟନାଶକ ପିଇ ଦେଇଥିବାବେଳେ ପ୍ରେମିକାଙ୍କ ମୃତ୍ୟୁ ଘଟିଛି ଓ ପ୍ରେମିକ ଗୁରୁତର ହୋଇଛନ୍ତି। ମୃତ ପ୍ରେମିକା ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ସାଲେବିହିଡ଼ି ଗାଁର ଡିଲେଶ୍ୱରୀ ସା(୧୭) ଓ ଗୁରୁତର ପ୍ରେମିକ ମନୋଜ ସା(୨୨)। ସିନାପାଲି ଥାନା ସାଲେବିହିଡି ଗାଁର ମନୋଜ ଓ ଡିଲେଶ୍ୱରୀଙ୍କ ବୁଧବାର ରାତିରେ ଘରୁ ପଳାଇ ନିକଟସ୍ଥ ଜଙ୍ଗଲରେ ରାତ୍ରିଯାପାନ କରିଥିଲେ। ଗୁରୁବାର ସକାଳୁ ଉଭୟେ କୀଟନାଶକ ପିଇଦେବା ସହ ପରିବାର ଲୋକଙ୍କୁ ଫୋନ୍ କରି ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନରେ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ପ୍ରେମିକା ଡିଲେଶ୍ୱରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମନୋଜଙ୍କ ଚିକିତ୍ସା ଚାଲିଛି। ରାତିରେ ସିନାପାଲି ପୁଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ରାତି ସାଢ଼େ ୯ଟାରେ ନୂଆପଡ଼ା ଅତିରିକ୍ତ ତହସିଲଦାର ଦିଲୀପ ପାତ୍ର ହସ୍ପିଟାଲରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିବା ସହ ପଞ୍ଚନମା କରିଥିଲେ। କିନ୍ତୁ କ'ଣ ପାଇଁ ଉଭୟ ବିଷ ପିଇଲେ ତାହା ସ୍ପଷ୍ଟ ହୋଇନାହିଁ। ପ୍ରେମିକାଙ୍କ ମୃତଦେହ ବ୍ୟବଚ୍ଛେଦ କରି ଏନେଇ ଅଧିକ ତଦନ୍ତ ଚାଲିଥିବା ସିନାପାଲି ଥାନାଧିକାରୀ ମହେଶ୍ୱର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ୪ ବର୍ଷିଆ ଆଇଟିଇପିରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ

**ଭୁବନେଶ୍ୱର, ୧୧।୯(ସମିସ):** ୪ ବର୍ଷିଆ ଇଣ୍ଟିଗ୍ରେଟେଡ ଟିଚର୍ ଏଜୁକେଶନ ପ୍ରୋଗ୍ରାମ (ଆଇଟିଇପି) ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ୨୪ରେ ଏହାର ମେଧା ତାଲିକା ପ୍ରକାଶ ପାଇବା ସହ ସ୍ପଟ୍ ନାମଲେଖା ପାଇଁ ମଧ୍ୟ ୱେଟିଂ ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ପିଲାମାନେ ୨୫ରୁ ୨୮ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖାଇପାରିବେ। ଅବଶିଷ୍ଟ ସିଟ୍‌ରେ ନାମଲେଖା ପାଇଁ ୱେଟିଂ ତାଲିକାରେ ଥିବା ପିଲାମାନେ ୨୯ ଓ ୩୦ ରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ଅକ୍ଟୋବର ୧ରେ ଏହାର ମେଧା ତାଲିକା ପ୍ରକାଶ ପାଇବା ପରେ ୩ରୁ ୫ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ। ଜାତୀୟ ଏକକ ପ୍ରବେଶିକା ପରୀକ୍ଷା (ଏନ୍‌ସିଇଟି)-୨୦୨୬ ର ର୍‍ୟାଙ୍କ ଅନୁଯାୟୀ ମେଧା ତାଲିକା ପ୍ରସ୍ତୁତ ହେବ। ଏନ୍‌ସିଇଟି ପରୀକ୍ଷା ଦେଇଥିବା ଦେଶର ଯେକୌଣସି ଛାତ୍ରଛାତ୍ରୀ ଏଥିପାଇଁ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ଓଡ଼ିଶାର ଯୋଗ୍ୟ ପ୍ରାର୍ଥୀଙ୍କୁ ପ୍ରାଥମିକତା ମିଳିବ। ସିଟ୍ ଖାଲି ରହିଲେ ଅନ୍ୟ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ପ୍ରାର୍ଥୀଙ୍କୁ ବିଚାରକୁ ନିଆଯିବ। ଦଶମ ବା ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ପଢ଼ି ନ ଥିଲେ କିମ୍ବା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ହେଉଥିବା ନିର୍ଦ୍ଦିଷ୍ଟ ଓଡ଼ିଆ ଭାଷା ପରୀକ୍ଷା ପାସ କରି ନ ଥିଲେ ମଧ୍ୟ ଆଇଟିଇପି ପାଇଁ ଆବେଦନ କରିପାରିବେ। ୪ ବର୍ଷିଆ ପାଠ୍ୟକ୍ରମ ଶେଷ କରିବା ପୂର୍ବରୁ ହିଁ ନିର୍ଦ୍ଦିଷ୍ଟ ଓଡ଼ିଆ ଭାଷା ପରୀକ୍ଷା ପାସ୍ କରିବାକୁ ପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**୨୦ ତାରିଖ ମଧ୍ୟରେ ଆବେଦନ କରିପାରିବେ**

**ଓଡ଼ିଆ ନ ପଢ଼ିଥିଲେ ବି ନାମଲେଖା ସୁଯୋଗ**

# +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ଆରମ୍ଭ

**ଭୁବନେଶ୍ୱର, ୧୧।୯(ସମିସ):** +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଆସନ୍ତ ୨୦ ତାରିଖ ମଧ୍ୟରେ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ ଏହି ସମୟ ମଧ୍ୟରେ ସଂଶୋଧନ ମଧ୍ୟ କରିପାରିବେ। ୨୩ ରେ ଏହାର ମେଧା ତାଲିକା ପ୍ରକାଶ ପାଇବା ସହ ସ୍ପଟ୍ ନାମଲେଖା ପାଇଁ ୱେଟିଂ ତାଲିକା ମଧ୍ୟ ପ୍ରକାଶ ପାଇବ। ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ୨୪ରୁ ୨୬ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଏହାପରେ ବଳକା ଥିବା ସିଟ୍‌ରେ ନାମଲେଖା ପାଇଁ ୱେଟିଂ ତାଲିକାରେ ଥିବା ପିଲାମାନେ ୨୮ ଓ ୨୯ ତାରିଖରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ଅକ୍ଟୋବର ୧ରେ ଏହାର ମେଧା ତାଲିକା ପ୍ରକାଶ ପାଇବା ସହ ୩ ତାରିଖ ମଧ୍ୟରେ ନାମଲେଖା ସରିବ। ଏହା ପରେ ମଧ୍ୟ ସିଟ ଖାଲି ରହିଲେ, ୱେଟିଂ ଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ଅକ୍ଟୋବର ୬ଓ ୭ ରେ ରିପୋର୍ଟିଂ କରି ନାମଲେଖାଇପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


**AFFIDAVIT**

By virtue of an affidavit no. 7642 before the Executive Magistrate, Umerkote, Dist. Nabarangpur, dtd.11.09.2026, I, Ramnath Bhatra, Vill- Padiaguda, PO - Sirliguda, PS: Umerkote, Dist. Nabarangpur hereby declare that my actual and correct name is Ramnath Bhatra, S/o- Ramsing Bhatra as per my School Transfer Certificate and Voter ID Card, but my name has been wrongly recorded as Ramsing Bhatra, S/o- Bukulu Bhatra in my Aadhaar Card. Henceforth I shall be known as Ramnath Bhatra, S/o- Ramsing Bhatra for all purposes.

Sd/- RAMNATH BHATRA

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 25-KUR-TRD-OT-2026-27

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଟର୍ନକି ଆଧାରରେ କ୍ଲାଉଡ୍ ସର୍ଭର ଯୁକ୍ତ ରେକର୍ଡିଂ ସିଷ୍ଟମ୍ ସହିତ ହଟ୍ ଆକ୍ସଲ୍ ବକ୍ସ ଡିଟେକ୍ଟର (HABD)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ ନିମନ୍ତେ 5KVA ସହାୟକ ଟ୍ରାନ୍ସଫର୍ମର (AT)ର ବ୍ୟବସ୍ଥା। ପରିମାଣ- 08 ଗୋଟି, ସମସ୍ତ 08 ଟି ସ୍ଥାନରେ ସହାୟକ ଟ୍ରାନ୍ସଫର୍ମର (AT) ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ ଅନ୍ତର୍ଭୁକ୍ତ।

ବିଜ୍ଞାପିତ ମୂଲ୍ୟ (₹): 17,67,456.76, EMD (₹) : 35,400.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.16.09.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.09.2026 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-438/R/26-27

**NOTICE**

By virtue of an affidavit sworn before the Executive Magistrate, Bhubaneswar, dtd.08.09.2026, I, Ramamani Nayak, At- Nilapani Tanki Basti, Nayapalli, P.S. Nayapalli, Bhubaneswar-751012, Dist. Khordha hereby declare that I have changed my name from **Ramani Nayak To Ramamani Nayak.** Henceforth, I shall be known as **RAMAMANI NAYAK** for all purposes.

Sd/- RAMAMANI NAYAK

**NOTICE**

U/O.5, Rule 20(1) C.P.C.
Summon to O.P. No. 1

In the Court of Dist. C.D.R. Commissioner, Bargarh
C.C.No...99/2024
Gajapati Bhosagar ... Complainant
-Versus-
Avinash Kumar Agrawal & another ... O.Ps.

To,
Avinash Kumar Agrawal, S/o. Manohar Agrawal, R/o. H9/11, Sector 14, Balaji Nagar, Jagatsinghpur, Cuttack, PIN- 754103.

Whereas the complainant has filed a complaint against you for compensation of Rs.2,00,000/- along with other expenses. You are avoiding to receive notice. You are hereby summoned to appear in this Commission in person or by a pleader duly instructed and able to answer all material questions relating to the complainant or who shall be accompanied by some person able to answer all such questions on 27th day of October, 2026 at 10:30 A.M./ O'clock to answer the claim and you are directed to produce all the documents on the above day upon which you intend to rely in support of your defence.

Take notice that, in default of your appearance on the day before mentioned, the case will be heard and determined in your absence.

Given under my hand and seal of the Court this 08th day of September, 2026.
President
D.C.D.R. Commission, Baragada

**NOTICE**

I, **Smt. Sailabala Sarangi,** wife of Brahmananda Sarangi, aged 64 years, R/o Padampur, P.O. Rajborasambar, P.S. Padampur, Dist. Bargarh, Pin Code- 768036, Odisha declare that I am recorded owner of Mutation Khata No. 1309/1535 of Mouza-Padampur which is my self acquired property. Its original previous link deed bearing original Registered Sale Deed No. 350, dated- 9.7.2001 executed by Motilal Meher in favour of Arun Prasad Jenamani son of Narahari Jena and its Original Mutation ROR No. 1309/1271, Plot No. 229/7697 - Ac.0.04dc. and plot No. 230/7698 - Ac.0.06dc. Total Area Ac.0.10dc. of Mouza Padampur recorded in the name of Arun Prasad Jenamani which were handed over to me were misplaced somewhere and inspite of my strenuous search I am not able to find it out above registered sale deed and Mutation ROR. I have not used the aforesaid original documents anywhere such as Bank, F.I., individual, Govt. or institution for security or for any other purpose. Now I have offered the said property as security for a loan to be availed from State Bank of India, PBB Branch, Bapuji Nagar, Bhubaneswar At Bapuji Nagar, Bhubaneswar by mortgaging the property. If anybody has any objection may kindly draw notice before abovementioned Bank within 7 days of publication of this notice. Later on no objection or claim will be acceptable in any circumstances.

**NOTICE**

By virtue of an affidavit sworn before Executive Magistrate , Salipur, dated 09.09.2026 I, Reetanjali Sethy, D/o- Sunakar Sethy Address, At-Sauri, Post-Mahasinghpur, Ps-Salipur,Dist-Cuttack, Pin-754200, Odisha declare that I have changed my name from Ritanajali Sethi to Reetanjali Sethy. Henceforth, I shall be known as **Reetanjali Sethy** for all purposes

Reetanjali Sethy

**NOTICE**

By virtue of an affidavit sworn before Executive Magistrate , Salipur, dated 09.09.2026 I, Kanhu Charan Behera, S/o- Raghunath Behera Address, At-Damodarpur, Post-Ganjam, Ps-Ganjam, Dist- Ganjam, Pin 761026, Odisha declare that I have changed my name from Shiv Shankar Sada to Kanhu Charan Behera. Henceforth, I shall be known as **Kanhu Charan Behera** for all purposes.

Kanhu Charan Behera

**AFFIDAVIT**

I, Apali Aparajita Dash @ Apali Aparajita, W/o- Amiya Kumar Dash, Resident of Vill.- Jagulaipara, Po./Ps.- Rajkanika, Dist.- Kendrapara, Odisha declare by this affidavit No. 1037 dated 25.02.2026 that, now onwards I shall be known as **Apali Aparajita Dash** for all future purposes.

Apali Aparajita Dash

**AFFIDAVIT**

By virtue of an affidavit sworn before Executive Magistrate, Soro, Balasore, Odisha vide Sl. no. 2721 dt.07.09.2026 I, Kajal Nayak, W/o- Rajendra Nayak, At. Banaparia P.O. Bana Bishnupur, P.S.- Soro, Dist.- Balasore, Odisha, PIN-756047 declare that I have changed the name of my minor son from old name Sreenath Nayak to Sreesanth Nayak. Henceforth, he shall be known as **Sreesanth Nayak** for all purposes.

**AFFIDAVIT**

I, Voona Venkta Ramana, S/o- Voona Thavitayya resident of ward no.8, Brahmin Street, Po./Ps.- Gunupur, Dist.- Rayagada, Pin- 765022, Odisha, declare by this affidavit no. 1646, dtd. 11.09.2025 that now onwards I shall be known as **VOONA VENKATA RAMANA** for all Future purposes.

**AFFIDAVIT**

By virtue an affidavit sworn before excutive magistrate, affidavit No -7389,dated-11.09.2026, Jagatsinghpur.I, Muskan Parween, D/o-Shaikh Maheboobuddin, resident of vill-Biritol, Po-Rasulpur, Dist - Jagatsingpur, Odisha, declare that I have changed my name from Muskana Parween to Muskan Parween. Henceforth ,I shall be known as **Muskan Parween** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pipili A.F.No. 2471 on dated 10/09/2026, I **KABERI NAYAK**, D/o Bikram Nayak resident of Village At- Siriapur, Pipili NAC, Ward No-12, Po/Ps- Pipili, Dist- Puri, Odisha declare that I have changed my name from **SATYABHAMA NAYAK** to **KABERI NAYAK**. Henceforth, I shall be known as **KABERI NAYAK** for all future purposes.

Sd- KABERI NAYAK

**AFFIDAVIT**

By virtue of an affidavit on date 03-07-2026 sworn before the executive magistrate, Puri. I Sri Satrughan Behera, aged about 75 years S/o Landa Behera, by caste Kaibarta, profession Cultivation, resident At/Po-Gadakokal, Ps-Brahmagiri, Dist-Puri, 752011, Odisha declare that I have adopted a male child (Son) namely Priyanshu from Kishore Behera and Sukanti Behera, on dated 06-10-2020 who are the natural father & mother of village At/Po-Khajuria, Ps-Brahmagiri, Dist-Puri. According to the Hindu rights and customs' with the consent of natural father and Mother of Priyansu. Hence forth the aforesaid **Priyansu Behera** Shall be known as my Son for all official, non official, legal and all future purposes.

**AFFIDAVIT**

By virtue of an affidavit sworn before The Notary Public, Balasore, I, Kamalini Patra, W/o. Late Chandra Kanta Patra, residing At. Purunapani, P.O. Mahuduma, P.S. Raibania, Dist. Balasore at present C/O. Manjulata Patra, At/Po/PS: Sahadevkhunta, near Bus Stand, Balasore declare that my husband Late Chandra Kanta Patra has purchased a flat namely Krishna Bihar flat no. 207, Block-A third floor, Ganeswarpur, Balasore on dtd 14.12.2015 vide regd sale deed no. 10061507881 and obtained sale deed from DSR, Balasore. That, unfortunately missed the aforesaid sale deed on dtd 24.06.2024, when I was coming from Sahadevkhunta residence to Nuabazar by an auto and the above sale deed traceout by me.

**AFFIDAVIT**

By virtue of an affidavit No- 06, sworn before The Executive Magistrate, Keonjhar on dtd-04/05/2026. I, **Tamala Bihari Sethy,** S/o- Mangulu Charana Sethy, permanent resident of Vill- Begna, Po- Begna, Ps- Patna, Dist- Keonjhar, Odisha, Pin- 758016 declared that I have changed my name from **Dhamala Bihari Sethy** (old name) to **Tamala Bihari Sethy** (new name). Henceforth, I shall be known as **TAMALA BIHARI SETHY** for all future purposes.

Tamala Bihari Sethy

**AFFIDAVIT**

I **BIJAYA KUMAR PRUSTY**, S/o Late Subala Prusty resident of Village At- Kanas, Po/Ps- Kanas, Dist- Puri, Pin- 752017, State- Odisha, declared by this affidavit No 3656, Dated. 03.09.2026 that I know onwards I shall be known as **BIJAY KUMAR PRUSTY** for all future purposes

Sd- BIJAY KUMAR PRUSTY

**ହଜିଛି**

**ମୁଁ, ଶ୍ରୀ ପ୍ରଦୀପ କୁମାର ସାହୁ,** ପିତା: ୰ ବଳଭଦ୍ର ସାହୁ, ସା: ଚକଡା, ପୋ: ରାଜନଗର, ଭାୟା: ଆଠଗଡ, ଜିଲ୍ଲା: କଟକ, ଓଡିଶା, ଏତଦ୍ୱାରା ଜଣାଉଛି ଯେ, ମୁଁ ୦୯.୦୯.୨୦୨୬ ତାରିଖ ଦିନ ପ୍ରାୟ ସକାଳ ୯:୦୦ ଘଟିକା ସମୟରେ ମୋଟରସାଇକେଲ୍ ଯୋଗେ ଆଠଗଡରୁ କଟକ ଯାତ୍ରା କରୁଥିବା ସମୟରେ ଖୁଣ୍ଟୁଣୀ ଗୋଲେଇ ଛକ ଠାରୁ ଧବଳେଶ୍ୱର କଲେଜ୍ ମଧ୍ୟରେ କୌଣସି ଏକ ସ୍ଥାନରେ ଜରୁରୀ ଜମିଜମା ସମ୍ବନ୍ଧୀୟ ଦଲିଲ ଥିବା ମୋର ଏକ ହାତବ୍ୟାଗ୍ ହଜିଯାଇଛି। ହଜିଯାଇଥିବା ଜମିଜମା ସମ୍ବନ୍ଧୀୟ ଦଲିଲର ଖାତା ନଂ.: ୬୪୦/୧୫୫୭, ଯାହା ସୁରେଶ ପଣ୍ଡାଙ୍କ ନାମରେ ରହିଛି, ଖାତା ନଂ.: ୬୦୪/୧୬୩୬, ଯାହା ପ୍ରଦୀପ କୁମାର ସାହୁ ଏବଂ ପ୍ରଣବ ସାହୁ ନାମରେ ରହିଛି। ଦଲିଲ ନଂ.: ୪୬୯, ଭଲ୍ୟୁମ୍ ନଂ.: ୯, ପୃଷ୍ଠା ନଂ.: ୨୨୫, ଯାହା ବିଜ୍ଞାନ ସାହୁ ସୁରେଶ ପଣ୍ଡାଙ୍କୁ ବିକ୍ରୟ କରଛନ୍ତି। ଉକ୍ତ ଦଲିଲଗୁଡ଼ିକୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଇପାରିନାହିଁ। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଦଲିଲଗୁଡିକ ପାଇଥାନ୍ତି, ତେବେ ଏହି ସୂଚନା ପ୍ରକାଶ ତାରିଖଠାରୁ **୧୫ ଦିନ** ମଧ୍ୟରେ ନିମ୍ନଲିଖିତ ମୋବାଇଲ୍ ନଂ.: ୯୪୩୮ ୬୭୦୮୫୭ ଯୋଗାଯୋଗ କରିବାକୁ ଅନୁରୋଧ।

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

**ସୁନା ନିଲାମ ବିକ୍ରୟ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଏତଦ୍‌ଦ୍ୱାରା ସୂଚିତ କରାଯାଉଅଛି ଯେ ସେମାନେ ନିଜର ଋଣ ଖାତାର ବକେୟା ରାଶି ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ଋଣଗ୍ରହୀତାମାନେ ଋଣ ସୁବିଧା ଅଧିନରେ ଥିବା ବକେୟା ରାଶି ପରିଶୋଧ କରିନଥିବାରୁ, ଆମେ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରର ନିଲାମ ପ୍ରକ୍ରିୟା ଆୟୋଜନ କରିବୁ। ସେମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ଡାକ ମାଧ୍ୟମରେ ନୋଟିସ୍ ପଠାଯାଇଛି ଏବଂ ତେଣୁ ସେମାନଙ୍କୁ ପରାମର୍ଶ ଦିଆଯାଉଅଛି ଯେ, ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଫେରସ୍ତ ପାଇବା ପାଇଁ **ତା.୩୦.୦୯.୨୦୨୬ରିଖ** କିମ୍ବା ତା' ପୂର୍ବରୁ ବକେୟା ଋଣ ଏବଂ ଅନ୍ୟାନ୍ୟ ଦେୟ ପରିଶୋଧ କରନ୍ତୁ। ଯଦି ସେମାନେ ଋଣ ପୈଠ କରିବାରେ ବିଫଳ ହୁଅନ୍ତି, ତେବେ ବ୍ୟାଙ୍କ ନିଜର ସମ୍ପୂର୍ଣ୍ଣ ଅଧିକାରରେ, ଉକ୍ତ ବନ୍ଧକ ସୁନା ଅଳଙ୍କାରଗୁଡ଼ିକୁ ଋଣଗ୍ରହୀତାଙ୍କ ଖର୍ଚ୍ଚରେ **ତା.୧୪.୧୦.୨୦୨୬ରିଖ ଅପରାହ୍ନ ୩.୦୦ ଘଟିକା** ସମୟରେ କିମ୍ବା ତତ୍‌ପରବର୍ତ୍ତୀ ଅନ୍ୟ କୌଣସି ସୁବିଧାଜନକ ତାରିଖରେ ବ୍ୟାଙ୍କ ପରିସର ମଧ୍ୟରେ ସର୍ବସାଧାରଣରେ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। ଏଥିପାଇଁ ପରବର୍ତ୍ତୀ ସମୟରେ କୌଣସି ସୂଚନା ଦିଆଯିବ ନାହିଁ।

**ବାରିପଦା ଶାଖା, ପ୍ଲଟ୍ ନଂ.: ୧୪୯, ଜୁବିଲି ଲାଇବ୍ରେରି ରୋଡ୍, ଲାଲ ବଜାର, ବାରିପଦା, ଜିଲ୍ଲା.: ମୟୂରଭଞ୍ଜ, ପିନ୍-୭୫୭୦୦୧, ଫୋନ:୮୯୨୫୯୫୧୪୯୧**

| କ୍ର.ନଂ. | ଋଣ ତାରିଖ | ଋଣ ଆକାଉଣ୍ଟ ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା |
|---|---|---|---|
| ୧. | ୦୬.୧୨.୨୦୨୪ | ୧୪୯୧୦୩୨୪୬୦୦୦୦୩୮ | ଭାନୁମତି ଦାସ, ସ୍ୱାମୀ: ଶ୍ରୀକାନ୍ତ ଦାସ, ଜନାର୍ଦ୍ଦନପୁର, ୱାର୍ଡ ନଂ.: ୧୫, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ |
| ୨. | ୦୭.୧୧.୨୦୨୨ | ୧୪୯୧୦୩୭୧୦୦୦୦୦୫୮ | ଭାନୁମତି ଦାସ, ସ୍ୱାମୀ: ଶ୍ରୀକାନ୍ତ ଦାସ, ଜନାର୍ଦ୍ଦନପୁର, ୱାର୍ଡ ନଂ.: ୧୫, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ |

ସ୍ଥାନ : ବାରିପଦା, ତାରିଖ : ୧୧.୦୯.୨୦୨୬ — ପ୍ରବନ୍ଧକ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

**ଯାଜପୁର ରୋଡ୍ ଶାଖା, ଗୋପବନ୍ଧୁ ଛକ, ଶ୍ରୀରାମ ମାର୍କେଟ, ଯାଜପୁର ରୋଡ୍, ତହସିଲ: ସୁକିନ୍ଦା, ଯାଜପୁର, ପିନ୍-୭୫୫୦୧୯, ଫୋନ: ୮୯୨୫୯୫୧୨୮୬**

| କ୍ର.ନଂ. | ଋଣ ତାରିଖ | ଋଣ ଆକାଉଣ୍ଟ ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା |
|---|---|---|---|
| ୧. | ୨୦.୧୨.୨୦୨୫ | ୧୨୮୬୦୩୨୫୭୦୦୦୪୩୯ | ଶ୍ରୀ ଅରବିନ୍ଦ ଲାହା, ପିତା: ଶ୍ରୀ ମହେନ୍ଦ୍ର ଲାହା, ସା: ଷ୍ଟେସନ୍ ବଜାର, ପୋ.: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯ |
| ୨. | ୨୨.୧୦.୨୦୧୫ | ୧୨୮୬୦୩୩୫୧୫୦୦୦୦୧ | ଶ୍ରୀ ଅରବିନ୍ଦ ଲାହା, ପିତା: ଶ୍ରୀ ମହେନ୍ଦ୍ର ଲାହା, ସା: ଷ୍ଟେସନ୍ ବଜାର, ପୋ.: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯ |

ସ୍ଥାନ : ଯାଜପୁର ରୋଡ, ତାରିଖ : ୧୧.୦୯.୨୦୨୬ — ପ୍ରବନ୍ଧକ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ନିଲାମର ନିୟମ ଏବଂ ସର୍ତ୍ତାବଳୀ:
**୧.** ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। **୨.** ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ ଅଭିଯୋଗ/ଦାବି ନିଲାମ ପରେ ପ୍ରଶ୍ରୟ ଦିଆଯିବ ନାହିଁ। **୩.** ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି **ଟ.୧୦,୦୦୦/- (ଦଶ ହଜାର ଟଙ୍କା)** କ୍ୟାସ୍/ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। **୪.** ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। **୫.** ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। **୬.** ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। **୭.** ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ **୭ ଦିନ ମଧ୍ୟରେ** ଅଳଙ୍କାର ହସ୍ତାନ୍ତରିତ କରାଯିବ। **୮.** ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି/ ଅଭିଯୋଗ/ ବିବାଦକୁ ପ୍ରଶ୍ରୟ ଦିଆଯିବ ନାହିଁ। **୯.** ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। **୧୦.** ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ। **୧୧.** ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। **୧୨.** ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି ଅଳଙ୍କାର କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ/ବାତିଲ/ସ୍ଥଗିତ/ରଦ୍ଦ/ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। **୧୩.** ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। **୧୪.** ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। **୧୫.** ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ **ସମ୍ପୃକ୍ତ ଶାଖାକୁ** ଯୋଗାଯୋଗ କରିପାରିବେ।

**Forest, Environment and Climate Change Department, Odisha** 8001/303/2627

*OFFICE OF THE*
*DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR*
*AT / P.O: Rajnagar, Dist; Kendrapara-754225, Phone-06729-242460, Control Room-06729-242463, E-mail ID- dfo.rajnagarwl@odisha.gov.in*

**BID IDENTIFICATION NO- DFO MFD-HIRING TRAWLER/07/1F(Accts.)/Tender/344/ 2026 Dated.10/09/2026**

**Dated, Rajnagar the 10th September, 2026**

**SHORT TENDER CALL NOTICE**

Sealed quotations are invited from registered trawler owners to submit their competitive quote for leasing of their sea worthy vessel of engine power of 400 HP or above for Sea Turtle Protection duty for the year 2026-27. The period of engagement shall normally be from 01st November-2026 to 31st March-2027. The owners are to quote the monthly hire charges inclusive of taxes if any but the cost of fuel, which will be brone by this Division. The details of terms and condition for engagement of trawler can be obtained from the office of the undersigned during office hours from 11th September-2026 onwards. Quotation for hiring of trawler (400 HP or above) to submitted separately. Tender Paper & related documents should be collected from the office of the undersigned during the working hours between 10 AM. to 5 PM from 11.09.2026 onwards with production of Tender Paper cost. The last date & time of receipt of quotation is 25.09.2026 at 05:00 PM. Opening of Quotation is 28.09.2026 at 11.00 AM. The undersigned reserves the right to accept or reject any all quotation without assigning anv reason thereof.

Divisional Forest Officer
Mangrove Forest Division (Wildlife)
Rajnagar

OIPR-8001/8053/1/26-27/0007

**GOVERNMENT OF ODISHA** 19001/247/2627
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, BIRIDI**
'e' mail ID : ori-biridi@nic.in

**'e' Procurement Notice No.BDO-BPS-02 of 2026-27**

| | | |
|---|---|---|
| 1 | Name of the work | Construction of integrated Math & Science Lab at Govt. High School at Shibapur of Shibapur G.P. under Biridi Block |
| 2 | Cost of Tender Amount (Approx.) | Rs.19.36 Lakh |
| 3 | EMD (online) | Rs.19,400/- |
| 4 | Cost of Tender Paper (online) (Non-Refundable) | Rs.6,000.00 |
| 5 | Class of Contractor | "D" & "C" Class Contractor |
| 6 | Availability of Tender | 21.09.2026 at 10.00 Hours to 05.10.2026 upto 5.00 Hours |
| 7 | Date of opening of tender | 06.10.2026 at 11.00 Hours |
| 8 | Place of opening of the tender | O/o the Panchayat Samiti, Biridi |

Further details can be seen from the Govt. web site "**https://tendersodisha.gov.in**
All corrigendum / cancellation of tender if any, will only be uploaded in the above web site.

BLOCK DEVELOPMENT OFFICER, BIRIDI

OIPR-19001/19221/1/26-27/0002

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** 13001/11847/2627
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୮୬୦୯/ ଭୁ.ଉ.କ., ଭୁବନେଶ୍ୱର
EB-B-97/79
**ସୂଚନା**
ତା.୨୯.୦୮.୨୦୨୬ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ ହାଉସିଂ ସ୍କିମ୍, ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-EB-118 କୁ ବିରଞ୍ଚି କୁମାର ପଟ୍ଟନାୟକ, ପିତା-ସ୍ୱର୍ଗତ ଚକ୍ରଧର ପଟ୍ଟନାୟକ, ଗ୍ରାମ-ବଧିପାଟଣା, ପୋଷ୍ଟ-ନରେନ୍ଦ୍ରପୁର, ଥାନା-ରଣପୁର, ଜିଲ୍ଲା-ନୟାଗଡଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ବିରଞ୍ଚି କୁମାର ପଟ୍ଟନାୟକ ଙ୍କର ଗତ ତା-୧୬.୦୫.୨୦୨୧ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। Death certificate Registration No. 5271/2021 dated 22.05.2021 Legal heir certificate No. E-LHC/2021/110769 dt.28.07.2021 ଅନୁଯାୟୀ ବିରଞ୍ଚି କୁମାର ପଟ୍ଟନାୟକଙ୍କର ଉତ୍ତରାଧିକାରୀ (୧) ମିନାକ୍ଷୀ ପଟ୍ଟନାୟକ (ସ୍ତ୍ରୀ), (୨) ପ୍ରୀତିନନ୍ଦା ପଟ୍ଟନାୟକ (ବିବାହିତା କନ୍ୟା) ଓ (୩) ଶ୍ରୀସ୍ୱାସ୍ମିତା ପଟ୍ଟନାୟକ (ବିବାହିତା କନ୍ୟା) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରି ଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13001/13033/1/26-27/0135

**Government of Odisha** 25001/1138/2627
**"e" Procurement Notice**

**Bid Identification No. : Online-AGL-21 of 2026-2027**

1. Name of the Work : Road Works
2. Estimated Cost. : Rs. 5.08 to 33.90 Lakhs
3. Period of Completion : 2(Two) Calendar Months
4. Date & time of availability of : From 18.09.2026. to 27.09.2026 upto 5.00 P.M
5. Last Date/time for receipt of bids In the portal : 27.09.2026 upto 05.00 P.M.
6. Name & Address of the OIT : Executive Engineer, Rural Works Division, Anugola

Further details can be seen from the Govt. website **www.tendersorissa.gov.in**

Executive Engineer
R.W. Division, Anugola.

OIPR-25001/25096/1/26-27/0018

**GOVERNMENT OF ODISHA** 4001/318/2627
**OFFICE OF THE SUPERINTENDING ENGINEER-CUM- DEPUTY ELECTRICAL INSPECTOR, JAYAPUR & NABARANGPUR**
**AT- PLOT NO-127, OLD LIC OFFICE BUILDING, *PUJARIPUT*, KORAPUT-764020**

**No. 01/2026-27** **Dated: 10.09.2026**

**QUOTATION CALL NOTICE FOR HIRING OF PRIVATE BUILDING FOR OFFICE ACCOMODATION**

The Superintending Engineer-Cum-Dy. Electrical Inspector, Jayapur & Nabarangpur invites sealed quotation in a single bid system from interested house owners (hereinafter referred as "bidder") for hiring of private building at Jayapur Town on monthly rent basis for accommodation of office of the Superintending Engineer-Cum-Dy. Electrical Inspector, Jayapur & Nabarangpur, and Assistant Executive Engineer-Cum-Assistant Electrical Inspector, JED & NED, Jayapur. The building should have carpet area of **about 1100 to 1600 Sq. ft.** (minimum 2 rooms) excluding staircase, verandah and portico preferable Ground/First floor, having proper approach road, entrance with adequate parking and toilet facility. The tender document is available on website **https://eicelectricityodisha.nic.in/** from dated **10.09.2026.** The interested bidders may download tender document and submit the tender document in Annexure A, B & C duly completed, signed in all the pages by the authorized signatory / house owner along with requisite documents/Forms. All the tender documents may be sent by Speed Post with a covering letter in a sealed envelope duly superscribed with **"Quotation for hiring of private building for office accommodation"** to **the SE-Cum-DEI, Jayapur & Nabarangpur, At- Plot No.127, OLD LIC Building, Pujariput, Koraput-764020** or may be submitted directly in the office of the undersigned **on/before 12.10.2026 by 3.00 P.M** in working hours and the tender shall be opened on the same day at **4.00 P.M.** in presence of bidders or their authorized representative. Incomplete tenders / quotations and those received after due date are liable to be rejected.

Superintending Engineer -Cum-DEI,
Jayapur & Nabarangpur

OIPR-4001/4080/1/26-27/0001

**GOVERNMENT OF ODISHA** 8001/306/2627
**OFFICE OF THE DIVISIONAL FOREST OFFICER,**
**PHULBANI FOREST DIVISION, PHULBANI, KANDHAMAL DISTRICT**
**E mail-dfo.phulbani@odisha.gov.in**

**BID IDENTIFICATION No. 02/DFO/PLB/2026-27 Dated, 09.9.2026**

The Divisional Forest Officer, Phulbani Forest Division on behalf of Governor of Odisha, invites Percentage Rate bids in single cover System in ONLINE Mode.

| | | |
|---|---|---|
| 1. | No. of work (Project) | :- 12 (Twelve) Nos |
| 2. | Estimated cost | :- Rs.12,84,000 (Including 18% GST) per VSS building |
| 3. | Tender Cost | :- Rs.6,000/- towards tender cost of each VSS building |
| 4. | Class of Contractor | :- "C" & "D" Class Contractors. |
| 5. | Period of completion | :- 90 (Ninety) Calendar days |
| 6. | Availability of bid document in the website. | :- 11 AM of 17.9.2026 to 5 PM Hours of 06.10.2026. |
| 7. | Date of Opening of Tenders | :- 11:AM on dt.07.10.2026. |
| 8. | Online Participation Notes | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. |

Sd/- Divisional Forest Officer
Phulbani Forest Division

OIPR-8001/8098/1/26-27/0001

# ୩୫୦ ପିଲାଙ୍କ ଭବିଷ୍ୟତ ଅନ୍ଧାର

କଣ୍ଟାବାଞ୍ଜି,୧୧।୯(ସମିସ):

ଦିନେ ଏହି ଅଞ୍ଚଳକୁ ଲୋକେ ଲାଲଗଡ ବୋଲି କହୁଥିଲେ। ଲାଲବାହିନୀର ଭୟ ଥିଲା। ସରକାରୀ ବାବୁ ପହଞ୍ଚିବାକୁ ଡରୁଥିଲେ। ଆଜି ଲାଲବାହିନୀ ତ ଚାଲିଗଲେ, କିନ୍ତୁ ସେ ଅଞ୍ଚଳକୁ ଆଜି ଯାଏଁ ଶିକ୍ଷା ପହଞ୍ଚି ପାରିଲା ନାହିଁ। ଏ ହେଉଛି ବଲାଙ୍ଗୀର ଜିଲ୍ଲାର ଶେଷ ମୁଣ୍ଡରେ ଥିବା ତୁରେକେଲା ବ୍ଲକର ବଡଡକଲା ଆଶ୍ରମ ସ୍କୁଲର ବାସ୍ତବ ଚିତ୍ର।





- ୮ ଶ୍ରେଣୀକୁ ମାତ୍ର ୨ ଜଣ ଶିକ୍ଷକ
- ଗୋଟିଏ କୋଠରିରେ ବସୁଛନ୍ତି ୩ ଶ୍ରେଣୀର ପିଲା
- ବିଜ୍ଞାନ, ଗଣିତ, ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି
- ରାତିରେ ଜଗିବାକୁ କେହି ନାହିଁ

ବହୁ ବର୍ଷ ଧରି ଏହି ଅଞ୍ଚଳ ଅନ୍ଧାରରେ ଥିଲା। ଆଦିବାସୀ ପିଲାମାନେ ବହି ଧରିବା ବଦଳରେ ଗାଈ ଜଗୁଥିଲେ, ଜଙ୍ଗଲରେ କାଠ ଗୋଟାଉଥିଲେ। ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପୂର୍ବ ସରକାର ଏସଏସଡି ବିଭାଗ ତରଫରୁ ବଡଡକଲା ଗାଁରେ ଏକ ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ବାଲବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏଁ ପାଠପଢା ସାଙ୍ଗକୁ ୧୦୦ ବିଛଣା ବିଶିଷ୍ଟ ହଷ୍ଟେଲର ବ୍ୟବସ୍ଥା କରାଯାଇଥିଲା। ପିଲା ଏଠି ରହିବେ, ଖାଇବେ, ପଢିବେ ବୋଲି ଏକ ସୁନ୍ଦର ଯୋଜନା ଥିଲା; ହେଲେ ଆଜି ସେ ସ୍ୱପ୍ନ ଭୁଶୁଡ଼ି ପଡିଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ୩୫୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଛନ୍ତି; ହେଲେ ସେମାନଙ୍କୁ ପଢାଇବା ପାଇଁ ଅଛନ୍ତି ମାତ୍ର ୨ ଜଣ ଶିକ୍ଷକ। ଏଥିରୁ ଜଣେ ହେଉଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ। ତାଙ୍କର ଦିନ ସାରା ଅଫିସ କାମ, ହଷ୍ଟେଲ ହିସାବ, ମଧ୍ୟାହ୍ନ ଭୋଜନ ହିସାବ, ଜିଲ୍ଲା କାର୍ଯ୍ୟାଳୟ ଓ ବିଇଓ ଅଫିସ ଦୌଡରେ ସମୟ ଚାଲିଯାଉଛି। ବାକି ରହିଲେ ଜଣେ ଶିକ୍ଷକ। ଜଣେ ଶିକ୍ଷକ କିପରି ୮ଟି ଶ୍ରେଣୀ ସମ୍ଭାଳିବେ ତାହା ହିଁ ବଡ଼ ପ୍ରଶ୍ନ। ସ୍ଥିତି ଏମିତି ଯେ ଗୋଟିଏ ଶ୍ରେଣୀ ଗୃହରେ ୩ଟି ଶ୍ରେଣୀର ପିଲାଙ୍କୁ ଏକାଠି ବସାଇ ପାଠ ପଢା ଯାଉଛି। ବିଜ୍ଞାନ ଶିକ୍ଷକ ନାହାନ୍ତି, ଗଣିତ ଶିକ୍ଷକ ନାହାନ୍ତି, ପ୍ରଧାନ ଶିକ୍ଷକ ପଦବୀ ବି ଖାଲି ପଡିଛି। ସ୍କୁଲଠାରୁ ହଷ୍ଟେଲର ଅବସ୍ଥା ଆହୁରି ଖରାପ। ୧୦୦ ପିଲା ହଷ୍ଟେଲରେ ରହୁଛନ୍ତି। ରାତିରେ ସେମାନଙ୍କୁ ଜଗିବାକୁ କେହି ନାହାନ୍ତି। ଏହି ଦୁଇ ଜଣ ଶିକ୍ଷକ ହିଁ ନାମକୁ ମାତ୍ର ୱାର୍ଡେନ। ପିଅନ ନାହାନ୍ତି, ରୋଷେୟାଙ୍କ ମଧ୍ୟ ଅଭାବ ରହିଛି। ଯଦି ରାତି ଅଧରେ କୌଣସି ପିଲା ଅସୁସ୍ଥ ହୋଇଯାଏ ତେବେ ଡାକ୍ତରଖାନା ନେବାକୁ ସମସ୍ୟା ହୋଇଥାଏ। ଏହି ପ୍ରଶ୍ନ ଏବେ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲୁଓ)ଙ୍କୁ ଜଣାଯାଇଛି; କିନ୍ତୁ ପ୍ରତ୍ୟେକ ଥର କେବଳ ପ୍ରତିଶ୍ରୁତି ମିଳୁଛି ଶିକ୍ଷକ ଆସିବେ, ନିଯୁକ୍ତି ହେବ। ବର୍ଷ ବର୍ଷ ଧରି ଏହି ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢୁଛି। ଆଦିବାସୀ ନେତ୍ରୀ ନିରୁପମା ମାଝୀ କହିଛନ୍ତି ଯେ, ସରକାର ଆଦିବାସୀ ପିଲାଙ୍କ ଶିକ୍ଷା ପାଇଁ ବଡ ବଡ କଥା କହୁଛନ୍ତି; ହେଲେ ବଡଡକଲା ଭଳି ଅଞ୍ଚଳରେ ସେ କଥା କାମରେ ପରିଣତ ହେଉନାହିଁ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧ୍ୟ ନିଜ ଅସହାୟତା ପ୍ରକାଶ କରିଛନ୍ତି। ଏନେଇ ବଲାଙ୍ଗୀର ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲୁଓ) ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ ଏହି ସମସ୍ୟା ଉପରେ ସେ ଅବଗତ ଅଛନ୍ତି। କେମିତି ଶୀଘ୍ର ସମାଧାନ ହେବ ତା ଉପରେ ଧ୍ୟାନ ଦେବେ ବୋଲି କହିଛନ୍ତି।

## ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ପାଇଁ ଯୁବବର୍ଗଙ୍କୁ ଆହ୍ୱାନ




ଦେବଗଡ,୧୧।୯(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ମେରା ଯୁବା ଭାରତ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବପିଢିମାନଙ୍କ ପାଇଁ ଜାତୀୟସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ନିମନ୍ତେ ୧୫ରୁ ୨୯ ବର୍ଷ ବୟସର ଯୁବକ ଯୁବତୀ ମାନଙ୍କ ଭାରତ ପୋର୍ଟାଲରେ ପଞ୍ଜୀକରଣ କରି କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଛି। ଜିଲ୍ଲାର ଯୁବବର୍ଗ ଏହି ପୋର୍ଟାଲ୍ ମାଧ୍ୟମରେ ନିଜ ନିଜର ପ୍ରତିଭାକୁ ଜାତୀୟ ସ୍ତରରେ ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଇପାରିବେ। କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ସେମାନେ ନିଜର ପାରଦର୍ଶିତା ହାସଲ କରିବା ପରେ ସେମାନଙ୍କୁ ପ୍ରମାଣ ପତ୍ର ମଧ୍ୟ ଅନଲାଇନ ମାଧ୍ୟମରେ ମିଳିପାରିବ। ସେପ୍ଟେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ଏହି ପୋର୍ଟାଲ୍ ଖୋଲା ରହିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ମେରା ଯୁବା ଭାରତ ଦେବଗଡ଼ର ପ୍ରଦୀପ ବିଶାଳଙ୍କ ସମେତ ଜାତୀୟ ସ୍ୱେଚ୍ଛାସେବୀ ନରେଶ ସାମଲ, ପଦ୍ମନ ଜ୍ୟୋତିଷ, ରାଧିକା ରାଓ, ଉପମା ରଣା, ସୁବାସ ଚନ୍ଦ୍ର ସାହୁ ଓ ରୋହିତେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ପାଲା ମାଧ୍ୟମରେ ଡାହାଣୀ ସଚେତନତା କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୧୧।୯(ସମିସ): ଦଲକି ପଞ୍ଚାୟତ ପୂର୍ଣ୍ଣା ଗ୍ରାମର ଜଗନ୍ନାଥ ମନ୍ଦିର ପରିସରରେ ଆଜି ଡାହାଣୀ ସନ୍ଦେହ ନେଇ ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ତନୟା କୁସୁମ ଓ ତାଙ୍କ ଦଳ ପାଲା ମାଧ୍ୟମରେ ସଚେତନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୀତାକାନ୍ତି ବଳିୟାରସିଂହ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ସୁରଂଜ ପଧାନ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ସରପଞ୍ଚ ଯଶୋବନ୍ତ ଧୁରୁଆ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ନାଏକ, ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଟେଲ ଏବଂ ସୁଷମା ନାଏକ, ଜଗନ୍ନାଥ ମନ୍ଦିରର ପୂଜକ ଭବାନୀ ଶଙ୍କର ପାଣିଗ୍ରାହୀ, ପୂର୍ବତନ ସମିତି ସଭ୍ୟା ଆଲ୍ଲାଦିନି ଡିଲ୍ଲା, ସିଆରପି ପୂର୍ଣ୍ଣା କଳ୍ପନା ପାଣିଗ୍ରାହୀ, ଅଙ୍ଗନବାଡି କର୍ମୀ ତିଲୋତ୍ତମା ମାଝୀ, କୃଷି ମିତ୍ର ପ୍ରତିଭା ବେହେରା, ସିଆରପି ସାବିତ୍ରୀ ଛଟାନ, ଯାଞ୍ଚସେବୀ ପଟେଲ, ପୁଷ୍ପା ରୋହିଦାସ, ସଂଘ ସହାୟକ ଗୋଷ୍ଠୀର ସଦସ୍ୟ ମାଳତୀ ସେଠ, ଅଙ୍ଗନବାଡି ସହାୟକ ରୀନା ପଟେଲ, ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ରାଜେଶ ସେଠ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ରବୀନ୍ଦ୍ର ନିଆଲ, ରାମଚନ୍ଦ୍ର ବୈଠା ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲ୍ଲାର ବିକାଶମୂଳକ କାର୍ଯ୍ୟର ସମୀକ୍ଷା

ବୌଦ୍ଧ, ୧୧।୯(ସମିସ): ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ଭୁପିନ୍ଦର ସିଂହ ପୁନିଆ ୩ ଦିନିଆ ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ସେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ଯୋଜନାର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସଦଭାବନା ସଭାଗୃହରେ ଶ୍ରୀ ପୁନିଆଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସଚିବଙ୍କୁ ସ୍ୱାଗତ କରିବା ପରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଯୋଜନାର ବିସ୍ତୃତ ସମୀକ୍ଷା ଆରମ୍ଭ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସେ ବଡ଼ିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଖାଉଟି ବଣ୍ଟନ ବ୍ୟବସ୍ଥା ଓ ବିଭିନ୍ନ ଭତ୍ତା ପାଉଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଶିଶୁମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଓଲଣ୍ଡାର ବ୍ରଏଲର ଫାର୍ମ ପରିଦର୍ଶନ କରି ଚାଷୀଙ୍କୁ ସମନ୍ୱିତ କୃଷି ପ୍ରଣାଳୀ ଆପଣେଇବାକୁ ପରାମର୍ଶ ଦେଇଥିଲେ। କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ପଦ୍ଧତି ଓ ଶିକ୍ଷଣ ଉପକରଣ ସମ୍ପର୍କରେ ଅବଗତ ହୋଇଥିଲେ। ନାରାୟଣ ନଗରର ମା' ବାଉତି ପ୍ରଡ୍ୟୁସର ଗ୍ରୁପ୍‌ର ଶାଢ଼ୀ ବୁଣା କେନ୍ଦ୍ର ପରିଦର୍ଶନ କରି ଉତ୍ପାଦନ ଓ ବିକ୍ରି ବ୍ୟବସ୍ଥା ବିଷୟରେ ମହିଳା କାରିଗରଙ୍କ ସହ ଆଲୋଚନା କରିଥିଲେ। କମଳପୁରର ମାଛ ଚାଷୀ ମାରୁତି ନନ୍ଦନ ତ୍ରିପାଠୀଙ୍କ ହ୍ୟାଚେରୀ ଓ କାଶଲପୁରର ଛତୁ ଫାର୍ମ ପରିଦର୍ଶନ କରିଥିଲେ। ବାଉଁଶୁଣୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, କର୍ମଚାରୀ ଓ ରୋଗୀଙ୍କ ସହ ମତ ବିନିମୟ କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। ଖଇରମାଳର ଇଣ୍ଟିଗ୍ରେଟେଡ୍ ଫାର୍ମିଂ ପରିଦର୍ଶନ କରି ପିଜୁଳି, ନଡ଼ିଆ, ଆମ୍ବ ଓ କଦଳୀ ଚାଷ ଅନୁଧ୍ୟାନ କରିଥିଲେ। ବାସୁଦେବପାଲିରେ ଟେକ୍ସଟାଇଲ ବିଭାଗ ପରିଚାଳିତ ମହିଳା ସଂସାଧକ ଗୋଷ୍ଠୀଙ୍କ ଚାନ୍ଦୁଆ ତିଆରି ଶିଳ୍ପ ପରିଦର୍ଶନ କରି ମହିଳା କାରିଗରଙ୍କଠାରୁ ଉତ୍ପାଦନ, ବିକ୍ରି ଓ ଲାଭ-କ୍ଷତି ସମ୍ପର୍କରେ ଜାଣିଥିଲେ। ଗସ୍ତର ଶେଷରେ କୁମରିକେଲି ଆବାସିକ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ସହ ଭାବ ବିନିମୟ କରିଥିଲେ।

# ଜୁନିୟର୍ ରେଡ୍‌କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ




ବୀରମହାରାଜପୁର,୧୧।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଜୁନିୟର୍ ରେଡ୍‌କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଜୁନିୟର୍ ରେଡ୍‌କ୍ରସ୍‌ର ଉପ ସଭାପତି ଗତିକୃଷ୍ଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରାଇଥିଲେ। ଏହି ଅବସରରେ ୨୦୨୫-୨୬ବର୍ଷରେ ଜିଲ୍ଲା ଜୁନିୟର୍ ରେଡ୍‌କ୍ରସ୍ ଦ୍ୱାରା ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବରିଷ୍ଠ ସାଧନକର୍ମୀ ହୃଷିକେଶ ଡାଙ୍ଗ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହାସହ ଜିଲ୍ଲା ଜୁନିୟର୍ ରେଡ୍‌କ୍ରସ୍ ଅଫିସର୍ ଚନ୍ଦ୍ରମଣି ବାଘ ଜିଲ୍ଲା ଜୁନିୟର୍ ରେଡ୍‌କ୍ରସ୍‌ର ଆଗାମୀ କାର୍ଯ୍ୟପନ୍ଥା ଓ ୨୦୨୬-୨୭ଆର୍ଥିକ ବର୍ଷର ବଜେଟ୍ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅତିଥି ଭାବରେ ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା, ପୂର୍ବତନ ଜୁନିୟର୍ ରେଡ୍‌କ୍ରସ୍ ଅଫିସର୍ ରବି ଚନ୍ଦ୍ର ପଶାୟତ, ସୁରେଶ ପ୍ରଧାନ, ବରିଷ୍ଠ ସାଧନକର୍ମୀ ଝସକେତନ ମେହେର, ୟୁଥ୍ ରେଡ୍‌କ୍ରସ୍ ସଂଯୋଜକ ଉମାକାନ୍ତ ନାଗ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ଳାନ ପାଣ୍ଡିଆ, ଡିପିଇଓ ବାଲାଜୀ ବିଶ୍ୱନାଥ, ଜିଲ୍ଲା ପରିବହନ ଅଧିକାରୀ ଶାଲ୍‌ଖୋ ମୁର୍ମୁ, ଅଗ୍ନିଶମ ସେବା ଅଧିକାରୀ ଭବେନ୍ଦ୍ରନାଥ ଦେ, ସାଧନକର୍ମୀ ଚନ୍ଦ୍ର ଶେଖର ମହାପାତ୍ର, ଗୋପେଶ ପଣ୍ଡା, ଜଗଦୀଶ ଦାଶ, ଶେଷଦେବ ଛତ୍ର, ଅନୁପ୍ରିୟା ମିଶ୍ର, ଆଶିଷ ନାଏକ, ପ୍ରଜ୍ଞା ପରମିତା ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁହାସିନି ଦଣ୍ଡସେନା, ଅଧକ୍ଷ ସୁନିଲ ପଣ୍ଡା, ହେମନ୍ତ ମେହେର, ବଳରାମ ପୁରୋହିତ, ବିଶ୍ୱ ଭାରତୀ, ଚିନ୍ତନ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ଳାନ ପାଣ୍ଡିଆଙ୍କୁ ଜିଲ୍ଲା ଜୁନିୟର୍ ରେଡ୍‌କ୍ରସ୍‌ର ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଡୁଙ୍ଗୁରିପାଲି ବିସିସି ନିମାଇଁ ଚରଣ ମଲ୍ଲିକ୍ ସଂଯୋଜନା କରିଥିଲେ। ସୋନପୁର ବିସିସି ବିକ୍ରମ ନନ୍ଦ, ତରଭା ବିସିସି ବିଜୟ ପଣ୍ଡା, ବିନିକା ବିସିସି ପବିତ୍ର ବାରିକ, ଉଲୁଣ୍ଡା ବିସିସି ବିଶ୍ୱନାଥ ପାଣିଗ୍ରାହୀ, ବୀରମହାରାଜପୁର ବିସିସି ବୈକୁଣ୍ଠ ନାୟକ ସହଯୋଗ କରିଥିଲେ। ଶେଷରେ ପରାମର୍ଶଦାତା ହୃଷିକେଶ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାରୀରିକ ଶିକ୍ଷା ଶିକ୍ଷକ, ଶିକ୍ଷୟିତ୍ରୀ ଅଭିମୁଖୀକରଣ ଶିବିର



ଝାରସୁଗୁଡ଼ା,୧୧।୯(ସମିସ): ଶିକ୍ଷା ବିଭାଗର ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ସଂଗଠନ ପକ୍ଷରୁ ଆୟୋଜିତ ୩ ଦିନିଆ ଆବାସିକ ଶାରୀରିକ ଶିକ୍ଷା ଶିକ୍ଷକ-ଶିକ୍ଷୟିତ୍ରୀ ଅଭିମୁଖୀକରଣ ଶିବିର ଆଜି ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଯୋଗ ଦେଇ ବିଭିନ୍ନ ନୂତନ ଓ ଉଦୀୟମାନ କ୍ରୀଡ଼ାର ନିୟମ, କୌଶଳ, ପ୍ରଶିକ୍ଷଣ ପଦ୍ଧତି, ଅଫିସିଏଟିଂ ଏବଂ ବିଦ୍ୟାଳୟ ସ୍ତରରେ କ୍ରୀଡ଼ା ପରିଚାଳନା ସମ୍ପର୍କରେ ବ୍ୟବହାରିକ ଜ୍ଞାନ ଓ ଦକ୍ଷତା ହାସଲ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ସଂଗଠନର ସଭାପତି ଡ. ରାଧାକାନ୍ତ ଗର୍ତ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କିରମିରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ଅତିଥିମାନେ ଶାରୀରିକ ଶିକ୍ଷାର ଗୁରୁତ୍ୱ, ବିଦ୍ୟାଳୟ ସ୍ତରରେ କ୍ରୀଡ଼ାର ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷଣରୁ ହାସଲ କରିଥିବା ଜ୍ଞାନ ଓ ଦକ୍ଷତାକୁ ବିଦ୍ୟାଳୟ ସ୍ତରରେ ପ୍ରୟୋଗ କରି ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ପ୍ରତି ଅଧିକ ଆକୃଷ୍ଟ କରିବାକୁ ସେମାନେ ଆହ୍ୱାନ ଜଣାଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା ତଦାରଖ କରିଥିଲେ।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

ଝାରସୁଗୁଡା,୧୧।୯(ସମିସ): ଜିଲ୍ଲା ସଞ୍ଚୟଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଆଜି ଜମେରା ପଞ୍ଚାୟତର ସମ୍ମିଳନ କକ୍ଷରେ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜମେରା ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଝାରସୁଗୁଡା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ଭାରତ ସରକାରଙ୍କର ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ବୀମା ଯୋଜନା ଏବଂ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ଆର୍ଥିକ ସାକ୍ଷରତା ପରାମର୍ଶଦାତା କୃଷ୍ଣଚନ୍ଦ୍ର ନାୟକ ଚିଟ ଫଣ୍ଡର ଅପକାରିତା ଏବଂ ସାଇବର ଅପରାଧ ବାବଦରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସରପଞ୍ଚ ଗିରିଜା ବୁଡା ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଶିକାନ୍ତ ଚାନ୍ଦ, ଗ୍ରାମ ରୋଜଗାର ସେବକ ପିଙ୍କି ଛତ୍ରିଆ, ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ତ୍ରୟମାସିକ ବ୍ୟାଙ୍କର୍ସ ବୈଠକ

ଦେବଗଡ଼,୧୧।୯(ସମିସ): ଦେବଗଡ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ତ୍ରୟମାସିକ ବ୍ୟାଙ୍କର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଲୋକେ କିପରି ବ୍ୟାଙ୍କରୁ ଋଣ ପାଇପାରିବେ ସେ ଉପରେ ଗୁରୁତ୍ୱ ଦେଇଥିଲେ। ମିଶନ ଶକ୍ତି ଜରିଆରେ ଲୋକମାନଙ୍କ ସୁବିଧା ନିମନ୍ତେ ଛତୁ ଚାଷ, ମାଛ ଚାଷ, କୁକୁଡ଼ା ଚାଷ, ପୋଖରୀ ଋଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଭିନ୍ନକ୍ଷମ ଋଣ, ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ପେନସନ, କାମଧେନୁ ଯୋଜନାରେ ଲୋକଙ୍କୁ ଋଣ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ବ୍ୟାଙ୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ କିଶୋରଚନ୍ଦ୍ର ମୁଣ୍ଡ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଭୁବନେଶ୍ୱର ରିଜର୍ଭ ବ୍ୟାଙ୍କ ଏଲଡିଓ ଶ୍ରିତକ ରଞ୍ଜନ ମିଶ୍ର, ଏଲଡ଼ିଏମ ନଳିନୀକାନ୍ତ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଡିପିଏମ ଓଏଲଏମ୍ ଶିଶିର ଷଡ଼ଙ୍ଗୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବ୍ୟାଙ୍କ ଅଧିକାରୀ ଯୋଗ ଦେଇଥିଲେ।

## ଖଣି ବନ୍ଦ ପରାମର୍ଶଦାତା କମିଟି ବୈଠକ

ଝାରସୁଗୁଡ଼ା,୧୧।୯(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଏମ୍‌ସିଏଲ୍ ଅଧୀନରେ ଥିବା ଖଣିଗୁଡ଼ିକର ବନ୍ଦ ପରାମର୍ଶଦାତା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଝାରସୁଗୁଡ଼ା ବିଡିଓ ଅନିଲ ଆଚାର୍ଯ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ଗ୍ରାମ୍ୟ ପ୍ରତିନିଧିମାନେ ଉପସ୍ଥିତ ରହି ନିଜର ମତାମତ ଉପସ୍ଥାପନ କରିଥିଲେ। ସେହିଭଳି ଏମ୍‌ସିଏଲ୍ ନୋଡାଲ ଅଫିସର (ମାଇନ୍ କ୍ଲୋଜର) ତଥା ଜିଏମ୍ କହ୍ନେୟା ମିଶ୍ର, ଇବ୍ ଭ୍ୟାଲି ଏରିଆ ଜିଏମ୍ ଜିତେନ୍ଦ୍ର ତିୱାରୀ, ସମଲେଶ୍ୱରୀ ଓସିପି ପ୍ରୋଜେକ୍ଟ ଅଫିସର ଟି. ଦେବରା, ଲଜକୁରା ଓସିପି ପ୍ରୋଜେକ୍ଟ ଅଫିସର ଜିତେନ୍ଦ୍ର କୁମାର, ଆଇଏଲ୍‌ବିଏଲ୍ ପ୍ରୋଜେକ୍ଟ ଅଫିସର ଜେ.ଭି. ଶ୍ରୀନିବାସ, ଇବ୍ ଭ୍ୟାଲି ଷ୍ଟାଫ୍ ଅଫିସର (ପରିବେଶ) ଏସ୍.ଭି.ଆର୍. ତେଲାଙ୍ଗ, ଆଇଏଲ୍‌ବିଏଲ୍ ଷ୍ଟାଫ୍ ଅଫିସର (ପରିବେଶ) ଚିଲାମ୍ବରସନ୍, ଇବ୍ ଭ୍ୟାଲି ଷ୍ଟାଫ୍ ଅଫିସର (ସିଏସ୍‌ଆର୍) ନବାରୁଣ ଦାସ, ଓରିଏଣ୍ଟ ଏରିଆ ଷ୍ଟାଫ୍ ଅଫିସର (ପରିବେଶ) ଆର୍. ଚନ୍ଦ୍ର ହାସନ ଏବଂ ସିଏମ୍‌ପିଡିଆଇଏଲ୍‌ର ଡେପୁଟି ମ୍ୟାନେଜର କ୍ରିଷ୍ଣା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସବୁଜ ଓ ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

ଝାରସୁଗୁଡ଼ା,୧୧।୯(ସମିସ): ଠରକସପୁରସ୍ଥିତ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପରିବେଶ ସଚେତନତା ଅଭିଯାନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍‌ର ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାଏକ, ଝାରସୁଗୁଡ଼ା ଜିଲ୍ଲା ବନ୍ୟପ୍ରାଣୀ ସଂରକ୍ଷକ ତଥା ବୃକ୍ଷରୋପଣ ତଦାରଖ କମିଟିର ଅଧକ୍ଷ ପ୍ରହ୍ଲାଦ ନାୟକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍ ଝାରସୁଗୁଡ଼ା ଜୋନର ପରିବେଶ ବୈଜ୍ଞାନିକା ଅନୁସୂୟା ଏକ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ସାମ୍ବାଦିକ ବୈଦ୍ୟନାଥ ହୋତା ସମ୍ବର୍ଦ୍ଧିତ




ମନମୁଣ୍ଡା,୧୧।୯(ସମିସ): ବୌଦ୍ଧ ବ୍ଲକ୍ ତାଳପଦର କ୍ଲଷ୍ଟରରେ ଆଜି ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଉତ୍ତମ ନାଏକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ସିଆର୍‌ସିସି ଗଜେନ୍ଦ୍ର ମହାଲିକ, ସୁଶାନ୍ତ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ତହସିଲ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରଜରାଜନଗର ରେଞ୍ଜରେ ବ୍ୟାପକ ମିଆୱାକି ବନୀକରଣ

ଝାରସୁଗୁଡ଼ା,୧୧।୯(ସମିସ):

ଦୀର୍ଘ ଦିନ ଧରି ଜବରଦଖଲରେ ଥିବା ସରକାରୀ ଜମିକୁ ଉଚ୍ଛେଦ କରି ସେହି ସ୍ଥାନଗୁଡ଼ିକରେ ଜାପାନୀ ପଦ୍ଧତିରେ ଘଞ୍ଚ ମିଆୱାକି ଜଙ୍ଗଲ ସୃଷ୍ଟି କରାଯାଉଛି। ଏନଟିପିସି ଆର୍ଥିକ ସହାୟତାରେ ଲୋଇସିଂହଠାରେ ୧୬,୦୦୦ ଚାରା ଏବଂ ବଲାଙ୍ଗୀବାହାଲଠାରେ ୧୨,୦୦୦ ଚାରା ରୋପଣ କରାଯାଇ ମିଆୱାକି ଜଙ୍ଗଲ ପ୍ରସ୍ତୁତ କରାଯାଉଛି। ଉଭୟ ସ୍ଥାନ ପୂର୍ବରୁ ଜବରଦଖଲରେ ରହିଥିଲା। ଏହାକୁ ପ୍ରଶାସନ ପକ୍ଷରୁ ସଫଳତାର ସହ ଉଚ୍ଛେଦ କରାଯାଇ ବୃକ୍ଷରୋପଣ ଉପଯୋଗୀ କରାଯାଇଛି। ଏହି ମିଆୱାକି ପ୍ରକଳ୍ପରେ ମୁଖ୍ୟତଃ ବିଭିନ୍ନ ଔଷଧୀୟ ତଥା ଫଳନ୍ତି ଗଛକୁ ପ୍ରାଥମିକତା ଦିଆଯାଇଛି। ଏଥିରେ ଅଁଳା, ପିଜୁଳି, ତୁତ, ଆମ୍ବଡ଼ା, କରମଙ୍ଗା, ଜାମୁ, ନିମ୍ବ, କରଞ୍ଜ, ଆମ୍ବ, ଲେମ୍ବୁ, ଚନ୍ଦନ, ସୁନାରୀ,



ବାହାଡ଼ା, ହରିଡ଼ା, ଅର୍ଜୁନ, ବର ଓ ଓସ୍ତ ଭଳି ବହୁମୂଲ୍ୟ ଏବଂ ସ୍ଥାନୀୟ ଜଳବାୟୁ ଉପଯୋଗୀ ପ୍ରଜାତିର ଚାରା ରୋପଣ କରାଯାଇଛି। ବ୍ରଜରାଜନଗର ବନ ରେଞ୍ଜ ଅଧୀନରେ ଗତବର୍ଷ ମିଆୱାକି ପଦ୍ଧତିରେ ମୋଟ ୮୪,୦୦୦ ଚାରା ରୋପଣ କରାଯାଇଥିଲା। ଚଳିତ ବର୍ଷ ବ୍ରଜରାଜନଗର ରେଞ୍ଜରେ ସର୍ବମୋଟ ୧ ଲକ୍ଷ ୧୨ ହଜାର ଚାରା ରୋପଣ କରାଯାଇଛି। ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍‌ର ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାଏକ, ଝାରସୁଗୁଡ଼ା ଜିଲ୍ଲା ବନ୍ୟପ୍ରାଣୀ ସଂରକ୍ଷକ ତଥା ବୃକ୍ଷ ରୋପଣ ତଦାରଖ କମିଟିର ଅଧକ୍ଷ ପ୍ରହ୍ଲାଦ ନାୟକ, ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରିଷ୍ଟା ଜାମଡାଳିଆ, ଫରେଷ୍ଟର ସରୋଜ ଭୋଇ, ଫରେଷ୍ଟର ସଞ୍ଜିତ ଚୌଧୁରୀ, ଫରେଷ୍ଟ ଗାଡର୍ କିଶୋର ଶଣ୍ଢ ଏବଂ କାଜଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜିଲ୍ଲା ପରିବେଶ ସମିତିର ସଦସ୍ୟ ବିଜୟ ବେହେରା, ସୁରେନ୍ଦ୍ର ଭୋଇ ଏବଂ ଦର୍ଲିପାଲି ଏନଟିପିସିର ହେଡ୍ ଅଫ୍ ପ୍ରୋଜେକ୍ଟ ଫୈଜ୍ ତୟବ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଅଭିଳାଷୀ ହେବାକୁ ଆହ୍ୱାନ










**ଦେଓଗାଁ,୧୧।୯ (ସମିସ):** ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ନିକଟସ୍ଥ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଅଭିଳାଷୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଗୋପବନ୍ଧୁ ମେହେର ସଭାପତିତ୍ୱ କରିଥିବାବେଳେ ଶିକ୍ଷୟତ୍ରୀ ହସିନା ଭୋଇ ସଂଯୋଜନା କରିଥିଲେ। ଶିକ୍ଷକ ଘନଶ୍ୟାମ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସମନ୍ୱେତା ଷଡଙ୍ଗୀ, ଦେବସ୍ମିତା ମହାପାତ୍ର, କମଳିନୀ ମିଶ୍ର, ସ୍ୱାଗତିକା ବାରିକ, ଶିକ୍ଷକ ସମ୍ବିତ ଥନାପତି, ବିକାଶ ସାହୁ, ଡ. ମାନସ ରଞ୍ଜନ ସାହୁ, ବଂଶୀଧର ପୁଝାରୀ, ଜୁନେଶ ସାହୁ, ଉଦୟ ନାଗ, ଆଲୋକ ମହାଲିଙ୍ଗ, ହିତାଂଶୁ ଥନାପତି, ନିଖିଳ ପଣ୍ଡା, ଆକାଂକ୍ଷା ଯୋଷୀ, ସ୍ନିଗ୍ଧା ନାଏକ ପ୍ରମୁଖ ସହଯୋଗ କରିଥିଲେ।

**ମୁରିବାହାଲ:** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ ପଢ଼ିହାରୀ ଏବଂ ସୁରେନ୍ଦ୍ର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିବିକ୍ରମ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଶଙ୍କର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଅରବିନ୍ଦ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ। ରିଙ୍କି ହରିପାଲ, ରୀତିକା ଖମାରୀ, ସଂଘମିତ୍ରା କର୍ମୀ, ପ୍ରଭାସ ରଞ୍ଜନ ମେହେର, ଆଲୋକ ଦାଶ, ସୁନୀଲ ନାୟକ, ରାଜୀବ ପୁଟେଲ, ହିମାଂଶୁ ଭୁଏ, ସ୍ୱରୂପ ଠାକୁର, ରୋଶନ ମିଶ୍ର, ଅଜିତ ମହାକୁର, ବିଘ୍ନରାଜ ବାରିକ, ସୁବ୍ରତ ବଗର୍ତ୍ତୀ, ଅସୀମ ପଟେଲ, ସୁନନ୍ଦ ପଧାନ, ଆକାଶ ହରିପାଲ, କିଶୋର ଚନ୍ଦ୍ର ମୁଦୁଲି ଓ ପ୍ରଦୀପ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

**ଖପ୍ରାଖୋଲ:** ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ବ୍ଲକ୍ ଚେୟାରମ୍ୟାନ୍ ନିରୁପମା ପଟେଲ, ସନ୍ତୋଷ ଭଇଁସାଲ ଏବଂ ପଦ୍ମ କୁମାର ବରିହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସରିତା ନାଏକ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ଚିରସ୍ମିତା ଭୋଇ ଏବଂ ନିହାରିକା ସାହୁ, ଛାତ୍ର ରୋହନ ପଧାନଙ୍କୁ ସମ୍ମାନିତ କରାଯାଇଥିଲା। ମଧୁସ୍ମିତା ଦାସ ପରିଚାଳନା କରିଥିବା ବେଳେ ପ୍ରଗତୀ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଓ ଅଧିକାର ସଂପର୍କିତ କର୍ମଶାଳା

**ବୌଦ୍ଧ, ୧୧।୯ (ସମିସ):** ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ପ୍ରଦାନ, ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଆଇନଗତ ସହାୟତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବିନୟ ଭୋଇ ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ସ୍ୱାଗତ ଜଣାଇଥିଲେ। ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ଘରୋଇ ହିଂସା ନିରୋଧ ଆଇନ, ମହିଳାଙ୍କ ଅଧିକାର ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇ ମହିଳାଙ୍କ ସୁରକ୍ଷା ଏବଂ ଘରୋଇ ହିଂସା ନିରୋଧ କ୍ଷେତ୍ରରେ ବିଭାଗୀୟ ଭୂମିକା ଓ ସମନ୍ୱିତ କାର୍ଯ୍ୟପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ସ୍କୁଲ ଗେମ୍ସ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା




**ବଲାଙ୍ଗିର,୧୧।୯ (ସମିସ):** ପିପି ଏକାଡେମୀ ହାଇସ୍କୁଲ କନଫରେନ୍ସ ହଲରେ ବଲାଙ୍ଗିର ଜିଲ୍ଲା ଶିକ୍ଷାବିଭାଗ ଆନୁକୂଲ୍ୟରେ ସ୍କୁଲଗେମ୍ସ ତାଏକୋଣ୍ଡୋ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା ବେହେରା ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା କ୍ରୀଡା ଅଧିକାରୀ ପ୍ରଦୀପ ପାତ୍ର, ପି.ପି.ଏକାଡେମ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୟୁତିରଞ୍ଜନ ମହାଲିଙ୍ଗ ଏବଂ ବଲାଙ୍ଗିର ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘର ସମ୍ପାଦକ ଅସୀମ ଭୋଇ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟରୁ ଶତାଧିକ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଭୟ ଅଣ୍ଡର ୧୪ ଓ ଅଣ୍ଡର ୧୭ ବର୍ଷ ବାଳକ ଓ ବାଳିକା ବର୍ଗରେ କ୍ୟୁରଗୀ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାକୁ ପିଇଟି ହେମନ୍ତ ପ୍ରଧାନ ପରି.ଳନା କରିଥିବା ବେଳେ ରଂଜିତା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ପୌର ପ୍ରଶାସନକୁ ଭେଟିଲା ଦେବାଳୟ ସୁରକ୍ଷା କମିଟି



**ବଲାଙ୍ଗିର,୧୧।୯ (ସମିସ):** ଦେବାଳୟ ସୁରକ୍ଷା କମିଟି ପୌର ପ୍ରଶାସନର ଦ୍ୱାରସ୍ଥ ହୋଇଛି। ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଜୟକୃଷ୍ଣ ମିଶ୍ର, ଉପଦେଷ୍ଟା ସୁରେନ୍ଦ୍ର ନେଗୀ, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ରିଣ୍ଟୁ ସାହୁ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ଭେଟିଥିଲେ।

## ବୌଦ୍ଧରୁ ୫୫ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

**ବୌଦ୍ଧ,୧୧।୯ (ସମିସ):** ବୌଦ୍ଧ ଜିଲ୍ଲାର ୫୫ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ବାରାଣସୀ-ଅଯୋଧ୍ୟାକୁ ତୀର୍ଥଯାତ୍ରାରେ ବାହାରିଛନ୍ତି। ବୌଦ୍ଧ କଲେକ୍ଟରେଟ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ସବୁଜ ପତାକା ଦେଖାଇ ଦୁଇଟି ବସ୍‌ରେ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରଭାକର କହଁର ଯାତ୍ରାର ସମସ୍ତ ବ୍ୟବସ୍ଥା କରିଥିଲେ। ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତିରଞ୍ଜନ ଭୁଏ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବରିଷ୍ଠ ନାଗରିକମାନଙ୍କ ସୁବିଧା ଓ ସୁରକ୍ଷିତ ତୀର୍ଥଯାତ୍ରା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କନିଷ୍ଠ ସହାୟକ ନେତ୍ରାନନ୍ଦ ପ୍ରଧାନ ଏବଂ ସାନନ୍ଦ ସାହୁ ଗାଇଡ୍ ଅଫିସର ଭାବେ ଯାତ୍ରୀମାନଙ୍କ ସହ ଯାତ୍ରା କରିଛନ୍ତି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ଶିଶୁ ସୁରକ୍ଷା ଓ କଲ୍ୟାଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗୀର,୧୧।୯ (ସମିସ):** ବଲାଙ୍ଗୀର ବ୍ଲକ୍‌ର ଚନ୍ଦନଭାଟିସ୍ଥିତ ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟଠାରେ ଛାତ୍ରଛାତ୍ରୀଙ୍କୁ ଶିଶୁ ସୁରକ୍ଷା ଓ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ସଚେତନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଯୁଧିଷ୍ଠିର ପଧାନ ସଭା ପରିଚାଳନା କରିଥିଲେ। କାର୍ଯକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ, ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତୀ, ରେଡକ୍ରସ ପରାମର୍ଶଦାତା ପ୍ରଦୀପ୍ତ ବଲ୍ଲଭ ପାଣିଗ୍ରାହୀ, ଅଧ୍ୟାପକ ଚନ୍ଦ୍ରଭାନୁ ମିର୍ଦ୍ଧା, ଅଧ୍ୟାପିକା ଗାର୍ଗୀ ମିଶ୍ର, ବର୍ଷା ପଟେଲ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ବାଳମୁକୁନ୍ଦ ଭିତିରିଆ, ଚାଇଲ୍ଡ ହେଲ୍ପ ଲାଇନ୍‌ର ଶ୍ରଦ୍ଧାଞ୍ଜଳି ସିଂ, ଶୁଭମ୍ ଜେନା, ବସନ୍ତ ହରପାଲ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଜ୍ୟୋସ୍ନାମୟୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଆଇଆର୍ କାର୍ଯ୍ୟର ସମୀକ୍ଷା କଲେ ପର୍ଯ୍ୟବେକ୍ଷକ ବଲୱନ୍ତ ସିଂହ

**ବଲାଙ୍ଗିର,୧୧।୯ (ସମିସ):** ବଲାଙ୍ଗୀର ଜିଲ୍ଲାର ଭୋଟର ତାଲିକା ପର୍ଯ୍ୟବେକ୍ଷକ ବଲୱନ୍ତ ସିଂହ ବଲାଙ୍ଗିର ଗସ୍ତରେ ଆସି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏନେଇ ସର୍କିଟ ହାଉସ୍‌ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରୱ ଶିୱାଜୀ ଇସଲୱାର, ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଓ ଡ. ବିଜୟାନନ୍ଦ ସେଠୀ, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ ପଟେଲ ଏବଂ ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲର ମେହେରଙ୍କ ସମେତ ଅନ୍ୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରିଥିଲେ। ଶ୍ରୀ ସିଂହ ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିବା ସହ କେତେକ ମତଦାନ କେନ୍ଦ୍ରରେ ସୁପର ଚେକିଂ କରିଥିଲେ। ବିଶେଷକରି ଯେଉଁ ବୁଥ୍‌ଗୁଡ଼ିକରେ ସ୍ୱାଭାବିକ ତୁଳନାରେ ଅଧିକ ସଂଖ୍ୟକ ଭୋଟରଙ୍କ ନାମ ଯୋଗ କିମ୍ବା ବାଦ ଦିଆଯାଇଛି ସେସବୁ ଉପରେ ସେ ଗୁରୁତ୍ୱ ଦେଇ ଯାଞ୍ଚ କରିଥିଲେ। କୌଣସି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ ନ ପଡ଼ନ୍ତି ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର (ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡ଼ା, ପାଟଣାଗଡ଼ ଡେପୁଟି କଲେକ୍ଟର (ନିର୍ବାଚନ) ଶୈଳେନ୍ଦ୍ର ମହାନ୍ତି, ଟିଟିଲାଗଡ଼ ଡେପୁଟି କଲେକ୍ଟର (ନିର୍ବାଚନ) ହରେକୃଷ୍ଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଖଣି ଆଇନ୍ ସଂଶୋଧନ ପ୍ରତ୍ୟାହାର ଦାବି



**ଖପ୍ରାଖୋଲ,୧୧।୯ (ସମିସ):** ଗନ୍ଧମାର୍ଦ୍ଦନ ଆହ୍ୱାନ କମିଟିର ସଦସ୍ୟମାନେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଖଣି ଆଇନରେ କରାଯାଇଥିବା ସଂଶୋଧନକୁ କଡ଼ା ବିରୋଧ କରାଯାଇଛି। ଏହି ସଂଶୋଧନ ଦ୍ୱାରା ଜଙ୍ଗଲ, ପରିବେଶ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଅଧିକାର ପ୍ରତି ବିପଦ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଖଣିଜ ଉତ୍ତୋଳନ ପାଇଁ ହୋଇଥିବା ସମସ୍ତ ବୁଝାମଣା ପତ୍ରକୁ ତୁରନ୍ତ ପ୍ରତ୍ୟାହାର କରାଯାଇ ଖଣି ଆଇନରେ କରାଯାଇଥିବା ସଂଶୋଧନକୁ ସମ୍ପୂର୍ଣ୍ଣ ରଦ୍ଦ କରାଯାଉ। ଏହାଦ୍ୱାରା ଜଙ୍ଗଲ ଓ ଜୈବ ବିବିଧତା ସୁରକ୍ଷିତ ରହିପାରିବ। ଜଙ୍ଗଲ, ପରିବେଶ ଏବଂ ଜୈବ ବିବିଧତାକୁ ବଞ୍ଚାଇବା ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି ହୋଇଛି। ସ୍ଥାନୀୟ ଜନସାଧାରଣ ଓ ଆଦିବାସୀମାନଙ୍କ ଜମି, ଜଙ୍ଗଲ ଏବଂ ଜୀବିକା ଉପରେ କୌଣସି ପ୍ରକାରର ଆଞ୍ଚ ଆସିବାକୁ ଦିଆଯିବ ନାହିଁ। ଏହି ଦାବି ଜରିଆରେ ସରକାର ଏହି ଦିଗ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉଚିତ୍ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ସରକାର ଗନ୍ଧମାର୍ଦନ ପାହାଡର ସୁରକ୍ଷା ପାଇଁ ଏକ ସ୍ଥାୟୀ ଆଇନ ପ୍ରଣୟନ କରନ୍ତୁ ବୋଲି ସଦସ୍ୟମାନେ ଦାବି କରିଛନ୍ତି। ଏହି ଅବସରରେ ସୁଶୀଲ ନାୟକ, ବିପ୍ର ବିଶି, ଟିକେଶ୍ୱର୍ ଧରୁଆ, ବୃନ୍ଦାବନ ବାରିକ, ତରନି ସେନ ସାହୁ, ଅନୁପ ସାହୁ, ଟେକେନ୍ଦ୍ର ଜାଲ, ସୁବାଷ ଧରୂଆ, ପ୍ରମୁଖ ଉପସ୍ଥିତ ରହି ବିଡ଼ିଓଙ୍କୁ ଦାବିପତ୍ର ଦେଇଛନ୍ତି।

## ଇନୋଭେସନ ଓ ଷ୍ଟାର୍ଟଅପ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ




**ଲଛିପୁର,୧୧।୯ (ସମିସ):** ସୋନପୁର ବ୍ଲକ ଲଛିପୁର ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଇନୋଭେସନ ଓ ଷ୍ଟାର୍ଟଅପ୍ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ଲଛିପୁର ପ୍ରାଥମିକ ଚିକିତ୍ସା ଅଧିକାରୀ ଡ ରାମପ୍ରସାଦ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନୂତନ ଚିନ୍ତାଧାରା ବିଷୟରେ ଅବଗତ କରାଇଥିଲେ। ଅଧ୍ୟାପକ ବାସୁଦେବ ସାହୁ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରବୀର ମିଶ୍ର ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଆନନ୍ଦାନନ୍ଦ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା କାମ ତ୍ୱରାନ୍ୱିତ କରି ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

**ବଲାଙ୍ଗୀର,୧୧।୯ (ସମିସ):** ବଲାଙ୍ଗୀର ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ବିଧାନସଭା ମଣ୍ଡଳୀର ସର୍ବାଙ୍ଗୀନ ବିକାଶ, ସାମାଜିକ କଲ୍ୟାଣ ଓ ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ବୈଠକ ବସିଥିଲା। ଏଥିରେ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଭୌତିକ ଓ ଆର୍ଥିକ ପ୍ରଗତିର ସମୀକ୍ଷା କରାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ବୈଠକରେ କୃଷି, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଜନକଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ବିଭିନ୍ନ ପ୍ରକଳ୍ପର ପ୍ରଗତି ଓ ଜମି ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଆଗଲପୁର ବ୍ଲକ୍ ଆଡେନଡୁଙ୍ଗୁରୀ ଗାଁଠାରୁ ଲୋଇସିଂହା ବ୍ଲକ କଦଳିପାଲିକୁ ସଂଯୋଗ କରୁଥିବା ରାସ୍ତାକୁ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଏବଂ ଆଗଲପୁର ବ୍ଲକର ବଡ଼ଟିକା ଗାଁଠାରୁ ଲୋଇସିଂହା ବ୍ଲକର ଦୁମଦୁମି ଗାଁକୁ ସଂଯୋଗ କରୁଥିବା ରାସ୍ତା କାମ ତ୍ୱରାନ୍ୱିତ କରି ସଂପୂର୍ଣ୍ଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଲୋଇସିଂହାଠାରେ ଏକ ରକ୍ତ ଭଣ୍ଡାର ଓ ଡାଏଲିସିସ୍ ୟୁନିଟ୍ ହେବ। ଆଗଲପୁରଠାରେ ଏକ୍ସ-ରେ ମେସିନ୍ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସାରିବା ଏବଂ ଲୋକଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବଲାଙ୍ଗୀର ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର, ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ଯୋଗ ଦଇଥିଲେ।

## ଗଞ୍ଜେଇ କାରବାରରେ ୨ ଗିରଫ

**କନ୍ଧମାଳ,୧୧।୯ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ଅବକାରୀ ଥାନା ପକ୍ଷରୁ ନାରାୟଣ ପ୍ରସାଦ ଗ୍ରାମ ରାସ୍ତାରେ ଚଢ଼ଉ କରାଯାଇ ୯ କେଜି ଗଞ୍ଜେଇ ଜବତ କରାଯାଇଛି। ଯାଞ୍ଚ ସମୟରେ ମୋଟରସାଇକଲରେ ଥିବା ୨ ଜଣ ବ୍ୟକ୍ତିଙ୍କ ନିକଟରୁ ୯ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ଏକଲବ୍ୟ କୁମ୍ଭାର ଓ ସୁରତ ହରିପାଲଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଗଞ୍ଜେଇ ସହିତ ବ୍ୟବହୃତ ମୋଟର ସାଇକେଲ ମଧ୍ୟ ଜବତ କରାଯାଇଛି। ଏ ସମ୍ପର୍କରେ କନ୍ଧମାଳ ଅବକାରୀ ଥାନାରେ ମାମଲା ରୁଜୁ କରାଯାଇଛତ। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଅବକାରୀ ନିରୀକ୍ଷକ ରାହୁଲ ବେବର୍ତ୍ତା ସୂଚନା ଦେଇଛନ୍ତି।

## କଣ୍ଟାବାଞ୍ଜିରେ ଅପରେସନ ଥିଏଟର ଉଦ୍‌ଘାଟିତ

**କଣ୍ଟାବାଞ୍ଜି,୧୧।୯ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଅପରେସନ ଥିଏଟର ଉଦ୍‌ଘାଟିତ ହୋଇଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ରାଜ୍ୟ ବିଜେପି ଉପ-ସଭାପତି ଶିବାଜୀ ମହାନ୍ତି ଏବଂ ବଲାଙ୍ଗୀର ଏଡିଏମଓ ଡା. ସୁଧା ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ମନମୁଣ୍ଡା, ୧୧।୯ (ସମିସ):** କନ୍ଧମାଳ ବ୍ଲକ୍ ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ସ୍ନେହପ୍ରଭା ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କନ୍ଧମାଳ ବିଇଓ ଅଶୋଭ ରଂଜନ ମାଳି, ଅନିତା ମହେର, ବାଙ୍କାନିଧି ରାୟଗୁରୁ, ସିଆରସିସି ଦେବବ୍ରତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶତପଥୀ ଅଧକ୍ଷ୍ୟତା କରିଥିଲେ। ଶିକ୍ଷକ ସମୀର ପ୍ରଧାନ ମଞ୍ଚ ପରିଚାଳନା କରିଥିଲାବେଳେ ଶିକ୍ଷକ ରଂଜୁ ଅମାତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ବିକେସି ୟୁନାଇଟେଡ୍



**ବଲାଙ୍ଗିର,୧୧।୯ (ସମିସ):** ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଗାନ୍ଧୀ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲ ଖେଳରେ ବିକେସି ୟୁନାଇଟେଡ ବଲାଙ୍ଗିର ୧-୦ ଗୋଲରେ ଏମ୍‌ଏମ୍‌ଏଏ ବାଦିବାହାଲକୁ ହରାଇ ଫାଇନାଲକୁ ଉନ୍ନିତ ହୋଇଛି। ବିକେସି ୟୁନାଇଟେଡ ତରଫରୁ ମୁକେଶ ନାଏକ ଗୋଟିଏ ଗୋଲ ସ୍କୋର କରିଥିଲେ। ଅତିଥି ଭାବେ ଓଡିଶା ଫୁଟବଲ ସଂଘ (ଫାଓ) କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପହଲ୍ଲାଦ ଶତପଥୀ, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ ଓ ବରିଷ୍ଠ ସଦସ୍ୟ ମୋହିନୀ ମୋହନ ମିଶ୍ର ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କ୍ରିକେଟ ସଂପାଦକ ଓମ୍ ପ୍ରକାଶ .ନ୍ଦ, କ୍ରିଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, କାଉନସିଲ ସଭ୍ୟ ପ୍ରଭାତ ମିଶ୍ର, ବରିଷ୍ଠ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ଜୟରାମ ମିଶ୍ର, ଶିଶିର ବହିଦାର ଓ ଡା. ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଜନ କୁଦେଇ, ଲବ ସୁନାନି, ମଳୟ ଘିବେଲା ଓ ନିଶାରକାନ୍ତ ନାଗ ପ୍ରମୁଖ ପରି.ଳନା କରିଥିଲେ। ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଶନିବାର ଗାନ୍ଧୀ ଷ୍ଟାଡିୟମଠାରେ ଜିୱାଇଡିସି ନକଟାସର ବନାମ ବିକେସି ୟୁନାଇଟେଡ୍ ବଲାଙ୍ଗିର ମଧ୍ୟରେ ଫାଇନାଲ ଖେଳ ହେବ।

ସକାଳ THE SAKALA



www.sakalaepaper.com

# ମହାପ୍ରଭୁ ଜଗନ୍ନାଥଙ୍କ ଜମି ହାତେଇଛନ୍ତି ଆଇନମନ୍ତ୍ରୀଙ୍କ ପରିବାର: କଂଗ୍ରେସ




ଭୁବନେଶ୍ୱର,୧୧।୯ (ସମିସ): ଓଡ଼ିଶାର ବିଭିନ୍ନ ଜିଲ୍ଲାରେ, ଓଡ଼ିଶା ବାହାରେ, ଏପରିକି ବିଦେଶରେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶହଶହ କୋଟି ଟଙ୍କା ମୂଲ୍ୟର ଜମି ରହିଛି। ତେବେ ସେଗୁଡ଼ିକ ମଧ୍ୟରୁ ଅନେକ ପ୍ରଭାବଶାଳୀ ଲୋକଙ୍କ ଦ୍ୱାରା ଜବରଦଖଲରେ ରହିଛି। ସେସବୁ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଦୂରେ ଥାଉ, ନିଜେ ଖୋଦ୍ ଆଇନମନ୍ତ୍ରୀଙ୍କ ପରିବାର ଜବରଦଖଲରେ ଲିପ୍ତ ଅଛନ୍ତି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳ ଅଭିଯୋଗ କରିଛି। ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡଃ ପଞ୍ଚାନନ କାନୁନଗୋ କହିଛନ୍ତି ଯେ ଯାହା ହାତରେ ଚାବିକାଠି, ସେ ସବୁ ପ୍ରକାର ସନ୍ଦେହରୁ ଉର୍ଦ୍ଧ୍ୱରେ ରହିବା ଉଚିତ। ଆଇନମନ୍ତ୍ରୀ ମହାପ୍ରଭୁଙ୍କ ମୂଲ୍ୟବାନ ଜମି ହାତେଇଥିବା ଅଭିଯୋଗ ଆସିଥିବାରୁ ସେ ଅବିଳମ୍ବେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରନ୍ତୁ। ସେ ମହାପ୍ରଭୁଙ୍କ ଜମି ହାତେଇନାହାନ୍ତି ବୋଲି ସତ୍ୟପାଠ କରିପାରିବେ କି ବୋଲି ଶ୍ରୀ କାନୁନଗୋ ପ୍ରଶ୍ନ କରିଛନ୍ତି।

ଏହାଛଡ଼ା, ମହାପ୍ରଭୁଙ୍କ କେତେ ଜମି କେଉଁଠି ଅଛ ସେ ନେଇ ସରକାର ଏକ ଶ୍ୱେତପତ୍ର ଜାରି କରିବାକୁ ଦଳ ଦାବି କରିଛି। ଏହା କରିବା ତ ଦୂରର କଥା, ସରକାର ମହାପ୍ରଭୁଙ୍କ ବିଷୟରେ କୌଣସି କଥା ସାର୍ବଜନୀନ କରିବାକୁ ଚାହାନ୍ତି ନାହିଁ। ରତ୍ନଭଣ୍ଡାର ଗଣତିମଣତି ରିପୋର୍ଟ ସାର୍ବଜନୀନନ ନ କରିବାକୁ ସରକାରଙ୍କ ନିଷ୍ପତ୍ତି ପଛରେ କି ଉଦ୍ଦେଶ୍ୟ ଅଛି ବୋଲି ଡଃ କାନୁନଗୋ ପ୍ରଶ୍ନ କରିଛନ୍ତି। ସେ ଗଭୀର ଉଦବେଗ ପ୍ରକାଶ କରି ପୁଣି କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ମନ୍ତ୍ରୀ ମଣ୍ଡଳର ଆଇନମନ୍ତ୍ରୀଙ୍କ ପରିବାର ମାଲିକାନାରେ ମହାପ୍ରଭୁଙ୍କ ସମ୍ପତ୍ତି ଅଛି କି ନାହିଁ ଏହା ସ୍ପଷ୍ଟ ହେବା ଦରକାର। ଅନ୍ୟତମ ମୁଖପାତ୍ର ଲଲାଟେନ୍ଦୁ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ଯେ ମହାପ୍ରଭୁଙ୍କ ୧୦୦ ଟି ଖଣିର ନିଲାମ ତିନି ବର୍ଷ ଧରି ବନ୍ଦ ହେବା ଯୋଗୁଁ ଶ୍ରୀଜଗନ୍ନାଥଙ୍କ ପ୍ରାୟ ୧୦୦ କୋଟି ରାଜସ୍ୱ ହାନି ହୋଇଛି। କେବଳ ମିଥ୍ୟା ପ୍ରଚାର ମାଧ୍ୟମରେ ମହାପ୍ରଭୁଙ୍କ ସମ୍ପତ୍ତିର ରକ୍ଷଣାବେକ୍ଷଣ ହେଉଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି।

ମହାପ୍ରଭୁଙ୍କ ବହୁ ମୂଲ୍ୟବାନ ସମ୍ପତ୍ତିକୁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନର ଜାଣତରେ ପ୍ଲଟିଂ ସ୍କିମ କରି ବିକ୍ରି ଚାଲିଛି। ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ସ୍ଥାୟୀ ମୁଖ୍ୟ ପ୍ରଶାସକଙ୍କ ନିଯୁକ୍ତି ନ କରି ଜଣେ ଅଫିସରଙ୍କୁ ରାଜସ୍ୱ ବିଭାଗର ପ୍ରମୁଖ ସଚିବ କରିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦେବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଜମି ହରିଲୁଟ୍ ପାଇଁ ଆଇନ୍ ମନ୍ତ୍ରୀ ଓ ମୁଖ୍ୟ ପ୍ରଶାସକଙ୍କ ମଧ୍ୟରେ କି ମଧୁ ଚନ୍ଦ୍ରିକା ରହିଛି ବୋଲି ପ୍ରଶ୍ନ କରିବା ସହ ରତ୍ନ ଅଳଙ୍କାରର ଗଣତି ମଣତିର ତଥ୍ୟ ସାର୍ବଜନୀନ କରିବାକୁ ଦାବି କରିଛନ୍ତି।

# ପଦବୀ ଲାଳସାରେ ଏମ୍ଏମ୍ଡିଆର ସପକ୍ଷରେ ଯୁକ୍ତି ବାଢୁଛନ୍ତି ଅମର ପଟ୍ଟନାୟକ: ବିଜେଡି




**ରାଜ୍ୟବାସୀଙ୍କ ରୋଷରୁ ବର୍ତ୍ତିବା ପାଇଁ ବିଜେପି ନେତାମାନେ ବିତଣ୍ଡା ଯୁକ୍ତି ବାଢୁଛନ୍ତି**

**ଓଡ଼ିଶାର ସ୍ୱାର୍ଥକୁ ବଳି ପକାଇଛନ୍ତି ବିଜେପିର ୨୫ ସାଂସଦ**

ଭୁବନେଶ୍ୱର,୧୧।୯ (ସମିସ): ଏମଏମଡିଆର ସଂଶୋଧନ ଆଇନ ଯୋଗୁଁ ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବୋଲି ବିଜେପି ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକଙ୍କ ମନ୍ତବ୍ୟକୁ ଦୃଢ଼ ଖଣ୍ଡନ କରିଛି ବିଜୁ ଜନତା ଦଳ। ବିଜେପିରେ ଯୋଗଦେବା ପରେ କୌଣସି ପଦବୀ ପାଇନଥିବାରୁ ହତୋତ୍ସାହିତ ହୋଇପଡ଼ିଥିବା ଶ୍ରୀ ପଟ୍ଟନାୟକ ପଦବୀ ପାଇବା ଲୋଭରେ ଏଭଳି ଭ୍ରମାତ୍ମକ ଓ ଓଡ଼ିଶା ସ୍ୱାର୍ଥ ବିରୋଧୀ ଯୁକ୍ତି ବାଢୁଛନ୍ତି ବୋଲି ବିଜେଡି କହିଛି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଅମର ପଟ୍ଟନାୟକଙ୍କ ଯୁକ୍ତିକୁ ତଥ୍ୟ ଓ ପ୍ରମାଣ ମାଧ୍ୟମରେ ଦୃଢ଼ ଖଣ୍ଡନ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ପ୍ରତିନିଧିତ୍ୱ କରି ଖଣି ଟିକସର ବକେୟା ବାବଦକୁ ମିଳିବାକୁ ଥିବା ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟ ବୋଲି କହିବା ସହିତ ଏହା ନ ମିଳିଲେ ଓଡ଼ିଶା ବ୍ୟାପକ କ୍ଷତି ସହିବ ବୋଲି ଯୁକ୍ତି କରିଥିଲେ। ଶ୍ରୀ ଆଚାର୍ଯ୍ୟଙ୍କ ଏହି ଯୁକ୍ତିର ଭିଡିଓ ସେ ସାମ୍ବାଦିକ ମାନଙ୍କ ଆଗରେ ପ୍ରଦର୍ଶିତ କରିଥିଲେ। ଏହାଛଡା ରାଜ୍ୟ ସରକାରଙ୍କ ମୁଖପତ୍ର ଓଡ଼ିଶା ରିଭ୍ୟୁରେ ମଧ୍ୟ ବକେୟା ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ମିଳିବାକୁ ଅଛି ବୋଲି କୁହାଯିବା ସହିତ ଖଣି ରାଜସ୍ୱ ବାବଦକୁ ବାର୍ଷିକ ୧୨,୦୦୦ କୋଟି ଟଙ୍କା ମିଳିବ ବୋଲି କୁହାଯାଇଥିଲା। ଆଡଭୋକେଟ ଜେନେରାଲଙ୍କ ମନ୍ତବ୍ୟ ଓ ଓଡ଼ିଶା ରିଭ୍ୟୁରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଠିକ୍ ନା ଅମର ପଟ୍ଟନାୟକଙ୍କ କଥା ଠିକ୍? ଶାଗ ମାଛ ଦରରେ ପୂର୍ବ ସରକାର ଖଣି ଆବଣ୍ଟନ କରିଥିବା ନେଇ ଅମର ପଟ୍ଟନାୟକ ଦେଇଥିବା ମନ୍ତବ୍ୟ ସମ୍ପର୍କରେ ଡ. ମହାନ୍ତି କହିଥିଲେ ଯେ ବିଜେଡି ସମୟରେ ସ୍ୱଚ୍ଛତାର ସହ ଇ-ନିଲାମ କରି ୮ ଗୁଣ ଖଣି ରାଜସ୍ୱ ବୃଦ୍ଧି ପାଇଥିଲା । ଯେତେବେଳେ ଅନ୍ୟ ବିଜେପି ଶାସିତ ରାଜ୍ୟ ମାନଙ୍କରେ ଏହା ହୋଇପାରି ନଥିଲା। ୨୦୨୦-୨୧ରୁ ୨୦୨୩-୨୪ ମଧ୍ୟରେ କ୍ୟୁମୁଲେଟିଭ୍ ନିଲାମ ପ୍ରିମିୟମ ୮୭ ହଜାର କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କା ଆଦାୟ ହୋଇପାରିଥିଲା । ସର୍ବାଧିକ ୧୭୩ ପ୍ରତିଶତରୁ ଉର୍ଦ୍ଧ୍ୱର୍ ମାଇନିଂ ପ୍ରିମିୟମ ଖଣି ନିଲାମଧାରୀଙ୍କ ଠାରୁ ଆଦାୟ କରାଯାଇ ପାରିଥିଲା । ବିଜେପିରେ ଯୋଗଦେବା ପରେ ଶ୍ରୀ ପଟ୍ଟନାୟକଙ୍କୁ କୌଣସି ପଦବୀ ମିଳିନଥିବାରୁ ସେ ହତୋତ୍ସାହିତ ହୋଇ ଏଭଳି ରାଜ୍ୟ ସ୍ୱାର୍ଥ ବିରୋଧୀ ମନ୍ତବ୍ୟ ଦେଇଛନ୍ତି । ଜଣେ ଦଳ ଡିଆଁ ନେତା ପଦବୀ ଲୋଭରେ ଦେଇଥିବା ମନ୍ତବ୍ୟ ରାଜ୍ୟର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହି ବିଲକୁ ସଂସଦରେ ଥିବା ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ ଓଡ଼ିଶାର ସ୍ୱାର୍ଥକୁ ବଳି ଦେଇ ସମର୍ଥନ କରିଛନ୍ତି, ଯାହାକୁ ନେଇ ଓଡ଼ିଶାର ଜନସାଧାରଣଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଲୋକଙ୍କ ରୋଷରୁ ବର୍ତ୍ତିବା ପାଇଁ ବିଜେପି ନେତା ମାନେ ବିଭିନ୍ନ ବିତଣ୍ଡା ଯୁକ୍ତି ବାଢୁଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

## ଦ୍ୱରିତ ହେବ ରାଜସ୍ୱ ମାମଲାର ଫଇସଲା

# ରାଜସ୍ୱ ପର୍ଷଦର ନୂତନ ୱେବସାଇଟ୍ ଲୋକାର୍ପିତ

ଭୁବନେଶ୍ୱର,୧୧।୯ (ସମିସ): ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ, ସୁଗମ, ସୁସଂଗଠିତ ଓ ନାଗରିକମୁଖୀ କରିବା ପାଇଁ ରାଜସ୍ୱ ପର୍ଷଦର ନୂତନ ୱେବସାଇଟ୍ ଏବଂ ତ୍ରୈମାସିକ ଜର୍ଣ୍ଣାଲର ଶୁଭାରମ୍ଭ କରାଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ନୂତନ ୱେବସାଇଟ୍ ଓ ଜର୍ଣ୍ଣାଲର ଶୁଭାରମ୍ଭ କରିବା ସହ ଏହି ଦୁଇଟି ପଦକ୍ଷେପ ରାଜସ୍ୱ ପ୍ରଶାସନରେ ପ୍ରଯୁକ୍ତି, ସୂଚନା ଓ ନ୍ୟାୟିକ ଜ୍ଞାନକୁ ଅଧିକ ବ୍ୟାପକ କରିବ ବୋଲି କହିଛନ୍ତି। ରାଜସ୍ୱ ପର୍ଷଦର ଓଡ଼ିଶାର ଏକ ଦୀର୍ଘ ଓ ଗୌରବମୟ ପ୍ରଶାସନିକ ଐତିହ୍ୟ ରହିଛି। ରାଜ୍ୟର ରାଜସ୍ୱ ପ୍ରଶାସନର ବିକାଶ ସହିତ ଏହି ପ୍ରତିଷ୍ଠାନର ଭୂମିକା ଗଭୀର ଭାବେ ଜଡ଼ିତ। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ରାଜସ୍ୱ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ତଥା ଜମିଜମା ସମ୍ବନ୍ଧୀୟ ମାମଲା ଗୁଡ଼ିକର ଦ୍ୱରିତ ସମାଧାନ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ପର୍ଷଦଙ୍କ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ପର୍ଯ୍ୟାପ୍ତ ମାନବସମ୍ବଳ ବ୍ୟବସ୍ଥା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁ କହିଥିଲେ ଯେ, ରାଜସ୍ୱ ପର୍ଷଦର ପ୍ରଶାସନିକ ଐତିହ୍ୟ ସହିତ ଆଧୁନିକ ପ୍ରଯୁକ୍ତିର ସମନ୍ୱୟର ଏକ ନୂତନ ଆରମ୍ଭର ଫଳପ୍ରସୂ ପରିଣାମ। ନୂତନ ୱେବସାଇଟ୍ ମାଧ୍ୟମରେ ରାଜସ୍ୱ ପର୍ଷଦର ବିଭିନ୍ନ କାର୍ଯ୍ୟକଳାପ, ଶାଖା ଓ ବିଭାଗ ସମ୍ପର୍କରେ ଆବଶ୍ୟକ ସୂଚନାକୁ ଏକ ସୁସଂଗଠିତ ଡିଜିଟାଲ୍ ମଞ୍ଚରେ ଉପଲବ୍ଧ କରାଯାଇଛି। ପୂର୍ବରୁ ରାଜସ୍ୱ ପର୍ଷଦର ଜର୍ଣ୍ଣାଲ୍ ସାଧାରଣତଃ ବାର୍ଷିକ ଭିତ୍ତିରେ ପ୍ରକାଶ ପାଉଥିଲା। ଗୁରୁତ୍ୱପୂର୍ଣ୍ଣ ମାମଲାର ନିଷ୍ପତ୍ତି ସଂଖ୍ୟା ଅପେକ୍ଷାକୃତ କମ୍ ଥିବାରୁ ବର୍ଷ ଶେଷରେ ଗୁରୁତ୍ୱପୂର୍ଣ୍ଣ ଆଦେଶଗୁଡ଼ିକୁ ସଂଗ୍ରହ କରି ବାର୍ଷିକ ସଂକଳନ ଆକାରରେ ପ୍ରକାଶ କରାଯାଉଥିଲା। ମାତ୍ର ଆଠ(୮) ମାସ ମଧ୍ୟରେ ରାଜସ୍ୱ ପର୍ଷଦ ଅଧୀନରେ କାର୍ଯ୍ୟରତ ୪୧ଟି ରିଭିଜନାଲ କୋର୍ଟ ଦ୍ୱାରା ପ୍ରାୟ ୧୧,୦୦୦ଟି ମାମଲାର ନିଷ୍ପତ୍ତି ହୋଇଛି।

# ଜନସ୍ୱାର୍ଥ ମାମଲାର ଦୁରୁପଯୋଗ; ୫୦ ହଜାର ଜରିମାନା

କଟକ,୧୧।୯ (ସମିସ): ବ୍ୟକ୍ତିଗତ ଶତ୍ରୁତା କିମ୍ବା ଆକ୍ରୋଶ ମେଣ୍ଟାଇବା ପାଇଁ ଜନସ୍ୱାର୍ଥ ମାମଲାର ଦୁରୁପଯୋଗକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏକ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ବିଶ୍ୱନାଥ ବେହେରାଙ୍କ ଜନସ୍ୱାର୍ଥ ମାମଲାକୁ ଖାରଜ କରିବା ସହ ୫୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହି ଜରିମାନା ଅର୍ଥକୁ ଦୁଇ ସପ୍ତାହ ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଠାରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅର୍ଥରାଶିକୁ କିଶୋରଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିରେ ଜମା ରଖାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଏକ ଘରୋଇ ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ବିରୋଧ କରି ବିଶ୍ୱନାଥ ବେହେରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ମାତ୍ର ଶୁଣାଣି ସମୟରେ ଜଣାପଡ଼ିଥିଲା ଯେ ଆବେଦନକାରୀ ସମ୍ପୃକ୍ତ ଜମିର ମାଲିକ, ଦଖଲକାରୀ କିମ୍ବା କେହି ନୁହଁନ୍ତି। ଜମିର ପ୍ରକୃତ ମାଲିକଙ୍କ ଏନଓସିକ୍ରମେ ପ୍ରଶାସନ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ ହୋଇଥିବା ବେଳେ ମାଲିକଙ୍କ ଏଥିରେ କୌଣସି ଅଭିଯୋଗ ନ ଥିଲା। କୌଣସି ଅଧିକାର ନଥାଇ ଜଣେ ତୃତୀୟ ବ୍ୟକ୍ତି ବ୍ୟକ୍ତିଗତ ଆକ୍ରୋଶ ସାଧନ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିବା ସହ ମାମଲାକୁ ଖାରଜ କରିଦେଇଛନ୍ତି।

# ଜେଲ୍‌ରେ ଅଭିଯୁକ୍ତ ମା’ ସହ ୩ ବର୍ଷର ଶିଶୁ

## ହାଇକୋର୍ଟରେ ନିର୍ଦ୍ଦେଶ ସ୍ଥଗିତ

କଟକ,୧୧।୯ (ସମିସ): ନିଜ ଶାଶୂଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଜଣେ ମହିଳାଙ୍କ ସହ ଜେଲ୍‌ରେ ତାଙ୍କର ତିନି ବର୍ଷର ଶିଶୁପୁତ୍ରକୁ ରଖିବା ପାଇଁ ନିମ୍ନ ଅଦାଲତ ପ୍ରଦାନ କରିଥିବା ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଭୋଗରାଇ ଗ୍ରାମ ନ୍ୟାୟାଳୟ ତଥା ଜେଏମ୍ଏଫ୍‌ସିଙ୍କ ଦ୍ୱାରା ଦିଆଯାଇଥିବା ଏହି ନିର୍ଦ୍ଦେଶ ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି ଅଦାଲତ। ରାଜ୍ୟ ସରକାର ଓ ପ୍ରତିପକ୍ଷ ଅଭିଯୁକ୍ତ ମହିଳାଙ୍କୁ ଏହି ପ୍ରସଙ୍ଗରେ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ଶିଶୁର ପିତାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜେଲ୍‌ରେ ନିଚାରାଧୀନ ବନ୍ଦୀ ଭାବେ ଥିବା ମା’ ନିଜ ସହିତ ତାଙ୍କର ୩ ବର୍ଷର ଶିଶୁପୁତ୍ରକୁ ପଠାଇବା ପାଇଁ କରିଥିବା ଆବେଦନକୁ ମଞ୍ଜୁର କରି ନିମ୍ନ ଅଦାଲତ ଗତ ଅଗଷ୍ଟ ୨୫ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଶିଶୁର ପିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ଜେଲ୍ ନିୟମାବଳୀ ୨୦୨୦ର ରୁଲ୍ ୩୩୮ ଅନୁଯାୟୀ, ଯଦି ଶିଶୁର ରହିବା ପାଇଁ ଆତ୍ମୀୟସ୍ୱଜନ କିମ୍ବା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥାଏ, ତେବେ ଗୋଟିଏ ଶିଶୁକୁ ତା’ ମା’ ସହ ଜେଲ୍ ପଠାଯାଇପାରିବ। ଏହି ମାମଲାରେ ଶିଶୁର ବାପା ଜଣେ ଆଇନଗତ ଅଭିଭାବକ ଭାବେ ଉପସ୍ଥିତ ଅଛନ୍ତି। ଶିଶୁଟି ସ୍ତନ୍ୟପାନ କରୁ ନଥିବା ବେଳେ ତାକୁ ଜେଲ୍‌ରେ ରଖିବା ଶିଶୁର ଉତ୍ତମ ଭବିଷ୍ୟତ ଓ ହିତ ପାଇଁ ଗ୍ରହଣଯୋଗ୍ୟ ନୁହେଁ ବୋଲି ଦର୍ଶାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## କାର୍ ଭିତରେ...

କରାଯାଇଥିବା ତାଙ୍କ ବାପା ସନ୍ଦେହ କହିଛନ୍ତି। ଶୁକ୍ରବାର ସକାଳେ ଏହି ଘଟଣା ଜଣା ପଡିଛି। ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମିନ୍ନା, ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ, ବରଗଡ ଏସ୍‌ପି ଆର.ଏନ୍. ଶତପଥୀ, ସୁବର୍ଣ୍ଣପୁର ଅତିରିକ୍ତ ଅରକ୍ଷୀ ଅଧୀକ୍ଷକ କେ କେ ହରିପ୍ରସାଦ, ପ୍ରିୟବ୍ରତ ବଶ୍ୱାଳ, ବରଗଡ଼ ଅତିରିକ୍ତ ଅରକ୍ଷୀ ଅଧୀକ୍ଷକ କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ୩ଟି ପୁଲିସ ଟିମ୍ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛନ୍ତି।

## ଏ ପଜିଟିଭ ରକ୍ତ...

ରକ୍ତରେ ହିମୋଗ୍ଲୋବିନ୍‌ର ମାତ୍ରା ଅତ୍ୟଧିକ କମିଯିବାରୁ ଗତ ୭ ତାରିଖରେ ତାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟର ମହିଳା ଭେଷଜ ବିଭାଗରେ ଭର୍ତ୍ତି କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ତାଙ୍କର ବ୍ଲଡ଼ ଗ୍ରୁପ୍ ‘ଏ’ ପଜିଟିଭ ବୋଲି ଉଲ୍ଲେଖ କରାଯାଇଥିଲା। ସେତେବେଳେ ତାଙ୍କ ହିମୋଗ୍ଲୋବିନ୍ ମାତ୍ର ୩.୯ ଥିବାରୁ ତୁରନ୍ତ ରକ୍ତ ଦେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ପରିବାର ଲୋକେ ରକ୍ତ ବିନିମୟ ବ୍ୟବସ୍ଥାରେ ପୁରୀ ବ୍ଲଡ୍ ବ୍ୟାଙ୍କରୁ ‘ଏ’ ପଜିଟିଭ ରକ୍ତ ଆଣି ହସ୍ପିଟାଲରେ ଦେଇଥିଲେ। ତେବେ ୮ ତାରିଖରେ ତାଙ୍କୁ କୌଣସି ରକ୍ତ ଦିଆଯାଇ ନ ଥିଲା। ସେଦିନ ମଧ୍ୟ ତାଙ୍କର ହିମୋଗ୍ଲୋବିନ୍ ମାତ୍ର ୪.୯ ଥିବା ପରିବାର ପକ୍ଷରୁ କୁହାଯାଇଛି। ଏହାପରେ ୯ ତାରିଖରେ ଘଟିଥିଲା ଅଭାବନୀୟ ଘଟଣା। ‘ଏ’ ପଜିଟିଭ ରକ୍ତ ଦେବା ପରିବର୍ତ୍ତେ ମହିଳାଙ୍କୁ ‘ବି’ ପଜିଟିଭ ରକ୍ତ ଦିଆଯାଇଥିବା ଅଭିଯୋଗ ହୋଇଛି। ପରିବାରର ଅଭିଯୋଗ ଅନୁସାରେ, ଭୁଲ୍ ବ୍ଲଡ୍ ଗ୍ରୁପ୍‌ର ରକ୍ତ ଦିଆଯିବା ପରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିଥିଲା। ଗୁରୁବାର ତାଙ୍କର ରକ୍ତବାନ୍ତି ହେବାରୁ ପରିବାର ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇ ଚିକିତ୍ସା କରାଯାଉଛି।

## ଦିଲ୍ଲୀ ଉପରେ...

ଅବ୍ଦଲ୍ ଫତାହ୍ ଅଲ୍-ସିସି, କାଜାଖସ୍ତାନର ରାଷ୍ଟ୍ରପତି କାସିମ୍-ଜୋମାର୍ଟ ତୋକାଏଭ୍, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋୱ ସୁବିଆନ୍ତୋ, ଇଥିଓପିଆର ପ୍ରଧାନମନ୍ତ୍ରୀ ଅବି ଅହମଦ୍, ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ୍ ଓ ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ଅନୁତିନ୍ ଚାର୍ନଭିରାକୁଲ୍ ପ୍ରମୁଖ ଏଥିରେ ଯୋଗଦେବେ। ବ୍ରାଜିଲ୍‌ର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରୀ ମାଉରୋ ଭିଏରା ଯୋଗଦେବେ। ଏହାସହ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ମଧ୍ୟ ଯୋଗଦାନର ସମ୍ଭାବନା ରହିଛି। ୨୦୦୯ ରେ ଉଦୀୟମାନ ଅର୍ଥନୀତିଗୁଡ଼ିକୁ ଏକ ମଞ୍ଚରେ ଆଣିବା ଏବଂ ବିଶ୍ୱର ପ୍ରମୁଖ ବହୁପାକ୍ଷିକ ଅନୁଷ୍ଠାନଗୁଡ଼ିକରେ ଅଧିକ ପ୍ରଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବ୍ରିକ୍ସ ଗଠିତ ହୋଇଥିଲା। ବର୍ତ୍ତମାନ ଏହି ଗୋଷ୍ଠୀରେ ବ୍ରାଜିଲ୍, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଓ ୟୁଏଇ ସମେତ ୧୧ଟି ଦେଶ ରହିଛି। ଏଥର ବ୍ରିକ୍ସ ବୈଠକରେ ବିଶ୍ୱ ଓ ଆଞ୍ଚଳିକ ପ୍ରସଙ୍ଗ ସହିତ ମଧ୍ୟପ୍ରାଚ୍ୟ ଓ ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ବିଶ୍ୱ ରାଜନୈତିକ ବିଭାଜନ ଉପରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି। ଏହାସହ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଅର୍ଥନୈତିକ ଓ ବାଣିଜ୍ୟିକ ସହଯୋଗ, ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର ଏବଂ ବହୁପାକ୍ଷିକତାକୁ ସୁଦୃଢ଼ କରିବା ଉପରେ ମଧ୍ୟ ମତ ବିନିମୟ ହେବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଦୁଇଦିନିଆ ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ଉପରେ ସକାରାତ୍ମକ ଓ ଫଳପ୍ରଦ ଆଲୋଚନା ହେବ ବୋଲି ସେ ଆଶା କରୁଛନ୍ତି। ବିଶ୍ୱ କଲ୍ୟାଣ ଓ ସହଯୋଗକୁ ଆଗକୁ ବଢ଼ାଇବା ଏହି ଆଲୋଚନାର ମୁଖ୍ୟ ଲକ୍ଷ୍ୟ ରହିବ। ଭାରତ ମଣ୍ଡପମ୍‌ରେ ଶୁକ୍ରବାର ସକାଳ ୯ଟା ୩୦ରୁ ଉଦ୍‌ଘାଟନୀ ଅଧିବେଶନ ଆରମ୍ଭ ହେବ। ଏହା ପରେ ବିଷୟଭିତ୍ତିକ ଅଧିବେଶନ, ଭାରତର ବ୍ରିକ୍ସ ଯାତ୍ରାର ପ୍ରଦର୍ଶନ ଓ ନେତାମାନଙ୍କ ଅଧିବେଶନ ରହିଛି। ଶନିବାର ବ୍ରିକ୍ସ ସଦସ୍ୟ ଦେଶର ନେତାମାନେ ଭାରତ ମଣ୍ଡପମ୍‌ରେ ପହଞ୍ଚିବେ। ପରେ ‘ସମାବେଶୀ ବିଶ୍ୱ ଶାସନ ଓ ବହୁପାକ୍ଷିକତାକୁ ସୁଦୃଢ଼ କରିବା’ ଉପରେ ରୁଦ୍ଧଦ୍ୱାର ଆଲୋଚନା ହେବ। ଏହି ଅବସରରେ ‘ଭାରତ ଇନୋଭେଟ୍ସ’ ପ୍ରଦର୍ଶନୀ, ନେତାମାନଙ୍କ ସାମୂହିକ ଫଟୋ ଏବଂ ମିଳିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ହେବ। ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପକ୍ଷରୁ ରାତ୍ରିଭୋଜର ଆୟୋଜନ କରାଯିବ। ରବିବାର ‘ସ୍ଥିରତା, ନବସୃଜନ, ସହଯୋଗ ଓ ସ୍ଥାୟୀତ୍ୱ ସମାବେଶୀ ବିଶ୍ୱ ବିକାଶର ଭବିଷ୍ୟତ ଗଠନ’ ଶୀର୍ଷକ ଖୋଲା ଅଧିବେଶନରେ ବ୍ରିକ୍ସ ସହଯୋଗୀ ଦେଶ ଓ ଆମନ୍ତ୍ରିତ ପ୍ରତିନିଧିମାନେ ଯୋଗଦେବେ।

## ୨୦୩୦ ସୁଦ୍ଧା...

ବୃଦ୍ଧି କରିବାକୁ ଦୁଇ ଦେଶ ସମ୍ମତି ପ୍ରକାଶ କରିଛନ୍ତି। ଶିଳ୍ପାଞ୍ଚଳ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ନୂଆଦିଲ୍ଲୀରେ ଶିଳ୍ପ ପ୍ରଦର୍ଶନୀ ‘ଇନୋପ୍ରୋମ୍ ଇଣ୍ଡିଆ’ ଆୟୋଜିତ ହେଉଛି। ରୁଷର ଏହି ଅନ୍ତର୍ଜାତୀୟ ଶିଳ୍ପ ପ୍ରଦର୍ଶନୀ ପ୍ରଥମ ଥର ପାଇଁ ଭାରତରେ ଆୟୋଜିତ ହୋଇଛି। ଏହା ଭାରତ ଓ ରୁଷ ମଧ୍ୟରେ ଶିଳ୍ପ ସହଯୋଗ, ରେଳ କ୍ଷେତ୍ର, ଷ୍ଟିଲ୍‌ର ବ୍ୟବସାୟ ଏବଂ ଦ୍ୱିପାକ୍ଷିକ ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରିବାରେ ଏକ ପ୍ରମୁଖ ମଞ୍ଚ ଭାବେ କାର୍ଯ୍ୟ କରୁଛି। ଦ୍ୱିପାକ୍ଷିକ ଆଲୋଚନା ପରେ ମୋଦୀ ଓ ପୁଟିନ୍ ଏକାଠି ଗୋଟିଏ କାର୍‌ରେ ଭାରତ ମଣ୍ଡପମ୍ ସ୍ଥିତ ଏହି ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ସେଠାରେ ଦୁଇନେତା ବ୍ୟବସାୟୀଙ୍କ ସହ ମତବିନିମୟ କରିଥିଲେ। ଏଥିସହ ରୁଷରେ ଆୟୋଜିତ ହେବାକୁ ଥିବା ୨୪ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀ ପାଇଁ ପୁଟିନ୍ ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଥିଲେ।

## ୟୁଏଇରୁ ୨.୪୨ ଲକ୍ଷ...

ନିବେଶ, ଏଲ୍‌ଏନ୍‌ଜି ସଂରକ୍ଷଣ, ସବୁଜ ଶକ୍ତି, ଏଆଇ ଓ ଡାଟା ସେଣ୍ଟର, ବିରଳ ମୃତ୍ତିକା, ଜାହାଜ ମରାମତି, ପ୍ରୋପେଲାଣ୍ଟ ଉତ୍ପାଦନ, ସାର ଓ ରସାୟନ, ଆବାସ, ଇସ୍ପାତ ଓ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଶେଷ ଦିନରେ ସିଏଜେଡ୍‌ବିଏଏ ପ୍ରୋଜେକ୍ଟ ଭେଞ୍ଚର୍ସ ଏଫ୍‌ଜେଡ୍‌ସିଓ ପକ୍ଷରୁ ଏଲ୍‌ଏନ୍‌ଜି ସଂରକ୍ଷଣ ପାଇଁ ଏମ୍‌ଓୟୁ କରାଯାଇଛି। ରାଣା ହୋଲ୍ଡିଂସ୍ ଲିମିଟେଡ୍ ସବୁଜ ଶକ୍ତି, ଏଆଇ ଡାଟା ସେଣ୍ଟର ଓ ବିରଳ ମୃତ୍ତିକା କ୍ଷେତ୍ରରେ ନିବେଶ ପାଇଁ ଏମ୍‌ଓୟୁ କରିଛି। ଶରଫ୍ ଗ୍ରୁପ୍ ଆବାସ କ୍ଷେତ୍ରରେ ଏବଂ ପିଟିସିଏଲ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଇସ୍ପାତ ଓ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପାଇଁ ଏମ୍‌ଓୟୁ କରିଛି। ସେହିପରି ଡାଲ୍‌ୱିନ୍ ମେରାଇନ୍ ଓ ଟର୍ବୋ ପାୱାର ଇଞ୍ଜିନିୟରିଂ ଜାହାଜ ମରାମତି, ଆଇଓନ୍ ଟେକ୍ନୋଲୋଜିଜ୍ ପ୍ରୋପେଲାଣ୍ଟ କାରଖାନା ଏବଂ ଆଗ୍ରିଫିଲ୍ଡସ୍ ଏଫ୍‌ଜେଡ୍‌ସିଓ ସାର ଓ ରସାୟନ କ୍ଷେତ୍ରରେ ନିବେଶ ଆଶୟପତ୍ର ଦେଇଛନ୍ତି। ଆବୁଧାବିରେ ଅଭିଯାନର ପ୍ରଥମ ଦିନରେ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନି(ଆଇଏଚ୍‌ସି) ଓ ଆଦାନୀ ଗ୍ରୁପ୍ ସହ ରଣନୀତିକ ଆଲୋଚନା ହୋଇଥିଲା। ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ ସହ ଆଲୋଚନା ସହ ବୋରୋଜ୍ ସହ ଓଡ଼ିଶାରେ ପେଟ୍ରୋକେମିକାଲ୍ ଡାଉନ୍‌ଷ୍ଟ୍ରିମ୍ ଇକୋସିଷ୍ଟମ୍ ବିକାଶ ନେଇ ଆଲୋଚନା ହୋଇଥିଲା। ଦ୍ୱିତୀୟ ଦିନରେ ଆଇଟି, ଇଏସ୍‌ଡିଏମ୍, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ, ଲଜିଷ୍ଟିକ୍ସ, ଦକ୍ଷତା ବିକାଶ, ବିରଳ ମୃତ୍ତିକା, ସର୍କୁଲାର ଇକୋନୋମି, ରସାୟନ ଓ ଆଲୁମିନିୟମ୍ ଆଦି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୂଲ୍ୟ ସଂଯୋଜନ, ପ୍ରଯୁକ୍ତି, ବିଶ୍ୱସ୍ତରୀୟ ସହଭାଗିତା ଓ ଦ୍ରୁତ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ଆଧାର କରି ଓଡ଼ିଶା ଶିଳ୍ପ ବିକାଶର ନୂଆ ପର୍ଯ୍ୟାୟକୁ ପ୍ରବେଶ କରିବାକୁ ପ୍ରସ୍ତୁତ। ପ୍ରାକୃତିକ ସମ୍ପଦ, ପ୍ରତିଯୋଗିତାମୂଳକ ଶକ୍ତି ଉପଲବ୍ଧତା, ରଣନୀତିକ ବନ୍ଦର, ଶିଳ୍ପ ଭିତ୍ତିଭୂମି, ଦକ୍ଷ ମାନବସମ୍ବଳ ଓ ପ୍ରତିଷ୍ଠିତ ଶିଳ୍ପ ଇକୋସିଷ୍ଟମ୍ ଓଡ଼ିଶାର ପ୍ରମୁଖ ଶକ୍ତି। ୟୁଏଇ ସହ ଓଡ଼ିଶାର ସମ୍ପର୍କ କେବଳ ନିବେଶରେ ସୀମିତ ନରହି ଉତ୍ପାଦନ, ବାଣିଜ୍ୟ, ପ୍ରଯୁକ୍ତି, ରପ୍ତାନି, ନବସୃଜନ, ଦକ୍ଷତା ଓ ଉଦ୍ୟୋଗିତା କ୍ଷେତ୍ରରେ ଦୀର୍ଘସ୍ଥାୟୀ ସହଭାଗିତାରେ ପରିଣତ ହେଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ନିବେଶକ ସମ୍ମିଳନୀ ସମାପ୍ତ ପରେ ମୁଖ୍ୟମନ୍ତ୍ରୀ ଦୁବାଇରେ ପ୍ରବାସୀ ଓଡ଼ିଆ ସମାଜ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଦୁବାଇରେ ୮୦୦ରୁ ଅଧିକ ପ୍ରବାସୀ ଓଡ଼ିଆ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଓଡ଼ିଶାର ସାଂସ୍କୃତିକ ପରିଚୟ ବଜାୟ ରଖିବା ଓ ବିଶ୍ୱସ୍ତରରେ ଓଡ଼ିଶାର ପରିଚୟକୁ ମଜବୁତ କରିବାର ପ୍ରୟାସକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରଙ୍କ ‘ସ୍ପିଡ୍, ସର୍ଟେନ୍‌ଟି ଆଣ୍ଡ ଏକ୍‌ଜିକ୍ୟୁସନ’ ନୀତି ଉପରେ ଗୁରୁତ୍ୱ ଦେଇ ନିବେଶକଙ୍କୁ ପ୍ରକଳ୍ପର ଆଶୟପତ୍ରଠାରୁ ଅନୁମୋଦନ, କାର୍ଯ୍ୟାନ୍ୱୟନ ଓ ସମ୍ପ୍ରସାରଣ ପର୍ଯ୍ୟନ୍ତ ସରକାରୀ ସହଯୋଗ ମିଳିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ‘ଏକ ଜିଲ୍ଲା, ଏକ ଉତ୍ପାଦ’ ସାମଗ୍ରୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଅଭିଯାନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ, ଗୃହ ଓ ଆଇଆଣ୍ଡପିଆର୍ ଏସିଏସ୍ ହେମନ୍ତ ଶର୍ମା, ୟୁଏଇରେ ଭାରତର ରାଷ୍ଟ୍ରଦୂତ ଡ. ଦୀପକ ମିତ୍ତଲ, ଦୁବାଇସ୍ଥିତ ଭାରତୀୟ କନ୍‌ସୁଲ୍ ଜେନେରାଲ୍ ଡ. ଇ. ବିଷ୍ଣୁ ବର୍ଦ୍ଧନ ରେଡ୍ଡୀଙ୍କ ସମେତ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଓ ଇଫିକଲ୍ ପ୍ରତିନିଧି ଯୋଗଦେଇଥିଲେ।

## ବାଚସ୍ପତିଙ୍କ ନିଷ୍ପତ୍ତିକୁ...

ବିଜେଡି ବିଧାୟକ ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲିକ, ଚକ୍ରଧର କଅଁର, ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ, ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ କ୍ରସ ଭୋଟିଂ କରିଥିଲେ। ଅରବିନ୍ଦ ଓ ସନାତନ ପୂର୍ବରୁ ନିଲମ୍ବିତ ହୋଇଥିଲେ ଓ ଅନ୍ୟ ୬ ଜଣଙ୍କୁ ଦଳ ପରେ ନିଲମ୍ବନ କରିଥିଲା। ଏହାପରେ ଏମାନଙ୍କର ସଭ୍ୟପଦ ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କୁ ଆବେଦନ କରାଯାଇଥିଲା। ବିଜେଡିର ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକ ଏପ୍ରିଲ୍ ୨୭ରେ ବାଚସ୍ପତିଙ୍କୁ ପିଟିସନ ଦେଇଥିଲେ। ୮ ବିଧାୟକ ଦଳୀୟ ହ୍ୱିପ୍ ନ ମାନି ଦଳ ବିରୋଧରେ ଯାଇଥିବାରୁ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ ସେମାନଙ୍କର ସଭ୍ୟପଦ ରଦ୍ଦ କରିବାକୁ ଦାବି କରିଥିଲେ। ମାତ୍ର ଜୁନ୍ ୨୨ରେ ବାଚସ୍ପତି ସରମା ପାଢୀ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଆବେଦନରେ ଆବଶ୍ୟକ ତଥ୍ୟ, ପ୍ରମାଣ ଓ ସତ୍ୟପାଠର ଅଭାବ ଥିବାରୁ ଏହା ସମ୍ପୂର୍ଣ୍ଣ ନୁହେଁ ବୋଲି ବିବେଚନା କରିଥିଲେ। ବିଧାନସଭା ରୁଲ୍-୬ର ସବ୍ ରୁଲ୍-୬ ଓ ୭ ଅନୁଯାୟୀ ପ୍ରମାଣ ଓ ତଥ୍ୟ ଉପସ୍ଥାପନ ହୋଇ ନ ଥିବାରୁ ଆବେଦନ ଖାରଜ ହୋଇଥିବା ବାଚସ୍ପତି କହିଥିଲେ। ଏହି ନିଷ୍ପତ୍ତି ପରେ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ଶଙ୍ଖ ଭବନରେ ପ୍ରମିଳା ମଲ୍ଲିକ ଓ ବରିଷ୍ଠ ନେତା ଡ. ଅରୁଣ ସାହୁ ସାମ୍ବାଦିକ ସମ୍ମିଳନୀ କରି ବାଚସ୍ପତିଙ୍କ ରାୟକୁ ସମାଲୋଚନା କରିବା ସହ ନ୍ୟାୟାଳୟକୁ ଯିବାର ସଙ୍କେତ ଦେଇଥିଲେ। ସମ୍ପୃକ୍ତ ବିଧାୟକମାନେ କେବଳ ରାଜ୍ୟସଭା ଭୋଟ୍‌ରେ ନୁହେଁ, ବିଭିନ୍ନ ସମୟରେ ବିଧାୟକ ଦଳ ବୈଠକରେ ଅନୁପସ୍ଥିତ ରହିବା ଓ ଦଳୀୟ ନିର୍ଦ୍ଦେଶ ଅବମାନନା କରିଥିବା ଅଭିଯୋଗ ମଧ୍ୟ ରହିଛି। ଡ. ଅରୁଣ ସାହୁ କହିଛନ୍ତି, ରାଜ୍ୟସଭା ନିର୍ବାଚନରେ ସାଧାରଣତଃ ହ୍ୱିପ୍ ପ୍ରସଙ୍ଗ ଲାଗୁ ହୁଏନାହିଁ ବୋଲି ଯେଉଁ ଯୁକ୍ତି ଦିଆଯାଉଛି, ତାହା ମୁଖ୍ୟ ପ୍ରସଙ୍ଗକୁ ଏଡ଼ାଇ ଯାଉଛି। ବିଧାୟକମାନଙ୍କ ଅନ୍ୟାନ୍ୟ ଦଳୀୟ ନିର୍ଦ୍ଦେଶ ଅବମାନନା ମଧ୍ୟ ଦଳବଦଳ ନିରୋଧୀ ଆଇନର ପରିସରକୁ ଆସିପାରେ ବୋଲି ସେ କହିଛନ୍ତି।

ଅପରପକ୍ଷରେ ଏହି ନିର୍ବାଚନରେ କଂଗ୍ରେସର ତିନି ବିଧାୟକ ସୋଫିଆ ଫିରଦୌସ୍, ରମେଶ ଜେନା ଓ ଦାଶରଥୀ ଗମାଙ୍ଗ ମଧ୍ୟ କ୍ରସ୍‌ଭୋଟିଂ କରିଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ କଂଗ୍ରେସ ପକ୍ଷରୁ ପୃଥକ୍ ଭାବେ ବାଚସ୍ପତିଙ୍କ ନିକଟରେ ଆବେଦନ ଦିଆଯାଇଥିଲା। ଏହାକୁ ମଧ୍ୟ ବାଚସ୍ପତି ଖାରଜ କରି ଦେଇଥିଲେ। ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ଅଦାଲତ ଯିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

## ବିଜେପିକୁ ମିଳିଛି...

ଥିବାରୁ ପାଞ୍ଚ ରାଜ୍ୟର ସମ୍ପୂର୍ଣ୍ଣ ଆୟ ଓ ବ୍ୟୟ ବିବରଣୀ ସ୍ପଷ୍ଟ ହୋଇନାହିଁ। ନିର୍ବାଚନ ସମୟରେ ବିଜେପିର ବ୍ୟାଙ୍କ ଜମା ରାଶି ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ମାର୍ଚ୍ଚ ୧୫ରେ ଦଳର ପାଣ୍ଠି ୬,୭୨୨.୬ କୋଟି ଟଙ୍କା ଥିବା ବେଳେ ମେ’ ୬ରେ ଏହା ୭,୬୨୭.୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ ନିର୍ବାଚନୀ ଅବଧିର ୫୦ ଦିନ ମଧ୍ୟରେ ବିଜେପିର ପାଣ୍ଠି ୯୦୪.୬ କୋଟି ଟଙ୍କା ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ନିର୍ବାଚନ ଆରମ୍ଭରେ କଂଗ୍ରେସର କେନ୍ଦ୍ରୀୟ କାର୍ଯ୍ୟାଳୟ ଓ ୫ ରାଜ୍ୟରେ ୧୬୯.୦୬ କୋଟି ଟଙ୍କା ପାଣ୍ଠି ଥିବା ଦର୍ଶାଇଥିବାବେଳେ ନିର୍ବାଚନ ଶେଷ ବେଳକୁ ଏହା ୧୦୩.୨ କୋଟିକୁ ହ୍ରାସ ପାଇଛି।

ବିଜେପି ପକ୍ଷରୁ ଦାଖଲ ରିପୋର୍ଟ ଅନୁସାରେ ଆସାମ, ତାମିଲନାଡୁ ଓ ପୁଡୁଚେରୀରେ ନିର୍ବାଚନ ପ୍ରଚାର ପାଇଁ ଦଳ ୧୫୯.୭ କୋଟି ଟଙ୍କା ଖର୍ଚ୍ଚ କରିଛି। ଏଥିରୁ ପ୍ରାୟ ୧୩୦.୪ କୋଟି ଦଳୀୟ ପ୍ରଚାର ଓ ଅବଶିଷ୍ଟ ରାଶି ପ୍ରାର୍ଥୀଙ୍କ ପାଇଁ ବ୍ୟୟ କରାଯାଇଛି। ଆସାମରେ ଦଳ ସର୍ବାଧିକ ପ୍ରାୟ ୯୬.୨୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି।

## ବ୍ୟବସ୍ଥା କରିଥିଲେ...

ଆଣିଥିଲେ। ପୂର୍ବତନ ଭିଜିଲାନ୍ସ ଏସ୍‌ପି ପ୍ରସନ୍ନ ମହାନ୍ତିଙ୍କ ପୁଅ ଆଶିଷ ମହାନ୍ତି ରାଉରକେଲା ସର୍କିଟ ହାଉସରେ ଟିନାଙ୍କ ରହଣି ବ୍ୟବସ୍ଥା କରିଥିଲେ। ସର୍କିଟ ହାଉସର ଜଣେ କର୍ମଚାରୀ ଅଭିଷେକ ଦାସଙ୍କ ସହ ଯୋଗାଯୋଗ କରି ସେ ଏକ ସୁଇଟ ବ୍ୟବସ୍ଥା କରିଥିଲେ। ମାତ୍ର ସର୍କିଟ ହାଉସର ଜଣେ ସାଧାରଣ କର୍ମଚାରୀ ଏକ ସୁଇଟ୍‌କୁ କିପରି ଜଣେ ସଫ୍ଟ ପର୍ଣ୍ଣ ଅଭିନେତ୍ରୀଙ୍କୁ ଦେଲେ ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସର୍କିଟ ହାଉସରେ କୋଠରୀ ଟିନା ନନ୍ଦୀଙ୍କ ପାଇଁ ବ୍ୟବସ୍ଥା କରିଥିବା ଆଶିଷ ମହାନ୍ତି ଏକ ଭିଡ଼ିଓରେ ସ୍ୱୀକାର କରିଛନ୍ତି। ଏହା ସହିତ ସେ ଜଣେ ୱେବ୍ ଅଭିନେତ୍ରୀ ଜାଣିବା ପରେ ତାଙ୍କୁ ଅନ୍ୟ ଏକ ହୋଟେଲକୁ ସ୍ଥାନାନ୍ତର କରାଯାଇଥିବା ସେ ଦାବି କରିଛନ୍ତି। ମାତ୍ର ଟିନା ନିଜ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଭିଡ଼ିଓରେ ସେ ଜାନୁଆରୀ ୧ ତାରିଖରେ ସର୍କିଟ ହାଉସରେ ପହଞ୍ଚିଥିବା କହିଥିବା ଦେଖାଯାଇଥିଲା। ସେହିପରି ଅନ୍ୟ ଏକ ଭିଡ଼ିଓରେ ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ ସାରିବା ପରେ ୨ ତାରିଖରେ ଢ଼େର ବିଳମ୍ବରେ ଉଠିଥିବା ଓ ମଧ୍ୟାହ୍ନରେ ପ୍ରସ୍ତୁତହୋଇ ଅନ୍ୟ ଏକ କାମରେ ଅନ୍ୟତ୍ର ଯିବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି କହୁଥିବା ଦେଖିବାକୁ ମିଳିଛି। ତେଣୁ ଆଶିଷଙ୍କ ଭିଡ଼ିଓ ଓ ଟିନାଙ୍କ ଭିଡ଼ିଓ ପରସ୍ପର ବିପରୀତ କଥା କହୁଛି।

ଅନ୍ୟପକ୍ଷରେ ଟିନାଙ୍କ ଭିଡ଼ିଓରେ ବର୍ଣ୍ଣିତ ସିଇଓ ‘ନାୟାର’ଙ୍କୁ ମଧ୍ୟ ପୁଲିସ ଚିହ୍ନଟ କରିଛି। ମାତ୍ର ସେ ଫେରାର ହୋଇ ଯାଇଥିବା କୁହାଯାଉଛି। ଟିନାଙ୍କୁ ସେହି ସିଇଓ କାହିଁକି ରାଉରକେଲା ଆଣିଥିଲେ ଓ ଏହା ପଛରେ କି ଉଦ୍ଦେଶ୍ୟ ଥିଲା, ସେ ସମ୍ପର୍କରେ ପାନପୋଷ ଏସଡ଼ିପିଓ ସୁଶାନ୍ତ କୁମାର ଦାଶ ଅନୁସନ୍ଧାନ କରୁଥିବା ସୂଚନା ମିଳିଛି। ଭାଇରାଲ୍ ଭିଡିଓରେ ଟିନା ଜଣେ ଏସ୍‌ପିଙ୍କ ସହ ସାକ୍ଷାତ୍ କରିଥିବା ଏବଂ ତାଙ୍କ ପୁଅଙ୍କ ସହ ଏକ ପ୍ରୋଜେକ୍ଟ ସମ୍ପର୍କରେ ବୈଠକ ହେବା କଥା କହିଥିବାରୁ ପୁଲିସ ସେହି ଦିଗରେ ମଧ୍ୟ ତଦନ୍ତ ଆରମ୍ଭ କରିଛି। କେଉଁ ପ୍ରୋଜେକ୍ଟରେ କାମ ପାଇଁ ଜଣେ ଆଡ଼ଲ୍ଟ ଅଭିନେତ୍ରୀଙ୍କୁ ଡ଼କା ଯାଇଥିଲା, ସେ ସମ୍ପର୍କରେ ମଧ୍ୟ ତନାଘନା ଚାଲିଛି।

## ସର୍କିଟ୍‌ହାଉସ୍ ନା...

ନିର୍ମାଣ ବର୍ଷାଧିକ କାଳ ହେଲା ସରିଲାଣି। ରାଷ୍ଟ୍ରପତି ଏହାକୁ ଉଦ୍‌ଘାଟନ କରିବାର ବି ଢ଼େର ସମୟ ବିତିଗଲାଣି। ମାତ୍ର ଏହି ସର୍କିଟ ହାଉସ କୁଆଡ଼େ ବିଧିବଦ୍ଧ ଭାବରେ ପରିଚାଳିତ ହେଉ ନ ଥିବା ଅଭିଯୋଗ ହୋଇଛି। ସର୍କିଟ ହାଉସ କୋଠରୀ ବୁକିଂ ଦାୟିତ୍ୱରେ ଥିବା ଅଧିକାରୀ ସମ୍ପୂର୍ଣ୍ଣ ନିଜ ଇଚ୍ଛାମତେ ପରିଚୟ ପ୍ରମାଣପତ୍ର ବିନା କୋଠରୀ ଆବଣ୍ଟନ କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ପ୍ରକାଶ ପାଣ୍ଡାନଙ୍କ ସହଯୋଗରେ ସର୍କିଟ ହାଉସରେ ୭ରୁ ଉର୍ଦ୍ଧ୍ୱ ଅପରାଧୀ ପାଖାପାଖି ୩ ସପ୍ତାହ ସର୍କିଟ ହାଉସରେ ଡ଼େରା ପକାଇଥିବା ସ୍ପଷ୍ଟ ହୋଇଥିଲା, ଏବେ ସଫ୍ଟ ପର୍ଣ୍ଣ ଅଭିନେତ୍ରୀ ଟିନା ନନ୍ଦୀଙ୍କ ରାତ୍ରୀଯାପନ କାହାଣୀ ପଦାକୁ ଆସିଛି। ତେଣୁ ସର୍କିଟ ହାଉସ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଅତିଥି ଭବନ ଭାବେ ବ୍ୟବହୃତ ସର୍କିଟ୍ ହାଉସ୍‌ର ବୁକିଂ ଓ ରହଣି ବ୍ୟବସ୍ଥାକୁ ନେଇ ଏହି ଘଟଣା ଗୁରୁତର ପ୍ରଶ୍ନ ଉଠାଇଛି। ତେବେ ଡବଲ ଇଂଜିନ ସରକାରରେ ସର୍କିଟ ହାଉସ ପରି ସରକାରୀ ଅତିଥି ଭବନ କ’ଣ ସର୍ବସାଧାରଣଙ୍କ ରହଣି ପାଇଁ ନୀତି ନିର୍ଦ୍ଧାରିତ ହୋଇ ଯାଇଛି କି । ଯିଏ ପାରୁଛି ରାଉରକେଲା ସର୍କିଟ ହାଉସରେ ବିନା ବୁକିଂରେ ବିନା ରେକର୍ଡରେ ଖାଲି ମୌଖିକ କଥାବାର୍ତ୍ତାରେ ରହିପାରୁଛି । ତାପରେ ସର୍କିଟ ହାଉସର କେୟାର ଟେକର ଅଭିଷେକ ଦାସ କିଏ? ଯିଏ ମନଇଚ୍ଛା ସର୍କିଟ ହାଉସ କୋଠରୀକୁ ଯାହାକୁ ପାରି ତାକୁ ଦେଇ ଦେଉଛନ୍ତି ? ଏପରି ଅଧିକାର ତାଙ୍କୁ ଦେଲା କିଏ, ଏ ନେଇ ବିଭାଗୀୟ ସରକାରୀ ଅଧିକାରୀ ଅବଗତ ଥିଲେ କି ନାହିଁ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

## ଆସିଲା ଚିଠି...

ଫେରାଇବାର ମଧ୍ୟ ନିୟମ ରହିଛି। ଭାରତୀୟ ବନ୍ୟପ୍ରାଣୀ ଆଇନରେ ମଧ୍ୟ ଏହି ବ୍ୟବସ୍ଥାକୁ ସାମିଲ କରାଯାଇଛି। ଅନ୍ୟପଟେ ଇଣ୍ଡୋନେସିଆ ସରକାର ଭାରତ ସରକାରଙ୍କଠାରୁ ସହଯୋଗ ଆଶାକରି ଚିଠି କରିଛନ୍ତି। ନିଜ ଚିଠିରେ ୫ ଶିଶୁ ଓରାଙ୍ଗୁଟାନ୍‌ଙ୍କ ଉତ୍ସ ଯଦି ଇଣ୍ଡୋନେସିଆ ବୋଲି ତଦନ୍ତରୁ ପ୍ରମାଣିତ ହୁଏ, ତେବେ ସେମାନଙ୍କୁ ଫେରାଇବା ପ୍ରକ୍ରିୟାରେ ସହଯୋଗ କରିବାକୁ ଇଣ୍ଡୋନେସିଆ ପକ୍ଷରୁ ଭାରତୀୟ ‘ସାଇଟିସ୍’ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଜଣାଇଛି। ଡିଏନ୍‌ଏ ପରୀକ୍ଷା ମାଧ୍ୟମରେ ପ୍ରାଣୀଗୁଡ଼ିକର ଉତ୍ସ ଦେଶ ନିର୍ଣ୍ଣୟ କରିବାକୁ କୁହାଯାଇଛି। ଏହି ୫ ଶିଶୁ ଓରାଙ୍ଗଉଟାନ୍‌ଙ୍କୁ ସେମାନଙ୍କ ମୂଳ ଦେଶର ପ୍ରମାଣିତ ଉଦ୍ଧାର ଓ ଥଇଥାନ କେନ୍ଦ୍ରକୁ ସୁରକ୍ଷିତ ଭାବେ ଫେରାଇବା ପାଇଁ ତୁରନ୍ତ ଏକ ସ୍ୱାସ୍ଥ୍ୟ ପ୍ରୋଟୋକଲ୍ ଓ ପରିବହନ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ଦାବି ହୋଇଛି। ଏହି ଘଟଣାରେ ପିସିସିଏଫ ପ୍ରେମ କୁମାର ଝା କହିଛନ୍ତି, ଶାବକ ଓରାଙ୍ଗଉଟାନ୍ କିପରି ଓଡ଼ିଶାକୁ ଆସିଲେ ତାହାର ଖୋଳତାଡ଼ ଜାରି ରହିଛି। ତେବେ ଓରାଙ୍ଗଉଟାନଙ୍କୁ ଇଣ୍ଡୋନେସିଆ ଫେରାଇ ନେବାକୁ ଚେଷ୍ଟା ସମ୍ପର୍କରେ ସେ କହିଛନ୍ତି, ସେମାନଙ୍କୁ ମୂଳଦେଶକୁ ପଠାଯିବ କି ନାହିଁ, ତାହା ଏବେଠାରୁ ସ୍ଥିର ହୋଇନାହିଁ।

# ତ୍ରିଲୋଚନ ମାଝୀ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ଦାୟିତ୍ୱ

ଭୁବନେଶ୍ୱର, ୧୧।୯ (ସମିସ): ଅବସରପ୍ରାପ୍ତ ଆଇଏଏସ ତଥା ଗୃହ ବିଭାଗର ପୂର୍ବତନ ଅତିରିକ୍ତ ସଚିବ ତ୍ରିଲୋଚନ ମାଝୀଙ୍କୁ ପୁଣିଥରେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ତ୍ରିଲୋଚନ ମାଝୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଫିସର ଅନ୍ ସ୍ପେସିଆଲ୍ ଡ୍ୟୁଟି (ଓଏସ୍‌ଡି)-କମ୍ ଅତିରିକ୍ତ ସଚିବ ଭାବେ ପୁନଃନିଯୁକ୍ତି ଦିଆଯାଇଛି। ଗତ ଅଗଷ୍ଟ ୩୧ ତାରିଖରୁ ସେ ଅବସର ନେଇଥିଲେ। ଅବସର ପରେ ତାଙ୍କୁ ତତ୍କାଳ ପ୍ରଭାବରୁ ଏକ ବର୍ଷ ପାଇଁ ଏହି ପଦରେ ପୁନଃନିଯୁକ୍ତ କରାଯାଇଛି।

## ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ପାତ୍ରଙ୍କ PH. D ଲାଭ



ଖଇରା ବ୍ଲକରେ କାର୍ଯ୍ୟରତ ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ପାତ୍ର ବାଲେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ଼. କୈଳାଶଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ପି.ଏଚ୍.ଡି. ଲାଭ କରିଛନ୍ତି। ତାଙ୍କ ଗବେଷଣାର ଶୀର୍ଷକ "NABARD'S SELF-HELP-GROUP BANK LINKAGE PROGRAM AND RURAL DEVELOPMENT: A STUDY ON BALASORE DISTRICT IN ODISHA" ବାହ୍ୟ ପରୀକ୍ଷକ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼. ହରେନ୍ଦ୍ର କୁମାର ସିଂ ଏବଂ ରାଞ୍ଚି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼. ଏ.କେ. ଛୋଟରାଜଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ମୌଖିକ ପରୀକ୍ଷା (Viva-Voce) ସଫଳତାର ସହ ସମ୍ପନ୍ନ ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ପି.ଏଚ୍.ଡି. ଉପାଧି ପ୍ରଦାନ କରାଯାଇଛି। ନାବାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ-ବ୍ୟାଙ୍କ ସଂଯୋଗ କାର୍ଯ୍ୟକ୍ରମର ଗ୍ରାମୀଣ ବିକାଶ ଉପରେ ପ୍ରଭାବକୁ ବାଲେଶ୍ୱର ଜିଲ୍ଲାକୁ ଆଧାର କରି ସେ ଗବେଷଣା କରିଛନ୍ତି। ଏଥିରେ ଗ୍ରାମୀଣ ଅର୍ଥନୀତି, ମହିଳା ସଶକ୍ତିକରଣ ଓ ଆର୍ଥିକ ସମାବେଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି। ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ପାତ୍ର ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ଡାଲକୁଳା ଗ୍ରାମର ଶ୍ରୀ କ୍ଷେତ୍ରମୋହନ ପାତ୍ର ଓ ସ୍ୱର୍ଗତ ଜୟନ୍ତୀ ପାତ୍ରଙ୍କ ଜ୍ୟେଷ୍ଠ କନ୍ୟା। ଏହି ସଫଳତା ପାଇଁ ସେ ପରିବାରବର୍ଗ, ଗୁରୁଜନ, ଶୁଭେଚ୍ଛୁ ଏବଂ ଭାରତୀୟ ବାୟୁସେନାରେ କାର୍ଯ୍ୟରତ ସ୍ୱାମୀ ମନୋରଞ୍ଜନ ସାହୁଙ୍କ ସମର୍ଥନ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ।

**ବୃଷ:** ବିଦ୍ୟାର୍ଥୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ। ପିଲାଙ୍କ ଭବିଷ୍ୟତ ପାଇଁ ପିତାମାତା ଚିନ୍ତା କରିବେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇପାରେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ବ୍ୟବସାୟରୁ ଲାଭ ମିଳିପାରେ। ମାନ ସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।


**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ରଖି ଚାଲନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

## ଆଜିର ଇତିହାସ

- ୧୮୭୩- ପ୍ରଥମ ଟାଇପ୍ ରାଇଟର୍ ଗ୍ରାହକଙ୍କୁ ବିକ୍ରି କରାଗଲା।
- ୧୯୪୪- ଆମେରିକୀୟ ସେନା ପ୍ରଥମ ଥର ଜର୍ମାନୀରେ ପ୍ରବେଶ କଲା।
- ୧୯୫୯-ସୋଭିଏତ୍ ସଂଘର ପ୍ରଥମ ମହାକାଶଯାନ 'ଲୁନା-୨' ଚନ୍ଦ୍ରପୃଷ୍ଠରେ ପହଞ୍ଚିଲା।
- ୧୯୯୮- କୁଆଲାଲାମ୍ପୁରରେ ୧୬ତମ ରାଷ୍ଟ୍ରମଣ୍ଡଳ ଖେଳର ଆରମ୍ଭ।




# ପରଦାରେ ଟ୍ରାଜେଡି କୁଇନ୍‌ଙ୍କ ପ୍ରେମ କାହାଣୀ

ହିନ୍ଦୀ ସିନେମାର ଟ୍ରାଜେଡି କୁଇନ୍ ମୀନା କୁମାରୀଙ୍କ ବାୟୋପିକ୍ 'କମଲ୍ ଔର୍ ମୀନା'ର କାମ ଏବେ ବେଶ୍ ଜୋରସୋରରେ ଆଗେଇ ଚାଲିଛି। ଏହାର ମୁଖ୍ୟ କଳାକାରମାନେ ମଧ୍ୟ ଫାଇନାଲ ହୋଇ ଯାଇଛନ୍ତି। ନିକଟରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସିଦ୍ଧାର୍ଥ ପି. ମଲହୋତ୍ରା ଘୋଷଣା କରିଛନ୍ତି ଯେ, ଫିଲ୍ମର କଳାକାରମାନଙ୍କୁ ଚୟନ କରାଯାଇଛି। ହେଲେ ଏବେ ସେମାନଙ୍କ ନାମ ପ୍ରକାଶ କରାଯିବ ନାହିଁ। ଏହି ସିନେମାର କାହାଣୀ ସମ୍ପୂର୍ଣ୍ଣ ରୂପେ ମୀନା କୁମାରୀ ଏବଂ ତାଙ୍କ ସ୍ୱାମୀ ତଥା ଚଳଚ୍ଚିତ୍ର ନିର୍ମାତା କମଲ୍ ଅମରୋହୀଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥିବା ପ୍ରାୟ ୫୦୦ ପ୍ରେମପତ୍ର ଏବଂ ୨୦୦୦ ପୃଷ୍ଠାର ବ୍ୟକ୍ତିଗତ ଡାଏରୀ ଉପରେ ଆଧାରିତ। ସିଦ୍ଧାର୍ଥଙ୍କ କହିବା ଅନୁଯାୟୀ, 'ଏହି ଚଳଚ୍ଚିତ୍ର ପାଇଁ ଭାରତୀୟ ସିନେମାର ଦୁଇଟି କଲ୍ଟ କ୍ଲାସିକ୍ ଫିଲ୍ମ 'ପାକିଜା' ଏବଂ 'ସାହିବ ବିବି ଔର୍ ଗୁଲାମ'ର ଆଇକନିକ୍ ସେଟ୍‌କୁ ପୁନଃ ନିର୍ମାଣ କରାଯିବ। ଏଥିପାଇଁ ଅଧିକ ବଜେଟ୍ ଏବଂ ଗୀତର ରୟାଲ୍ଟି ରାଇଟ୍ସର ଆବଶ୍ୟକତା ରହିଛି।' ଏହାର ପ୍ରଯୋଜନା ଦାୟିତ୍ୱରେ କମଲ୍ ଅମରୋହୀଙ୍କ ନାତି ବିଲାଲ୍ ଅମରୋହୀ ଅଛନ୍ତି। ଏ. ଆର. ରେହମାନ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଗୀତ ରଚନା ଇରଶାଦ୍ କାମିଲ୍ କରୁଛନ୍ତି। କିଆରା ଆଡଭାନୀ ଏହି ଚଳଚ୍ଚିତ୍ରରେ ମୀନା କୁମାରୀଙ୍କ ଭୂମିକାରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଥିବାବେଳେ ନିର୍ଦ୍ଦେଶକ ଏଯାବତ୍ ଏନେଇ ବିଧିବଦ୍ଧ ଭାବେ କିଛି ଘୋଷଣା କରିନାହାନ୍ତି। ପୂର୍ବରୁ ଏହି ବାୟୋପିକ୍ ପାଇଁ ଫ୍ୟାଶନ ଡିଜାଇନର ମନୀଷ ମଲହୋତ୍ରା ଏବଂ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କ ନାମ ଚର୍ଚ୍ଚାକୁ ଆସିଥିଲା, କିନ୍ତୁ ଆଇନଗତ ବିବାଦ ଓ ଅନ୍ୟାନ୍ୟ କାରଣରୁ ସେହି ପ୍ରୋଜେକ୍ଟ ବନ୍ଦ ହୋଇଯାଇଥିଲା।

## ବୈଦ୍ଦିକ ଗାଁ


# ବିଜୁଳି ଓ ମୋବାଇଲ ମୁକ୍ତ ଜୀବନ



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାରେ ଅବସ୍ଥିତ କୁର୍ମଗ୍ରାମ ବୈଦିକ ଗାଁ ଏକ ନିଆରା ଗ୍ରାମ। ଏହି ଗାଁଟି ଆଧୁନିକ ଚାକଚକ୍ୟ ଠାରୁ ଦୂରରେ ରହି "ସରଳ ଜୀବନଯାପନ ଓ ଉଚ୍ଚ ବିଚାର" ନୀତିରେ ପରିଚାଳିତ ହେଉଛି। ଗାଁ ଲୋକେ ପ୍ରାକୃତିକ ପ୍ରଣାଳୀରେ ଚାଷ କରି ନିଜର ପନିପରିବା ଏବଂ ଶସ୍ୟ ଉତ୍ପାଦନ କରନ୍ତି। ଏହା ସହିତ ସେମାନେ ହସ୍ତତନ୍ତ ସାହାଯ୍ୟରେ ନିଜ ପିନ୍ଧିବା ପାଇଁ ସୂତା କପଡ଼ା ମଧ୍ୟ ନିଜେ ପ୍ରସ୍ତୁତ କରନ୍ତି। ଏହି ଗାଁରେ କୌଣସି ପ୍ରକାରର ବିଦ୍ୟୁତ୍ ସଂଯୋଗ, ମୋବାଇଲ୍ ଫୋନ୍, ଟିଭି କିମ୍ବା ଇଣ୍ଟରନେଟ୍ ବ୍ୟବହାର କରାଯାଏ ନାହିଁ। ସନ୍ଧ୍ୟା ହେଲେ ଲୋକେ ଆଲୋକ ପାଇଁ ପିତ୍ତଳର ତେଲ ଦୀପ ବ୍ୟବହାର କରନ୍ତି। ଗାଁର ପ୍ରାୟ ୧୫-୧୭ଟି ପରିବାର ମାଟି, ଚୂନ, ପଥର ଏବଂ କାଠ ସାହାଯ୍ୟରେ ନିଜ ଘର ତିଆରି କରିଛନ୍ତି। ଏଠାରେ ସିମେଣ୍ଟ ବା ଲୁହାର ବ୍ୟବହାର କରାଯାଏ ନାହିଁ। କୁର୍ମଗ୍ରାମରେ ଗ୍ୟାସ୍ ସିଲିଣ୍ଡର ମନା। ମାଟି ଚୁଲିରେ କାଠ କିମ୍ବା ଗୋବର ଘଷି ସାହାଯ୍ୟରେ ଖାଦ୍ୟ ପ୍ରସ୍ତୁତ କରାଯାଏ। ସାବୁନ କିମ୍ବା ସର୍ଫ ବଦଳରେ ଗ୍ରାମବାସୀ ଗାଧୋଇବା ଓ ସଫା କରିବା ପାଇଁ ପ୍ରାକୃତିକ ରିଠା ଏବଂ ପାଉଁଶ ବ୍ୟବହାର କରନ୍ତି। ଗାଁରେ ଏକ ବୈଦିକ ଗୁରୁକୁଳ ରହିଛି, ଯେଉଁଠାରେ ପିଲାମାନଙ୍କୁ ଆଧୁନିକ ଶିକ୍ଷା ସହିତ ବେଦ, ସଂସ୍କୃତି, କୃଷି ଓ ଗୋ-ସେବା ବିଷୟରେ ଶିକ୍ଷା ଦିଆଯାଏ। ଏହା ସହିତ ଏକ ବଡ଼ ଗୋଶାଳା ମଧ୍ୟ ଏଠାରେ ଅଛି। ଏଗାଁର ସମସ୍ତ ସଦସ୍ୟ ଭୋର ସାଢ଼େ ତିନିଟାରେ ଶେଯ ତ୍ୟାଗ କରନ୍ତି। ଭୋର ସାଢ଼େ ଚାରିଟାରେ ସମସ୍ତେ ପ୍ରାର୍ଥନା ଗୃହରେ ଏକତ୍ରିତ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କ ଆଳତି ଓ ଭଜନ କୀର୍ତ୍ତନ କରନ୍ତି। ଏହା ସହିତ ପ୍ରତିଦିନ ଏଠାରେ ଭଗବଦ୍ ଗୀତା ଏବଂ ଭାଗବତ ପାଠ କରାଯାଏ। ଗ୍ରାମରେ ରହିବା ସମୟରେ ମାଦକ ଦ୍ରବ୍ୟ, ଆମିଷ ଭୋଜନ, ଜୁଆ ଖେଳ ସମ୍ପୂର୍ଣ୍ଣ ନିଷେଧ। ଇସ୍କନ ଏବଂ ଶ୍ରୀଲ ପ୍ରଭୁପାଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଗାଁ ଗଢ଼ି ଉଠିଛି। ଗାଁଲୋକଙ୍କ ଛଡ଼ା ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଭାରତୀୟ ପାରମ୍ପରିକ ପୋଷାକ ଧୋତି-କୁର୍ତ୍ତା କିମ୍ବା ଶାଢ଼ି, ସାଲୱାର ପିନ୍ଧିଥାନ୍ତି।

## ଆଜି ବାହୁଡ଼ିଥିଲେ

# ଦାସିଆ ଅଜା



ଆଜି ଓଡ଼ିଶା ପାଠାଗାର ଆନ୍ଦୋଳନର ପୁରୋଧା ଦାଶରଥୀ ପଟ୍ଟନାୟକ (ଦାସିଆ ଅଜା)ଙ୍କ ତିରୋଧାନ ଦିବସ। ହସହସ ମୁହଁ, ମୁଣ୍ଡରେ ନାଲି ଗାମୁଛାର ଠେକା, କାଖରେ ବହି, ଡାହାଣ ହାତରେ ବାଡ଼ି ଆଉ ବାମ ହାତରେ କଲମ ଓ ଜବକାଚ ଦାସିଆ ଅଜାଙ୍କ ଏଇ ସାଧାରଣ ପରିପାଟୀ ତଳେ ଲୁଚି ରହିଥିଲା ଅସାଧାରଣ ବ୍ୟକ୍ତିତ୍ୱ। ଏଇ ଚେହେରାରେ ସେ ବୁଲୁଥିଲେ ସାରା ରାଜ୍ୟ। ସେ ବିଶେଷ ପାଠ ପଢ଼ି ନ ଥିଲେ, କିନ୍ତୁ ଏକକ ପ୍ରଚେଷ୍ଟାରେ ଗଢ଼ିଥିଲେ ଓଡ଼ିଶାର ସବୁଠୁ ବଡ଼ ପାଠାଗାର, ସଂଗ୍ରହାଳୟ ଓ ଏକ ସାହିତ୍ୟ ଅନୁଷ୍ଠାନ; ବାଞ୍ଛାନିଧି ପାଠାଗାର, ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ଓ ଯଦୁମଣି ସାହିତ୍ୟ ସଂସଦ। ପରିଣତ ବୟସରେ ନିଜର ଅକ୍ଲାନ୍ତ ପରିଶ୍ରମ ବଳରେ ନିପଟ ମଫସଲ ଗାଁରେ ସେ ପ୍ରତିଷ୍ଠା କରିଥିଲେ ସଂସ୍କୃତିର ମହାଦ୍ରୁମ। ଆଉ ଏଥିପାଇଁ ସେ ଭେଟୁଥିବା ଲୋକଙ୍କ ଠାରୁ ମାତ୍ର ୧୦ ପଇସା ଲେଖାଏଁ ସହଯୋଗ ରାଶି ମାଗୁଥିଲେ। ଦାସିଆ ଅଜା ଭାବେ ପରିଚିତ ଦାଶରଥି ପଟ୍ଟନାୟକ ୧୯୦୭ ମସିହା ଜୁଲାଇ ୧୨ ତାରିଖରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ର ଉଦୟପୁର ଗ୍ରାମରେ ଜନ୍ମ ହୋଇଥିଲେ। ଦାସିଆ ଅଜା ମାତ୍ର ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ସେ ହଳିଆ, ରାନ୍ଧୁଣିଆ, ବୋଲକରା, ଚପରାଶି, ପୁଲିସ ଏବଂ ଜଙ୍ଗଲ ଓ ଶିକ୍ଷା ବିଭାଗର କର୍ମଚାରୀ, ସର୍ବରାକାର, ଭୂଦାନକର୍ମୀ, ସର୍ଭେ ଟ୍ରେନିଙ୍ଗ କେନ୍ଦ୍ରର ପରିଚାଳକ ଭାବେ କାର୍ଯ୍ୟ କରିଥିଲେ। ପରେ ଚାକିରି ଛାଡ଼ି, ସେ ନିଜ ଗାଁର ପଥୁରିଆ ଅନୁର୍ବର ଜମି ଚାଷକରି ପେଟ ପୋଷୁଥିଲେ। ଏଥିପାଇଁ ସେ ଖୁଣ୍ଟାତଡ଼ା ରଜା ନାମରେ ପରିଚିତ ହୋଇଥିଲେ। ବହି ପଢ଼ିବାରେ ତାଙ୍କର ଏତେ ରୁଚି ଥିଲା ଯେ, ପର ଦିନ ପଢ଼ିବା ବହି ପୂର୍ବ ଦିନ ଆଣି ସଂଗ୍ରହ କରି ରଖୁଥିଲେ। କ୍ରମେ ତାଙ୍କର ଏହି ବହି ସଂଗ୍ରହ ଏକ ପାଠାଗାର ଆନ୍ଦୋଳନର ରୂପ ନେଇଥିଲା। ସେ ମୁଣ୍ଡରେ ଠେକା ଭିଡ଼ି ଓ କାନ୍ଧରେ ଝୁଲା ମୁଣା ଧରି ସମଗ୍ର ଓଡ଼ିଶା ବୁଲି ବୁଲି ବହି ସଂଗ୍ରହ କରୁଥିଲେ। ହାତ ପାତି ସମସ୍ତଙ୍କୁ ପୋଥି, ପୁସ୍ତକ, ବିଭିନ୍ନ ପୁରାତନ ସଂସ୍କୃତିର ସନ୍ତକ ଏବଂ ଦଶ ପଇସା ଭିକ୍ଷା କରୁଥିଲେ। କୁହାଯାଏ, ଦାସିଆ ଅଜା ପ୍ରତିଦିନ ଏକ ଶହରୁ ଊର୍ଦ୍ଧ୍ୱ ପୋଷ୍ଟକାର୍ଡ ଲେଖି ବିଭିନ୍ନ କବି, ଲେଖକମାନଙ୍କୁ ପଠାଉଥିଲେ। ନିଜର ସଂଗୃହୀତ ପୋଥି ଆଦିକୁ ନେଇ ଦାସିଆ ଅଜା ନୟାଗଡ଼ର ନୂଆଗାଁରେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ସ୍ଥାପନା କରିଥିଲେ। ସଂଗ୍ରହଳାୟ ପରିସର ମଧ୍ୟରେ ବାଞ୍ଛାନିଧି ପାଠାଗାର ଓ ଯଦୁମଣି ସାହିତ୍ୟ ସଂସଦ ରହିଛି। ପାଠାଗାରରେ ବିଭିନ୍ନ ଭାଷାର ୫୦ ହଜାରରୁ ଅଧିକ ପୁସ୍ତକ ଓ ୬୫ ହଜାର ରକମର ପତ୍ରପତ୍ରିକା ରହିଛି। ୪୨ଟି ଭାଷାର ଶତାଧିକ ତାଳପତ୍ର ପୋଥି ରହିଛି, ତନ୍ମଧ୍ୟରୁ କେତୋଟି ଶହେ ବର୍ଷ ପୁରୁଣା। ଉଦୟପୁର ସ୍ଥିତ ଏହି ସଂଗ୍ରହାଳୟକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ୨୦୦୬ ମସିହାରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପ୍ରଦାନ କରିଥିଲେ। ନିଜ ଜୀବିତ ଅବସ୍ଥାରେ ଦାଶରଥୀ ପଟ୍ଟନାୟକ, ଏହି ଅନୁଷ୍ଠାନଗୁଡ଼ିକର ପରିଚାଳନା ପାଇଁ ଏକ ଟ୍ରଷ୍ଟ ଗଢ଼ି ଯାଇଥିଲେ। ୧୯୯୭ ମସିହା ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା।

## ପ୍ରହେଳିକା

- ସାରା ବିଦ୍ୟାଳୟ ଉତ୍ସବ ମୁଖର
ହେଉଅଛି ସାଜସଜା
ପ୍ରଭୁ ଜ୍ଞାନଦାତା ସ୍ୱର୍ଗରୁ ଆସିବେ
ପାଇବେ ମରତେ ପୂଜା
ନୂଆ ବସ୍ତ୍ର ପିନ୍ଧି ଛାତ୍ର ଛାତ୍ରୀଗଣ
ହୃଦେ ଶ୍ରଦ୍ଧାଭାବ ବହି
ପ୍ରଭୁଙ୍କୁ ପୂଜିବେ ଜ୍ଞାନ ଅରଜିବେ
ଭକ୍ତି ପୁଷ୍ପାଞ୍ଜଳି ଦେଇ
ରାଶିଲଡ୍ଡୁ ହେବ ଖୋଜା
ଭୋଦୁଅ ଶୁକଳ ଚତୁର୍ଥୀରେ ଆସେ
କୁହ'ତ ସେ କେଉଁ ପୂଜା।
ଉତ୍ତର-ଗଣେଶ ପୂଜା

- ଗଣପତି ପୂଜା ଯେବେ ଆସଇ
ହାଟ ବଜାରରେ ସିଏ ମିଳଇ
ଲଡ୍ଡୁଟିଏ ସିଏ ସୁଆଦ ଭାରି
ତଇଳ ବୀଜରୁ ହୁଏ ତିଆରି
ଗଣେଶଙ୍କ ପ୍ରିୟ ସିଏ
ଧଳା ଅବା କଳା ରଙ୍ଗରେ ମିଳଇ
କୁହତ ତା'ନାମ କିଏ।
ଉତ୍ତର-ରାଶିଲଡ୍ଡୁ

- ଭୋଦୁଅ ସୁକଳ ପଞ୍ଚମୀ ଦିନ
ପର୍ବଟିଏ ଆସେ ରାଇଜେ ଜାଣ
ନୂତନ ଧାନରୁ ବନଇ ଖିରି
ଭୋଗଲାଗି ହୁଏ ଭକତି ଭରି
ପିନ୍ଧି ନୂତନ ବସନ
ମା'ସମଲେଇଙ୍କୁ ପୂଜନ୍ତି ଶ୍ରଦ୍ଧାଳୁ
କୁହ'ତ ସେ ପର୍ବ ନାମ।
ଉତ୍ତର-ନୂଆଖାଇ



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର



## ଗଜାନନ ଦିଅ ଜ୍ଞାନ



ପ୍ରଶାନ୍ତ କୁମାର ଦାଶ

ହେ ଗଣେଶ ଗଜାନନ
ଦୁଃଖ କର ନାଶ
ମୂଷା ବାହନରେ ବସି
ଧରା ଧାମେ ଆସ ॥
ସଜେଇଛୁ ନାନା ରଙ୍ଗେ
ମଣ୍ଡପ ଯେ କେତେ
ଖଞ୍ଜିଛୁ ଆଲୋକମାଳା
ମନଲାଖି ଯେତେ ॥
ନାନାଜାତି ଫୁଲ ତୋଳି
କରିଅଛୁ ଠୁଳ
ଝୁଲାଇବୁ ଗଳାରେ ତୁମ
ଗୁନ୍ଥି ଲମ୍ବା ମାଳ ॥
ଦୀପ ଜାଳି ଧୂପ ଦେଇ
ପାଦେ ଦେବୁ ଫୁଲ
ଆଶିଷ ଅଜାଡ଼ି ଦେବ
ହେବୁ ଆମେ ଭଲ ॥

ହେବୁ ସଇନିକ ବୀର
ବୈଜ୍ଞାନିକ ହେବୁ
ଦେଶ ଦଶ ହିତେ ଦିନେ
ଏ ଜୀବନ ଦେବୁ ॥
ଦୟାକର ଗଜାନନ
ତଡ଼ିନିଅ ତମ
ସତପଥେ ଯିବା ହେଉ
ଜୀବନର କାମ ॥
ଗଜାନନ ଦିଅ ଜ୍ଞାନ
ରଖିବାକୁ ଯଶ
ପୋଛି ଦେବୁ ଆଖିଲୁହ
ଓଠେ ଦେବୁ ହସ ॥ ■

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ

## ବାବା ବିଶ୍ୱକର୍ମା



ପ୍ରଶାନ୍ତ କୁମାର ସାହୁ

ଆହେ ଦେବଶିଳ୍ପୀ ବାବା ବିଶ୍ୱକର୍ମା
ଘେନ ପ୍ରଣାମ,
କନ୍ୟା ସଂକ୍ରାନ୍ତିରେ ଆସିଲ ମହୀରେ
ନେଇ ଜନମ।
ରଚିଅଛ କେତେ ନଦନଦୀ ଗିରି
ସିନ୍ଧୁ କାନନ,
ନିହଣ ମୁନରେ ବସିଅଛ ପ୍ରଭୁ
ହୋଇ ଯତନ।
ମନ୍ଦିର ପ୍ରାସାଦ ତୁମ ସୃଷ୍ଟି ସବୁ
କଲ ଭିଆଣ,
ଲକ୍ଷ୍ମୀମାତା ପାଇଁ ସୁନାର ନଅର
କଲ ନିର୍ମାଣ।
ସୁନାର ପ୍ରାସାଦ ତିଆରିଲ ତୁମେ
ଲଙ୍କା ଭୁବନେ,
ଦ୍ୱାପରେ ଦ୍ୱାରିକା ତିଆରିଲ ପ୍ରଭୁ
କେଡ଼େ ଯତନେ।
ବୃଦ୍ଧ ବେଶେ ଆସି ଅଧା ଗଢ଼ା କଲ
ଜଗନ୍ନାଥଙ୍କୁ,
ଧନ୍ୟ ଶିଳ୍ପୀ ତୁମେ ଧନ୍ୟ କାରିଗର
ଧନ୍ୟ ତୁମକୁ।
ତୁମରି ପାଇଁ ଏ କାରିଗର କୁଳ
ପାଏ ସମ୍ମାନ,
ତୁମ ପାଦ ତଳେ ମଥା ରଖିଦେଇ
କାଟେ ଜୀବନ। ■

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି,
ଢେଙ୍କାନାଳ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

# ସୁମନ

## ପ୍ରକୃତ ସାଙ୍ଗ



ରମେଶ ଚନ୍ଦ୍ର ଦାଶ



ଥରେ ଗୋଟିଏ ବିଦ୍ୟାଳୟର ପ୍ରଧାନଶିକ୍ଷକ ପିଲାମାନଙ୍କୁ ନନ୍ଦନକାନନ ବୁଲାଇ ନେବା ପାଇଁ ଯୋଜନା କଲେ। ସେ ପିଲାମାନଙ୍କ ଠାରୁ କିଛି ଟଙ୍କା ସଂଗ୍ରହ କରିବାକୁ ସ୍ଥିର କଲେ। ସୁନିଲ ଓ ରେହମାନ ସେହି ବିଦ୍ୟାଳୟର ଦୁଇ ସାଙ୍ଗ। ସେମାନଙ୍କର ନନ୍ଦନକାନନ ଯିବା ପାଇଁ ଭାରି ଇଚ୍ଛା। ତେଣୁ ଅନ୍ୟ ପିଲାମାନଙ୍କ ଭଳି ସେମାନେ ସେମାନଙ୍କର ବାପାମାଆଙ୍କୁ ଜଣାଇଲେ। ସୁନିଲ ବାପାମାଆ ରାଜି ହେଲେ କିନ୍ତୁ ରେହମାନର ବାପାମାଆ ରାଜି ହେଲେ ନାହିଁ। କାରଣ ତା'ର ବାପାମାଆ ଭାରି ଗରିବ ଥିଲେ। ବୁଲିଯିବାର ଦିନ ପାଖେଇ ପାଖେଇ ଆସିଲା। ଅନ୍ୟମାନେ ସେମାନଙ୍କ ଚାନ୍ଦା ଦେଲେ। ସୁନିଲ କିନ୍ତୁ ଘରେ ଚାନ୍ଦା ମାଗିଲା ନାହିଁ। ତାକୁ ତାର ବାପା ଦିନେ ପଚାରିବାରୁ ସେ କହିଲା, "ବୁଲିଯିବା ପାଇଁ ଆଗକୁ ବହୁତ ଦିନ ଅଛି।" ତାର ବାପା ନିରବ ରହିଲେ। ନନ୍ଦନକାନନ ବୁଲିଯିବାର ପୂର୍ବଦିନ। ଚାନ୍ଦା ଦେଇଥିବା ପିଲାସଂଖ୍ୟା ଗଣିଲେ ପ୍ରଧାନଶିକ୍ଷକ। ଦୁଇଜଣଙ୍କୁ ଛାଡ଼ି ତାଙ୍କ ବିଦ୍ୟାଳୟର ସବୁ ପିଲା ଚାନ୍ଦା ଦେଇଛନ୍ତି। ଗୋଟି ଗୋଟି କରି ହିସାବ କରିବାରୁ ଜଣାଗଲା ଯେ ସୁନିଲ ଓ ରେହମାନ ହିଁ ଚାନ୍ଦା ଦେଇନାହାନ୍ତି। ପ୍ରଧାନଶିକ୍ଷକ ଦୁଇଜଣଙ୍କ ଘରକୁ ନିଜେ ଗଲେ। ପ୍ରଥମେ ରେହମାନର ଘରକୁ ଗଲେ। ତା' ବାପାଙ୍କୁ ବୁଝାଇବାରୁ ସେ ଚାନ୍ଦା ଟଙ୍କା ଦେଲେ। ପରେ ସେ ସୁନିଲ ବାପାଙ୍କ ପାଖକୁ ଗଲେ। ତାର ବାପାଙ୍କୁ ଚାନ୍ଦାକଥା କହିବାରୁ ସେ କହିଲେ, "ସୁନିଲ ତ କହିଲା ବୁଲିଯିବାର ଦିନ ବିଳମ୍ବ ଅଛି। ସେଥିପାଇଁ ଦେଇନି।" ସୁନିଲ ଭଲ ପଢ଼େ। ପ୍ରଧାନଶିକ୍ଷକ ତା ବାପାଙ୍କ ଠାରୁ ଏତକ ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ସୁନିଲ ମିଛ କହିଥିବାରୁ ତାର ବାପା ତା' ଉପରେ ବିରକ୍ତ ହେଲେ। ଦଣ୍ଡସ୍ୱରୂପ ବୁଲିବାକୁ ନ ନେବାକୁ ପ୍ରଧାନଶିକ୍ଷକଙ୍କୁ ଅନୁରୋଧ କଲେ। ପ୍ରଧାନଶିକ୍ଷକ ତାର ବାପାଙ୍କ କଥା ଶୁଣି ମନଦୁଃଖରେ ବିଦ୍ୟାଳୟକୁ ଫେରିଲେ। ସେ ବିଦ୍ୟାଳୟରେ ପହଞ୍ଚି ସୁନିଲ ବାପାଙ୍କ କଥା ଅନ୍ୟ ଶିକ୍ଷକମାନଙ୍କୁ କହିବା ବେଳେ ରେହମାନ ଶୁଣିଲା। ସେ ସଙ୍ଗେ ସଙ୍ଗେ ସୁନିଲ ଘରକୁ ଦୌଡ଼ିଲା। ରେହମାନ ବିଦ୍ୟାଳୟରୁ ଫେରିବା କଥା ପ୍ରଧାନଶିକ୍ଷକ ତାର ବାପାଙ୍କୁ ଖବର ଦେଲେ। ତାର ବାପା ଖୋଜି ଖୋଜି ଯାଇ ପହଞ୍ଚିଲେ ସୁନିଲ ଘରେ। ସୁନିଲର ବାପା କିଛି ବୁଝିପାରୁନଥାନ୍ତି। ରେହମାନ ତାଙ୍କୁ ନେହୁରା ହୋଇ କହିଲା, "ମଉସା, ସୁନିଲ ମୋ ପାଇଁ ଆପଣଙ୍କୁ ମିଛ କହିଛି। ମୋର ବାପା ଚାନ୍ଦା ଦେବା ପାଇଁ ନାହିଁ କରିବା ପରେ ସେ ଏପରି କରିଛି।" ପୁଅର ଏପରି ଭାବନା ଦେଖି ତାଙ୍କ ରାଗ ଆପେ ଆପେ ଶାନ୍ତ ହୋଇଗଲା। ସେ ଗୋଟିଏ ପଟେ ସୁନିଲକୁ ଅନ୍ୟ ପାଖରେ ରେହମାନଙ୍କୁ କୁଣ୍ଢାଇ ଧରି କହିଲେ, "ତୁମେମାନେ ପ୍ରକୃତ ସାଙ୍ଗ। ଆଜି ମୋର ଆଖି ଖୋଲିଦେଇଛ।" ତାପରେ ସେ ସୁନିଲ ପାଇଁ ନିଜେ ଟଙ୍କା ଦେବା ସହିତ ରେହମନର ବି ଚାନ୍ଦା ଦେଲେ। ପୂର୍ବରୁ ନେଇଥିବା ରେହମନର ଚାନ୍ଦାକୁ ପ୍ରଧାନଶିକ୍ଷକ ତାର ବାପାଙ୍କୁ ଫେରାଇଦେଲେ। ପିଲା ଦୁହେଁ ଅନ୍ୟମାନଙ୍କ ସହିତ ନନ୍ଦନକାନନ ବୁଲି ତାର ମଜା ନେଲେ। ■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ

## ଛୋଟ ହାତର ତୁଳି




ଶାନ୍ତନୁ ଶାନ୍ତିସ୍ୱରୂପ
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର




ଅନିଷା ପ୍ରିୟଦର୍ଶିନୀ ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ





ଆୟୁଷ୍ମାନ ସାହୁ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ ସ୍କୁଲ
ନିମାପଡ଼ା




ଦେବହୂତି ବରଦାଲକ୍ଷ୍ମୀ ରାଉତ
ତୃତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡା

# ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ୍‌ରେ ରହିବେ ଧୁମାଲ-ମଜୁମଦାର




ମୁମ୍ବଇ,୧୧।୯ (ଏଜେନ୍ସି): ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ୍‌ର ଦୁଇଟି ପଦ ପାଇଁ ଅରୁଣ ଧୁମାଲ ଓ ଖୈରୁଲ ଜମାଲ ମଜୁମଦାରଙ୍କ ପ୍ରାର୍ଥିତ୍ୱ ବୈଧ ଘୋଷିତ ହୋଇଛି। ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନ ଥିବାରୁ ଉଭୟେ ସେପ୍ଟେମ୍ବର ୧୮ରେ ହେବାକୁ ଥିବା ବିସିସିଆଇର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)ରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପ୍ରାୟନିଶ୍ଚିତ। ଧୁମାଲ ଆଉ ଏକ କାର୍ଯ୍ୟକାଳ ପାଇଁ ଆଇପିଏଲ୍ ଅଧ୍ୟକ୍ଷ ପଦରେ ରହିବାକୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷରେ ମଜୁମଦାର ଭାରତୀୟ କ୍ରିକେଟର୍ସ ଆସୋସିଏସନ୍‌ର ପ୍ରତିନିଧି ଭାବେ ଗଭର୍ଣ୍ଣିଂ କାଉନ୍ସିଲ୍‌ରେ ରହିବେ। ବିସିସିଆଇ ନିର୍ବାଚନ ଅଧିକାରୀ ଏକେ ଜ୍ୟୋତି ନାମାଙ୍କନପତ୍ର ଯାଞ୍ଚ କରିବା ପରେ ଉଭୟଙ୍କ ପ୍ରାର୍ଥିତ୍ୱକୁ ବୈଧ ଘୋଷଣା କରିଛନ୍ତି। ଉଭୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଫଳରେ ଆଇପିଏଲ୍‌ର ପ୍ରଶାସନ ଓ ପ୍ରମୁଖ ନୀତିଗତ ନିଷ୍ପତ୍ତି ନେଉଥିବା ଗଭର୍ଣ୍ଣିଂ କାଉନ୍ସିଲ୍‌ରେ ନିରନ୍ତରତା ବଜାୟ ରହିବ। ଏହି ସମୟରେ ବିସିସିଆଇ ଏଜିଏମ୍ ପାଇଁ ପ୍ରକାଶିତ ନିର୍ବାଚନ ତାଲିକାରେ ହାଇଦ୍ରାବାଦ କ୍ରିକେଟ୍ ଆସୋସିଏସନ୍‌ର ନାମ ନଥିବା ଜଣାପଡ଼ିଛି। ତେବେ ସଂଘର ସଭାପତି ଜୀବନ ରେଡ୍ଡୀ ବୈଠକରେ ଯୋଗଦେଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି।

# ଅବସର ନେଲେ ଘାନାର ଚର୍ଚ୍ଚିତ ଫୁଟ୍‌ବଲର୍ ଇନାକି ୱିଲିୟମ୍ସ



ଆକାରା,୧୧।୯ (ଏଜେନ୍ସି): ଘାନାର ଷ୍ଟ୍ରାଇକର ତଥା ଆଥଲେଟିକ୍ ବିଲବାଓ ଓ କ୍ଲବ୍‌ର ଅଧିନାୟକ ଇନାକି ୱିଲିୟମ୍ସ ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଛନ୍ତି। ୩୨ ବର୍ଷୀୟ ୱିଲିୟମ୍ସ ସୋସିଆଲ୍ ମିଡିଆରେ ଏହି ଘୋଷଣା କରିଛନ୍ତି। ଘାନା ପାଇଁ ୨୮ଟି ମ୍ୟାଚ୍ ଖେଳି ସେ ୨ଟି ଗୋଲ୍ କରିଥିଲେ। ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍‌ରେ ଘାନା ୧୬ ବର୍ଷ ପରେ ପ୍ରଥମଥର ପାଇଁ ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚିଥିଲା। ତେବେ ରାଉଣ୍ଡ ଅଫ୍ ୩୨ରେ କଲମ୍ବିଆଠାରୁ ୧-୦ ଗୋଲ୍‌ରେ ହାରି ଘାନା ବିଦାୟ ନେଇଥିଲା। ବିଲବାଓରେ ଘାନାର ପିତାମାତାଙ୍କ ଔରସରୁ ଜନ୍ମିତ ୱିଲିୟମ୍ସ ପୂର୍ବରୁ ସ୍ପେନ୍ ପାଇଁ ଗୋଟିଏ ମ୍ୟାଚ୍ ଖେଳିଥିଲେ। ୨୦୨୨ରେ ସେ ଘାନା ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଘାନା ମୋତେ ଫୁଟବଲ୍‌ଠାରୁ ବହୁତ ଅଧିକ ଦେଇଛି। ନିଜ ଦେଶର ପ୍ରତିନିଧିତ୍ୱ କରିବାର ଗର୍ବ ଅନୁଭବ କରିବାର ସୁଯୋଗ ଦେଇଛି, ବୋଲି ୱିଲିୟମ୍ସ କହିଛନ୍ତି। ତାଙ୍କ ସାନ ଭାଇ ନିକୋ ୱିଲିୟମ୍ସ ଚଳିତ ବିଶ୍ୱକପ୍ ବିଜେତା ସ୍ପେନ୍ ଦଳର ସଦସ୍ୟ ଥିଲେ।

**କୋର୍ନରଙ୍କ ଶତକ; ନାମିବ୍ୟା ୧୫୭ ରନରେ ହାରିଲା**

# ଆଗୁଆ ସିରିଜ ଜିତିଲା ଦକ୍ଷିଣ ଆଫ୍ରିକା



ୱିଣ୍ଡହୋକ, ୧୧।୯ (ଏଜେନ୍ସି): ଘରୋଇ ନାମିବ୍ୟା ବିପକ୍ଷରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧୫୭ ରନର ବିଶାଳ ବ୍ୟବଧାନରେ ବିଜୟୀ ହୋଇଛି। ଓପନର୍ କୋର୍ନର ଏଷ୍ଟରହୁଇଜେନ ଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଫଳରେ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୨-୦ରେ ଆଗୁଆ କବଜା କରିନେଇଛି। ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ମଧ୍ୟ ନାମିବ୍ୟା ଡିଏଲ୍ ପଦ୍ଧତିରେ ୯୯ ରନରେ ପରାସ୍ତ ହୋଇଥିଲା। ସିରିଜର ଅନ୍ତିମ ତଥା ତୃତୀୟ ମ୍ୟାଚ ରବିବାର ଖେଳାଯିବ।

ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ଆଗଧାଡ଼ିର ବ୍ୟାଟରଙ୍କ ଉପଯୋଗୀ ପାଳି ବଳରେ ୫୦ ଓଭରରେ ୯ ୱିକେଟ ହରାଇ ୩୩୫ ରନ କରିଥିଲା। ନିଜର ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିବା କୋର୍ନର ସର୍ବାଧିକ ୧୧୯ ରନ କରିଥିଲେ। ୧୧୦ ବଲ୍‌ର ଏହି ପାଳିରେ ସେ ୮ଟି ଚୌକା ଓ ୬ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୋନି ଡି ଜୋରଜୀ ୭୯, ଜୋର୍ଡାନ ହର୍ମନ ୨୦, ଡେୱାଲ୍ଡ ବ୍ରେଭିସ ୩୭ ଓ ଇଥାନ ବୋଶ୍ଚ ୨୯ ରନ କରିଥିଲେ। ଘରୋଇ ଦଳର ଦ୍ରୁତ ବୋଲର ଜ୍ୟାକ ବ୍ରାସେଲଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ନାମିବ୍ୟା ଆରମ୍ଭରୁ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକ ରନରେ ୩ଟି ୱିକେଟ ହରାଇଥିବା ନାମିବ୍ୟା ୪୧.୫ ଓଭରରେ ୧୭୮ ରନରେ ସୀମିତ ରହିଥିଲା। ଅଧିନାୟକ ଗେହାର୍ଡ ଏରସମସ ୬୮ ରନର ଉପଯୋଗୀ ପାଳି ଖେଳିଥିଲେ। ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ଡୁଆନ ଜାନସେନ ୪ ଓ ଏଥାନ ବୋଶ୍ଚ ୩ଟି ୱିକେଟ ନେଇଥିଲେ।

**ୟୁଏସ୍ ଓପନ୍**

# ରିବାକିନା-ସାବାଲେଙ୍କା ଟାଇଟଲ୍ ଲଢ଼େଇ

ନ୍ୟୁୟର୍କ, ୧୧।୯ (ଏଜେନ୍ସି)




ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ ଓପନ୍‌ର ୧୪୬ତମ ସଂସ୍କରଣ ମହିଳା ବିଭାଗ ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଟାଇଟଲ୍ ପାଇଁ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା'ଙ୍କ ସହ ଦ୍ୱିତୀୟ ସିଡ୍ ଏଲିନା ରିବାକିନାଙ୍କ ମଧ୍ୟରେ ଲଢ଼େଇ ହେବ। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚରେ ଟପ୍ ସିଡ୍ ସାବାଲେଙ୍କା ୭-୫, ୬-୨ ସିଧାସଳଖ ସେଟରେ ତୃତୀୟ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରିଥିଲେ। ଫଳରେ ୨୮ ବର୍ଷୀୟା ବେଲାରୁଷ ତାରକା ସାବାଲେଙ୍କା କ୍ରମାଗତ ଚତୁର୍ଥଥର ଲାଗି ୟୁଏସ୍ ଓପନ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଯଦି ଏଥର ସାବାଲେଙ୍କା ଟାଇଟଲ୍ ଜିତିବାରେ ସଫଳ ହୁଅନ୍ତି ତେବେ ଓପନ୍ ଏରା ଇତିହାସରେ ତୃତୀୟ ଖେଳାଳି ଭାବରେ ହ୍ୟାଟ୍ରିକ ୟୁଏସ୍ ଓପନ ଟ୍ରଫି ହାସଲ କରିବେ। ସାବାଲେଙ୍କା ୨୦୨୪ ଓ ୨୦୨୫ ସଂସ୍କରଣରେ ଏଠାରେ ଟ୍ରଫି ଜିତିଥିଲେ। ସେହିଭଳି ଚଳିତ ବର୍ଷ ପ୍ରଥମଥର ଲାଗି ସାବାଲେଙ୍କା ଏକ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଅପରପକ୍ଷରେ ଅନ୍ୟ ଏକ ସେମିଫାଇନାଲରେ କାଜାଖସ୍ତାନ ଲଳନା ତଥା ବିଶ୍ୱର ଏକ ନମ୍ବର ଖେଳାଳି ଏଲିନା ରିବାକିନା ୩-୬, ୬-୪, ୬-୪ ସେଟରେ ଘରୋଇ ଫେଭରାଇଟ କୋକୋ ଗଫ୍‌ଙ୍କୁ ହରାଇ ଫାଇନାଲ ଟିକଟ୍ ହାସଲ କରିଛନ୍ତି। ପ୍ରଥମ ସେଟ୍‌ଟି ହାରିଯାଇଥିଲେ ମଧ୍ୟ ରିବାକିନା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଶେଷ ଦୁଇଟି ସେଟ୍‌କୁ ହାତେଇ ଫାଇନାଲରେ ପହଞ୍ଚିଥିଲେ। ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍‌ରେ ଚାମ୍ପିଅନ ହୋଇଥିବା ରିବାକିନା ଏଠାରେ ମଧ୍ୟ ବିଜୟୀ ହୋଇ ସିଜନକୁ ସ୍ମରଣୀୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଇନଫର୍ମ ସାବାଲେଙ୍କାଙ୍କୁ ହରାଇବା ରିବାକିନାଙ୍କ ପାଇଁ ସହଜସାଧ୍ୟ ହେବନାହିଁ। ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭ ଓ ଅଣସିଡେଡ୍ ଖେଳାଳି ରୁଷର କାରେନ ଖାଚାନୋଭା ଏବଂ ଫ୍ରାନ୍ସେସ୍ ଟିଆଫୋଏ ଓ ବେନ୍ ସେଲଟନଙ୍କ ମଧ୍ୟରେ ସେମିଫାଇନାଲ ଲଢ଼େଇ ହେବ।

## ସେମିରେ ମାୟା ରାଜେଶ୍ୱରନ

ଯୁବ ଭାରତୀୟ ଖେଳାଳି ମାୟା ରାଜେଶ୍ୱରନ ରେବତୀ ୟୁଏସ୍ ଓପନ୍ ବାଳିକା ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୟୁକ୍ରେନର ଆଣ୍ଟୋନିଆନ ସୁସ୍କୋଭାଙ୍କୁ ସାଥୀ କରି ଖେଳୁଥିବା ମାୟା କ୍ୱାର୍ଟର ଫାଇନାଲରେ ୬-୪, ୬-୪ ସିଧାସଳଖ ସେଟରେ ରୁଷୀୟ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଫଳରେ ୟୁଏସ ଓପନର ଜୁନିଅର ବିଭାଗରେ ଜଣେ ଭାରତୀୟ ଫାଇନାଲରେ ପ୍ରବେଶ କରିବାର ଆଶା ସଞ୍ଚାର ହୋଇଛି।

# ଡ୍ରେସିଂ ରୁମ୍ ତଥ୍ୟ ଲିକ୍ ଅଭିଯୋଗ; ରିଜୱାନ୍-ଇମାମଙ୍କୁ ୨ ଘଣ୍ଟା ଜେରା




ଲାହୋର,୧୧।୯ (ଏଜେନ୍ସି): ଇଂଲଣ୍ଡ ଗସ୍ତ ସମୟରେ ପାକିସ୍ତାନ କ୍ରିକେଟ୍ ଦଳର ଡ୍ରେସିଂ ରୁମ୍‌ରୁ ତଥ୍ୟ ଲିକ୍ ହେବା ଅଭିଯୋଗକୁ ନେଇ ମହମ୍ମଦ ରିଜୱାନ୍ ଓ ଇମାମ୍-ଉଲ୍-ହକ୍‌ଙ୍କୁ ଜାତୀୟ ସାଇବର ଅପରାଧ ତଦନ୍ତ ଏଜେନ୍ସି (ଏନ୍‌ସିସିଆଇଏ) ପ୍ରାୟ ୨ ଘଣ୍ଟା ଧରି ଜେରା କରିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଇଂଲଣ୍ଡ ବିପକ୍ଷ ସିରିଜ୍ ମଝିରେ ଖରାପ ପ୍ରଦର୍ଶନ ଦର୍ଶାଇ ୭ ଜଣ ଖେଳାଳିଙ୍କୁ ସ୍ୱଦେଶ ଫେରାଇ ଆଣିଥିଲା। ସେଥିରେ ରିଜୱାନ୍ ଓ ଇମାମ୍ ମଧ୍ୟ ଥିଲେ। ଲାହୋରର ଜୋହର ଟାଉନ୍‌ସ୍ଥିତ ଏନ୍‌ସିସିଆଇଏ ମୁଖ୍ୟାଳୟରେ ଶୁକ୍ରବାର ଉଭୟଙ୍କୁ ଇଂଲଣ୍ଡରେ ତାଙ୍କ ଚୁକ୍ତି ଓ ବିଭିନ୍ନ ବୈଠକ ସମ୍ପର୍କରେ ପଚରାଉଚରା କରାଯାଇଥିବା ରିପୋର୍ଟରେ କୁହାଯାଇଛି। ତେବେ ଅଧିକ ତଥ୍ୟ ଦେବା ପାଇଁ ଉଭୟ ଖେଳାଳି ଅତିରିକ୍ତ ସମୟ ମାଗିଥିବା ଜଣାପଡ଼ିଛି। ଏହି ତଦନ୍ତ ଚାଲିଥିବାରୁ ପିସିବି ଏନେଇ ମନ୍ତବ୍ୟ ଦେବାକୁ ଏଡ଼ାଇଥିବା ବେଳେ ଖେଳାଳି ଓ ଅଧିକାରୀଙ୍କ ବିରୋଧରେ ଥିବା ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି। ରିପୋର୍ଟ ଅନୁସାରେ, ଉଭୟ ଖେଳାଳିଙ୍କ ମୋବାଇଲ୍ ଫୋନ୍ ପିସିବି ହେପାଜତକୁ ନେଇ ପରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ଫୋନ୍‌ରୁ ମିଳିଥିବା ତଥ୍ୟ ଆଧାରରେ ମଧ୍ୟ ଏନ୍‌ସିସିଆଇଏ ତଦନ୍ତ କରିଥିବା ଜଣାପଡ଼ିଛି। ଏହାକୁ ନେଇ ପାକିସ୍ତାନ କ୍ରିକେଟ୍‌ରେ ମ୍ୟାଚ୍ ଫିକ୍ସିଂ ଓ ଦୁର୍ନୀତି ଆଶଙ୍କା ଚର୍ଚ୍ଚା ଜୋର ଧରିଛି। ଲର୍ଡ୍ସ ଟେଷ୍ଟ ପରେ 'ଶୃଙ୍ଖଳା ଓ ଆଚରଣ' ସମ୍ପର୍କିତ ଅଭିଯୋଗ ନେଇ ପିସିବି ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ତଦନ୍ତ ଆରମ୍ଭ କରିଥିବା ମଧ୍ୟ ସ୍ପଷ୍ଟ କରିଥିଲା। ରିଜୱାନ୍ ଓ ଇମାମ୍‌ଙ୍କ ସହ ସଲମାନ୍ ଆଘା, ଅଲି ଉସମାନ୍, ଆମେର ଜମାଲ୍, ଆୱାଇସ୍ ଜାଫର୍ ଓ ଖୁରମ୍ ଶାହଜାଦ୍‌ଙ୍କୁ ମଧ୍ୟ ଦଳରୁ ଫେରାଇ ଦିଆଯାଇଥିଲା।

**ଇଂଲଣ୍ଡ-ପାକିସ୍ତାନ ତୃତୀୟ ଟେଷ୍ଟ**

# ଦ୍ୱିତୀୟ ପାଳିରେ ମାସୁଦ-ବାବର ଲଢ଼ିଲେ



ବର୍ମିଂହାମ, ୧୧।୯ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟର ଦ୍ୱିତୀୟ ପାଳିରେ ପାକିସ୍ତାନ ଲଢୁଆ ପ୍ରଦର୍ଶନ କରିଛି। ୩୨୦ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ପାକିସ୍ତାନ ଶୁକ୍ରବାର ତୃତୀୟ ଦିବସ ଚା'ପାନ ବିରତି ସୁଦ୍ଧା ୬୭ ଓଭରରେ ୫ ୱିକେଟ ହରାଇ ୨୯୭ ରନ ସଂଗ୍ରହ କରିଛି। ସାଉଦ ସକିଲ ୨୯ ଓ ଗାଜି ଘୋରି ୬ ରନ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧିନାୟକ ସାନ୍ ମାସୁଦ ସର୍ବାଧିକ ୯୫ ରନ କରି ଆଉଟ୍ ହୋଇଛନ୍ତି। ୧୪୮ ବଲର ଏହି ପାଳିରେ ୧୨ଟି ଚୌକା ମାରିଥିବା ମାସୁଦ ଦ୍ରୁତ ବୋଲର ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ଅଧିନାୟକ ବାବର ଆଜମ ମଧ୍ୟ ୭୬ ଓ ଓପନର୍ ଆଜନ ଆୱେସ ୫୯ ରନର ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତେବେ ଓପନର ସମିମ ଆୟୁବ ଓ ନଂ-୩ ବ୍ୟାଟର୍ ଅବଦୁଲ ସଫିକ ଖାତା ଖୋଲି ନ ପାରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଥିଲା। ଇଂଲଣ୍ଡ ପକ୍ଷରୁ ଓଲି ରବିନସନ ୨ଟି, ଜୋଶ ଟଙ୍ଗ, ଆଟକିନସନ ଓ ଡାନ୍ ଲରେନ୍ସଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି। ହାତରେ ୫ ୱିକେଟ ବଳକା ଥାଇ ପାକିସ୍ତାନ ଦ୍ୱିତୀୟ ପାଳିରେ ମାତ୍ର ୨୩ ରନରେ ଅଗ୍ରଣୀ ରହିଛି। ଖେଳ ଆହୁରି ଦୁଇଦିନ ବାକି ରହିଥିବାରୁ ଇଂଲଣ୍ଡର ସ୍ଥିତି ମଜବୁତ ରହିଛି।

ପୂର୍ବରୁ ପାକିସ୍ତାନ ପ୍ରଥମ ପାଳିରେ ମାତ୍ର ୧୩୩ ରନରେ ସୀମିତ ରହିଥିଲା। ଜବାବରେ ପାଞ୍ଚଜଣ ବ୍ୟାଟର୍ ଓପନର ଇମିଲିଓ ଗେ (୬୦), ହ୍ୟାରୀ ବ୍ରୁକ୍ (୭୫), ଡାନ୍ ଲରେନ୍ସ (୬୫), ଜେମି ସ୍ମିଥ (୬୯) ଓ ବ୍ୟାଟିଂକ୍ରମର ୯ମ ସ୍ଥାନରେ ଆସିଥିବା ଓଲି ରବିନସନ (୫୦) ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ୪୫୩ ରନ କରିଥିଲା। ଫଳରେ ଇଂଲଣ୍ଡ ୩୨୦ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିଥିଲା। ପ୍ରଥମ ଦୁଇଟି ଟେଷ୍ଟକୁ ଜିତି ଇଂଲଣ୍ଡ ୨-୦ରେ ଆଗୁଆ ସିରିଜ କବଜା କରିସାରିଛି।

**ରଣଜୀ ଟ୍ରଫି**


# ସିରାଜ ହାଇଦରାବାଦ ଦଳର ଅଧିନାୟକ



ହାଇଦରାବାଦ୍, ୧୧।୯ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୨ତମ ସଂସ୍କରଣ ଅକ୍ଟୋବର ୧୧ ତାରିଖରୁ ଆରମ୍ଭ ହେବାକୁଯାଉଛି। ଏଥିଲାଗି ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ହାଇଦରାବାଦ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ରାଜ୍ୟ କ୍ରିକେଟ୍ ସଂଘ ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ସେହିଭଳି ବାମହାତୀ ସ୍ପିନର ଚାମା ମିଲିନ୍ଦଙ୍କୁ ରାଜ୍ୟ ରଣଜୀ ଦଳର ଉପ-ଅଧିନାୟକ ଭାର ଦିଆଯାଇଛି। ୩୨ ବର୍ଷୀୟ ସିରାଜ ଏଥିପୂର୍ବରୁ ଗତ ରଣଜୀ ସିଜନର ଶେଷ ଭାଗରେ ଦୁଇଟି ମ୍ୟାଚର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ରାହୁଲ ସିଂଙ୍କ ସ୍ଥାନରେ ସିରାଜ ମୁମ୍ବଇ ଓ ଛତିଶଗଡ଼ ବିପକ୍ଷ ମ୍ୟାଚରେ ହାଇଦରାବାଦର ଅଧିନାୟକ ଦାୟିତ୍ୱ ସମ୍ଭାଳିଥିଲେ। କିନ୍ତୁ ଉଭୟ ମ୍ୟାଚରେ ହାଇଦରାବାଦ୍ ବିଜୟ ହେବାରେ ବିଫଳ ହୋଇଥିଲା। ମୁମ୍ବଇଠାରୁ ଦଳ ୯ ୱିକେଟରେ ହାରିଥିବାବେଳେ ଛତିଶଗଡ଼ ବିପକ୍ଷରେ ଡ୍ର' ରଖି ପଏଣ୍ଟ ଭାଗ କରିଥିଲା।

**ଆଇଏସ୍‌ଏଲ୍-୧୩**

# ଓଡ଼ିଶା ଏଫ୍‌ସିକୁ ଫେରିଲେ ନନ୍ଦକୁମାର



ଭୁବନେଶ୍ୱର, ୧୧।୯ (ସମିସ): ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)ର ଆଗାମୀ ତ୍ରୟୋଦଶ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫ୍‌ସି ଦଳ ଧୀରେ ଧୀରେ ଏହାର ଶକ୍ତି ବଢ଼ାଇବାରେ ଲାଗିଛି। ପୂର୍ବରୁ କ୍ଲବ୍ ସହିତ ଚାରୋଟି ସିଜିନ୍ ବିତାଇଥିବା ନନ୍ଦକୁମାର ସେକର ଓଡିଶା ଏଫ୍‌ସିକୁ ପୁଣିଥରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩୦ ବର୍ଷୀୟ ନନ୍ଦକୁମାର ଗତ ସିଜନରେ ଏକବର୍ଷ ଲାଗି ଇଷ୍ଟ ବେଙ୍ଗଲ ସହ ଚୁକ୍ତି କରିଥିଲେ। ଏହି ଚୁକ୍ତି ସମାପ୍ତ ହେବାପରେ ସେକର ପୁଣିଥରେ ନିଜର ପୂର୍ବ କ୍ଲବ ଓଡ଼ିଶା ଏଫ୍‌ସିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନନ୍ଦକୁମାର ଏଥିପୂର୍ବରୁ ୪ଟି ସିଜନ ଧରି ଓଡ଼ିଶା ଏଫ୍‌ସି ପାଇଁ ଆଇଏସଏଲ୍‌ରେ ୫୯ଟି ମ୍ୟାଚ୍ ଖେଳିଥିଲେ। ଯେଉଁଥିରେ ସେ ୭ଟି ଗୋଲ୍ ଦେବା ସହ ପାଞ୍ଚଟି ଆସିଷ୍ଟ କରିଥିଲେ। ତାଙ୍କର ସବୁଠାରୁ ସଫଳ ସିଜିନ୍ ୨୦୨୨-୨୩ ଥିଲା, ଯେତେବେଳେ ଓଡିଶା ଏଫ୍‌ସି ପ୍ରଥମ ଥର ପାଇଁ ଆଇଏସଏଲ ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। ସେହିଭଳି ଓଡ଼ିଶା ଏଫ୍‌ସିକୁ ପ୍ରଥମ ସୁପର କପ୍ ବିଜୟୀ କରିବାରେ ନନ୍ଦକୁମାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେହି ସିଜିନ୍‌ର ସେ ଆଇଏସଏଲରେ ୬ଟି ଓ ସୁପର କପରେ ୪ଟି ଗୋଲ୍ ଦେଇଥିଲେ। "ଓଡିଶା ଏଫ୍‌ସିକୁ ଫେରି ମୁଁ ବହୁତ ଖୁସି। ଏହି କ୍ଲବ୍ ମୋତେ କିଛି ସ୍ୱତନ୍ତ୍ର ସ୍ମୃତି ରହିଛି। ମୁଁ ଦଳ ଓ ପ୍ରଶଂସକଙ୍କ ସହ ପୁନର୍ବାର ଯୋଡ଼ି ହେବାକୁ ଯାଉଥିବାରୁ ଉତ୍ସାହିତ ରହିଛି ବୋଲି ନନ୍ଦକୁମାର କହିଛନ୍ତି।

**ଏସିଆ କପ୍ ମହିଳା କ୍ରିକେଟ୍**

# ଶ୍ରୀଲଙ୍କା ବିପକ୍ଷ ସେମିରେ ପାକିସ୍ତାନ ଧରାଶାୟୀ

ଦୁବାଇ, ୧୧।୯ (ଏଜେନ୍ସି): ୟୁଏଇରେ ଚାଲିଥିବା ମହିଳା ଏସିଆ କପ୍ ଟି-୨୦ କ୍ରିକେଟ୍‌ର ଦ୍ୱିତୀୟ ସେମିଫାଇନାଲ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦୁବାଇରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଶ୍ରୀଲଙ୍କା ଅଧିନାୟିକା ଚମାରି ଅଟ୍ଟାପାଟୁ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ କିନ୍ତୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ପାକିସ୍ତାନ ୧୩ ଓଭରରେ ୪ ୱିକେଟ ହରାଇ ୭୫ ରନ ସଂଗ୍ରହ କରିଛି। ଓପନର୍ ସୱାଲ ଜୁଲଫିକର ୧୬ ବଲରେ ୨୪, ମୁନୀବ ଅଲି ୮ ବଲରେ ୨, ଆୟେଶା ଜାଫର ୮ ବଲରେ ୭ ଓ ସଦାଫ ସାମାସ ୧୧ ବଲରେ ୮ ରନ କରି ଆଉଟ୍ ହୋଇଛନ୍ତି। ଗୁଲ୍ ଫିରୋଜା ୧୭ ରନ କରି ଅପରାଜିତ ରହିଛନ୍ତି। ଶ୍ରୀଲଙ୍କା ପକ୍ଷରୁ ଅଧିନାୟିକା ଚାମାରି ସଫଳ ବୋଲର ଭାବରେ ଦୁଇଟି ୱିକେଟ୍ ନେଇଛନ୍ତି। ଏହି ମ୍ୟାଚରେ ବିଜୟୀ ଦଳ ରବିବାର ଫାଇନାଲରେ ଭାରତକୁ ଭେଟିବ। ପୂର୍ବରୁ ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୪୦ ରନରେ ବାଂଲାଦେଶକୁ ପରାସ୍ତ କରିଥିଲା।

**ଏସିଆ କପ୍ ଜୁନିଅର ହକି**

# ଅଧିନାୟକ ଅନମୋଲ୍‌ଙ୍କ କମାଲ୍; ଫାଇନାଲରେ ଭାରତ




ବିବେକ ଲାକ୍ରା

ମୋକି, ୧୧।୯ (ଏଜେନ୍ସି)

ଚାଇନାର ମୋକିରେ ଚାଲିଥିବା ଏସିଆ କପ୍ ଜୁନିଅର ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଓଡ଼ିଆ ଖେଳାଳି ଅନମୋଲ୍ ଏକ୍କାଙ୍କ ନେତୃତ୍ୱାଧୀନ ଭାରତୀୟ ଯୁବ ଦଳ ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ୩-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଥିଲା। ଅଧିନାୟକ ଅନମୋଲ୍ ଦୁଇଟି ଗୋଲ୍ ଦେଇ ଭାରତକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ରବିବାର ଟାଇଟଲ୍ ପାଇଁ ଲଢ଼େଇ ହେବ। ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣ କୋରିଆ ୪-୧ ଗୋଲରେ ପାକିସ୍ତାନକୁ ମାତ୍ ଦେଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଭାରତ ଏଥର ବିଜୟୀ ହେଲେ କ୍ରମାଗତ ତୃତୀୟ ଓ ମୋଟ୍ ଉପରେ ଷଷ୍ଠ (୨୦୦୪, ୨୦୦୮, ୨୦୧୫, ୨୦୨୩, ୨୦୨୪)ଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିବ।

ଶୁକ୍ରବାର ଭାରତ ଓ ମାଲେସିଆ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ କ୍ୱାର୍ଟରରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟର ପ୍ରାରମ୍ଭରୁ ଅନମୋଲ୍‌ଙ୍କ ଗୋଲ୍ ବଳରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ଏହି ଅଗ୍ରଣୀ ବଜାୟ ରଖିଥିଲା। ଏହାପରେ ତୃତୀୟ କ୍ୱାର୍ଟର ମଧ୍ୟ ଗୋଲ୍‌ଶୂନ୍ୟ ଦେଖିବାକୁ ମିଳିଥିଲା। ତେବେ ନିର୍ଣ୍ଣାୟକ ଚତୁର୍ଥ କ୍ୱାର୍ଟର ବେଶ୍ ରୋମାଞ୍ଚକ ରହିଥିଲା। ୫୧ତମ ମିନିଟରେ ସୁଖବିନ୍ଦର ସିଂହ ଓ ଏହାର ତିନି ମିନିଟ୍ ପରେ ଅଧିନାୟକ ଅନମୋଲ୍ ଆଉ ଏକ ଗୋଲ୍ ଦେଇଥିଲେ। ଫଳରେ ଭାରତ ୩-୦ରେ ଏକପାଖିଆ ଅଗ୍ରଣୀ ରହିଥିଲା। ମ୍ୟାଚର ଅନ୍ତିମ ତଥା ୬୦ତମ ମିନିଟରେ ମାଲେସିଆ ଗୋଟିଏ ଗୋଲ୍ ଶୁଝିବାରେ ସମର୍ଥ ହୋଇଥିଲା। ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଆ ଗୋଲ୍‌କିପର ବିବେକ ଲାକ୍ରା ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅପରପକ୍ଷରେ ଭାରତୀୟ ମହିଳା ଦଳ ଶନିବାର ସେମିଫାଇନାଲରେ ଦକ୍ଷିଣ କୋରିଆକୁ ଭେଟିବ। କ୍ୱାର୍ଟରରେ ଭାରତ ୧୯-୦ ଗୋଲରେ ପାକିସ୍ତାନକୁ ମାତ୍ ଦେଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS